# ସିଆଲକୋଟ୍ ଅଭିଭାଷଣ

(ଲେକଚର ସିଆଲକୋଟ୍)

ଲେଖକ:
ହଜରତ ମିର୍ଜା ଗୁଲାମ ଅହମଦ[ଅ.ସ]
ପ୍ରତିଶ୍ରୁତ ମସିହ ଓ ମେହଦୀ

# ସିଆଲକୋଟ୍ ଅଭିଭାଷଣ

(ଲେକଚର୍ ସିଆଲକୋଟ୍)

ଲେଖକ:
**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ
ପ୍ରତିଶ୍ରୁତ ମସିହ ଓ ମେହଦୀ

# ସିଆଲକୋଟ୍ ଅଭିଭାଷଣ

ମୂଳ ଉର୍ଦ୍ଦୁ : 'ଲେକଚର୍ ସିଆଲକୋଟ୍'
ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**ଅ.ସ, ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ
ଓଡ଼ିଆ ରୂପାନ୍ତର: ମୌ. ଶେଖ୍ ମହେରବାନ୍ ଖାନ୍
ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍‌ପୁର, ପଞ୍ଜାବ (ଭାରତ)- ୧୪୩୫୧୬
ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)
ପ୍ରକାଶନ ବର୍ଷ : ୨୦୨୪, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୩୦୦)

## SIALKOT ABHIBHASAN
## 'Lecture Sialkot'

*Author of the Book* : **Hazrat Mirza Ghulam Ahmad**as
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Shekh Meherban Khan**, Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2024, First Edition in Odia (300 copies)
*Printed at* : Fazle Umar Printing Press, Qadian (India)

*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*

**ISBN:**



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ପ୍ରତିଶ୍ରୁତ ମସିହ ଓ ମେହଦୀ

# ପରିଚୟ

ଈଶ୍ୱର ପ୍ରେରିତ ଯୁଗ ପ୍ରବର୍ତକ ହଜରତ ମସିହ ମଉଦ [ଅ.ସ]ଙ୍କର ଉକ୍ତ ଯୁଗାନ୍ତକାରୀ ଭାଷଣ "ଲେକଚର୍ ସିଆଲକୋଟ୍" ପାକିସ୍ତାନ ଠାରେ ୨ ନଭେମ୍ବର ୧୯୦୪ ମସିହାରେ ଏକ ଜନ ସମାବେଶରେ ପାଠ କରା ଯାଇଥିଲା । ପୁଣ୍ୟଶ୍ଳୋକ ସେଥିରେ ଇସଲାମ ଧର୍ମର ବୈଶିଷ୍ଟ୍ୟକୁ ପ୍ରତିପାଦନ କରି ଘୋଷଣା କରିଥିଲେ ଯେ,

ମୁଁ ପରମେଶ୍ୱରଙ୍କ ପ୍ରତିଶୃତି ଅନୁଯାୟୀ ଏବଂ ସମୟର ଆହ୍ୱାନ କ୍ରମେ ତଥା ମାନବଜାତିକୁ ପାପରୁ ମୁକ୍ତି ପ୍ରଦାନ କରିବା ପାଇଁ ଆସିଛି । ଏହା ହିଁ ମୋର ଆଗମନର ଏକମାତ୍ର ଉଦ୍ଦେଶ୍ୟ । ସେ କହିଛନ୍ତି ଯେ, ମୋର ଏହି ଯୁଗରେ ଈଶ୍ୱରଙ୍କ ନିକଟରୁ ଆସିବା କେବଳ ମୁସଲମାନମାନଙ୍କ ସୁଧାର ସକାଶେ ଅଭିପ୍ରେତ ନୁହେଁ, ବରଂ ମୁସଲମାନ, ହିନ୍ଦୁ ଏବଂ ଖ୍ରୀଷ୍ଟିୟାନ ଏହି ତିନି ସମ୍ପ୍ରଦାୟର ସୁଧାର ମୋହର ଲକ୍ଷ୍ୟ ।

ହଜରତ ଖଲିଫତୁଲ ମସିହ ପଞ୍ଚମ [ଅ.ବ]ଙ୍କର ନିର୍ଦ୍ଦେଶକ୍ରମେ ମଜଲିସ ଅନ୍‌ସାରୁଲ୍ଲାଃ, ଭାରତ ଏହି ପୁସ୍ତକକୁ ବିଶେଷ କରି ନବଦୀକ୍ଷିତ ଅହମଦୀମାନଙ୍କ ନିମନ୍ତେ ପ୍ରକାଶିତ କରୁଅଛି । ଏହାର ଓଡ଼ିଆ ଅନୁବାଦ ମୌଲବୀ ଶେଖ୍ ମହେରବାନ୍ ଖାନ୍, ମୁସାବନୀ (ଝାରଖଣ୍ଡ)ଙ୍କ ଦ୍ୱାରା କରାଯାଇଛି । ପୁସ୍ତକ ସମୀକ୍ଷା ଓ ଆମୂଳଚୂଳ ସଂଶୋଧନ ରିଭ୍ୟୁ କମିଟି ଓଡ଼ିଶାର ସଭାପତି ଇଂ. ରୌଶନ ଖାନ୍, କେରଙ୍ଗଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଶବ୍ଦ ଅଳଙ୍କରଣ ଓ ଅକ୍ଷର ସଜାରେ ମୌଲବୀ ଅନୱର ଅହେମଦ ଖାନ୍, ଇନ୍‌ଚାର୍ଜ ଓଡ଼ିଆ ଡେସ୍କ ଏବଂ ଶ୍ରୀମତୀ ଆଲିୟା ମେହମୁଦ୍ ଏମ.ଏ. ସହଯୋଗ କରିଛନ୍ତି । ଏମାନେ ସମସ୍ତେ ଧନ୍ୟବାଦର ପାତ୍ର ଈଶ୍ୱର ଆମ ସମସ୍ତଙ୍କୁ ଉତ୍ସର୍ଗୀକୃତ ଧର୍ମ ସେବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ବିନୀତ

ହାଫିଜ୍ ମଖଦୁମ୍ ଶରିଫ୍

ନାଜିର ନଶ୍‌ରୋ ଓ ଇଶାଅତ୍ , କାଦିୟାନ୍

## ହୁଦଲ୍ ଲିଲ୍‌ମୁତ୍‌ତକୀନ୍
### ଧର୍ମନିଷ୍ଠମାନଙ୍କ ପାଇଁ ସତ୍‌ଶିକ୍ଷା

'ରଶିଦ୍ ମୁଜ୍‌ଦେଃ ଜେଗୈବମ୍ କେ ମନ୍‌ହୁମା ମର୍ଦୁମ୍ କେ ଓ ମୁଜଦ୍ଦିଦ୍ ଇଁ ଦୀନ୍ ଓ ରହ୍‌ନୁମା ବାଶଦ୍'

ଅର୍ଥ: ମୋ ପ୍ରତି ଅଦୃଶ୍ୟରୁ ସୁସମାଚାର ପହଞ୍ଚିଛି ଯେ, ମୁଁ ସେହି ବ୍ୟକ୍ତି ଯେକି ଏହି ଧର୍ମର ସଂସ୍କାରକ ଓ ମାର୍ଗଦର୍ଶକ (ହୋଇ) ଆସିଛି ।

'ମନମ୍ ମସିହ୍ ବବାଙ୍ଗେ ବୁଲନ୍ଦ୍ ମୀ ଗୋୟମ୍ ମନମ୍ ଖଲିଫାଃ ଶାହେ କେ ବର୍‌ସମା ବାଶଦ୍'

ଅର୍ଥ: ମୁଁ ଉଚ୍ଚ ସ୍ୱରରେ ଘୋଷଣା କରୁଛି ଯେ, ମୁଁ ହିଁ ହେଉଛି ମସିହ ଏବଂ ମୁଁ ସେହି ମହାପ୍ରତାପୀ (ଈଶ୍ୱରଙ୍କର) ଖଲିଫା (ଅଧିନାୟକ) ଯେ କି ଆକାଶରେ ଅଧିଷ୍ଠିତ ରହିଛନ୍ତି ।

'ଚୁନିଁ ଜମାନାଃ ଚୁନିଁ ଦୌର ଇଁ ଚୁନିଁ ବରକାତ୍ ତୁ ବେନସିବ୍ ରଓ୍ୱି ଓ୍ୱହ କେ ଇଁ ଶକା ବାଶଦ୍'

ଅର୍ଥ: ଏହା ଏପରି କଲ୍ୟାଣମୟ ଯୁଗ ଓ ଏପରି ଆଶିଷପ୍ରଦ କାଳ, ତଥାପି ଯଦି ତୁମେ ଏଥିରୁ ହତଭାଗା ରହିଯିବ ତେବେ ଏହା କେତେ ଯେ ଦୁର୍ଭାଗ୍ୟପୂର୍ଣ୍ଣ ବିଷୟ (ହେବ) !

'ସିୟାହ୍ ବାଦେ ରୁଖେ ବଖତେ୍ ମନ୍ ଅଗର୍ ବଦିଲମ୍ ଦିଗର ଗର୍ଜ ବୟୁଜ୍ ଅଯ୍ ୟାରେ ଆଶନା ବାଶଦ୍'

ଅର୍ଥ: ମୋର ଭାଗ୍ୟର ଚେହେରା କଳା ପଡ଼ିଯିବ ଯଦି ମୋର ହୃଦୟରେ ଈଶ୍ୱର (ପ୍ରିୟତମ ସଖା)ଙ୍କ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ରହିଥାଏ ।

ଈଶ୍ୱର ପ୍ରେରିତ

ପ୍ରତିଶ୍ରୃତ ମସିହ ଓ ମେହ୍‌ଦୀ

ଉଚ୍ଚ ଆକାଂକ୍ଷିତ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀଙ୍କର

ସାରଗର୍ଭକ ଭାଷଣ, ଯାହାକି ଇସଲାମ୍ ନାମରେ ପ୍ରେରିତ(ସମର୍ପିତ)

## ଉର୍ଦ୍ଦୁ ପଦ୍ୟର ଓଡ଼ିଆ ଅନୁବାଦ

ଆମଦେ ମେହ୍‌ଦୀ ମାହୁଦ୍‌[ଅ.ସ] ମୁବାରକ୍ ହୋଓ୍ୱେ ମକଦମେ ଇସା ମଉଦ୍‌[ଅ.ସ] ମୁବାରକ୍ ହୋଓ୍ୱେ

**ଅଙ୍ଗୀକୃତ ମେହଦୀ [ଅ.ସ]ଙ୍କର ଆଗମନ ଶୁଭଙ୍କର ହେଉ, ପ୍ରତିଶ୍ରୁତ ମସିହ୍ [ଅ.ସ]ଙ୍କର ପଦାର୍ପଣ କରିବା ମଙ୍ଗଳମୟ ହେଉ ।**

ଆଜ୍ ସିଲକୋଟ ହୁଆ ଗୈରତେ ଫିରଦୌଶ୍ ଓ ଇରମ୍ ଶରଫେ ଅଫଜାଇ ମସଉଦ ମୁବାରକ ହୋଓ୍ୱେ

**ଆଜି ସିଆଲକୋଟ ଭୂମୀ ହେଲା ବୈକୁଣ୍ଠ ଓ ସ୍ୱର୍ଗର ପାରିଜାତ, ତାହାଙ୍କ (ଆଶୀର୍ବାଦ ଯୋଗୁଁ) ସୌଭାଗ୍ୟଶାଳୀ ହେବାରେ ଅଭିବୃଦ୍ଧି ଘଟିଲା ।**

ଆଗୟା ଆଜ୍ ଓ୍ୱହ ଦୁନିଆ ମେଁ ଇମାମେ ଆଜମ୍ ହାକିମେ ଆଦିଲ ଓ୍ୱ ମେହମୁଦ୍ ମୁବାରକ୍ ହୋଓ୍ୱେ

**ଆଜି ସେ ଶ୍ରେଷ୍ଠ ଧର୍ମାଧ୍ୟକ୍ଷ ହୋଇ ଜଗତକୁ ଆସିଛନ୍ତି, ନ୍ୟାୟ ବିଚାରକ ଓ ସର୍ବ ପ୍ରଶଂସିତ ମଙ୍ଗଳମୟ ହେଉ ।**

ବତୁଫଏଲ ଉସକେ ହମେଁ ବଖଶ୍ ତୁ ମୌଲାଏ କରିମ୍ ! ଫଜଲ୍ ଓ ରହମତ୍ ତେରି ଔର ଜୋଦ ମୁବାରକ୍ ହୋଓ୍ୱେ

**ହେ କୃପାନିଧି ପ୍ରଭୁ ! ସେହି (ମହାତ୍ମାଙ୍କ) ମାଧ୍ୟମରେ ଆମକୁ କ୍ଷମା କରିଦିଅ, ତୁମ୍ଭର ଦୟା ଓ କରୁଣା ଏବଂ ବଦାନ୍ୟତା ଆଶିଷଦାୟକ ହେଉ ।**

ସିଆଲକୋଟ୍‌ର ଏହି ମାଟିକୁ ଅଲ୍ଲାଃତାଲା କିଛି ଏପରି ଗୌରବାନ୍ୱିତ କରିଛନ୍ତି ଯେ, ସେଥିରେ ପବିତ୍ର ସମ୍ପ୍ରଦାୟ ପ୍ରତି ଗଭୀର ନିଷ୍ଠା ଓ ପ୍ରେମରେ ପରିପୂର୍ଣ୍ଣ ହୃଦୟ ବହନ କରିଥିବା ସମର୍ଥନକାରୀ ଅନୁଗାମୀ ବହୁଳ ସଂଖ୍ୟାରେ ରହିଛନ୍ତି । ଯେତେବେଳେ ମହାମାନ୍ୟ ମସିହ ମଉଦ[ଅ.ସ] ଲାହୋର ଯାତ୍ରା ସମ୍ପନ୍ନ କରିସାରି ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ସିଆଲକୋଟ୍ ଜମାଅତର ଅତ୍ୟନ୍ତ ଶ୍ରଦ୍ଧା ଓ ସାନୁନୟ ଅନୁରୋଧ ରକ୍ଷାପୂର୍ବକ ହୁଜୁର[ଅ.ସ] ଯେ କି ସ୍ନେହ ଓ ଭକ୍ତ ବତ୍ସଳତାର ସାକ୍ଷାତ ଦେବ ପ୍ରତିମା ଥିଲେ ୧୯୦୪ ମସିହା ଅକ୍ଟୋବର

ମାସ ୨୮ ତାରିଖ ଦିନ ନିଜର ପରିବାର ଓ ଅନୁଗାମୀମାନଙ୍କୁ ସାଙ୍ଗରେ ଧରି ରେଳ ଗାଡିରେ ବସି ଲାହୋର ମଧ୍ୟ ଦେଇ ସିଆଲକୋଟ୍‌ରେ ପଦାର୍ପଣ କଲେ । ରାସ୍ତାରେ ସବୁ ରେଳ ଷ୍ଟେସନରେ ସ୍ଥାନୀୟ ଜମାଅତର ଲୋକମାନେ ଅତ୍ୟନ୍ତ ଆଗ୍ରହ ଓ ଉତ୍ସୁକତା ସହକାରେ ସାକ୍ଷାତ କରିବା ପାଇଁ ହାଜର ହୋଇ ଯାଉଥିଲେ । ସିଆଲକୋଟ୍ ଷ୍ଟେସନରେ ସନ୍ଧ୍ୟା ସାଢେ ଛ'ଟାରେ ଗାଡି ପହଁଞ୍ଚିଲା । ବିରୋଧୀ ମୌଲବୀଗଣ ଏଥି ପୂର୍ବରୁ ମୌଲାନା ଅବ୍ଦୁଲ୍ କରିମ୍ (ସିଆଲକୋଟ୍ ନିବାସୀ)ଙ୍କର ପ୍ରବଚନରେ ଉତ୍‌କ୍ଷିପ୍ତ ହୋଇ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଇବା ଓ ବାଟ ଓଗାଳିବାରେ ବ୍ୟସ୍ତ ଥିଲେ । ସେମାନେ ବକ୍ତବ୍ୟରେ କହୁଥିଲେ ଯେ, ଯେଉଁ ବ୍ୟକ୍ତି ମଧ୍ୟ ମିର୍ଜା ସାହେବ (ମିର୍ଜା ଗୁଲାମ ଅହମଦ୍)ଙ୍କୁ କେବଳ ଦେଖିବାକୁ ଯିବ, ତାହାର ନିକାହ (ବୈବାହିକ ବନ୍ଧନ) ଭାଙ୍ଗିଯିବ ଏବଂ ସେ ମୂର୍ତଦ୍ (ବିଧର୍ମୀ) ହୋଇଯିବ । ମାତ୍ର ଈଶ୍ୱର କି କେବେ ସେମାନଙ୍କର ଏପରି ବିରୁଦ୍ଧାଚରଣକୁ ପ୍ରଶୟ ଦେଇଥାନ୍ତେ ଭଲା ? ଲୋକମାନଙ୍କ ମଧ୍ୟରେ ଆପଣା ଛାଏଁ ଏପରି ହଇଚଇ ସୃଷ୍ଟି ହୋଇଗଲା ଯେ, ସେମାନେ ତାଙ୍କର ଦର୍ଶନ ଲାଭ କରିବା ସକାଶେ ଅତି ଉତ୍ସୁକତାର ସହିତ ବହୁ ଆଗରୁ ଷ୍ଟେସନ ଓ ପ୍ଲାଟଫର୍ମରେ ତଥା ସଡ଼କ ଓ ବଜାର ମଧ୍ୟରେ ସହସ୍ର ସଂଖ୍ୟକ ଲୋକମାନଙ୍କ ଭିଡ଼ ଜମା ହୋଇଗଲା, ଏପରିକି ପୁଣ୍ୟଶ୍ଲୋକଙ୍କ ଆଗମନ ହେବା ବେଳକୁ ଏକ ବିଶାଳ ମେଳା ସଦୃଶ ଲୋକାରଣ୍ୟ ଏକତ୍ରିତ ହୋଇଗଲା । ଏକ ସପ୍ତାହ ଧରି ସିଆଲକୋଟ୍‌ରେ ଏପରି ଧର୍ମଚର୍ଚ୍ଚା ଜନିତ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଲା, ତାହାର ଦୃଷ୍ଟାନ୍ତ ଆଜି ପର୍ଯ୍ୟନ୍ତ ଦେଖାଯାଇ ନାହିଁ ।

ସିଆଲକୋଟ୍ ଜମାଅତର ଅତିଥି ସତ୍କାର ବ୍ୟବସ୍ଥା ଏପରି ଉଚ୍ଚ କୋଟିର ହୋଇଥିଲା ଯେ, ତାହା ପ୍ରତ୍ୟେକ ଦୃଷ୍ଟିକୋଣରୁ ପ୍ରଶଂସନୀୟ ଓ ଅଭିନନ୍ଦନୀୟ ଥିଲା । ଅସଲରେ ତାହା ସିଆଲକୋଟ୍ ଜମାଅତ ପାଇଁ ଏକ ଅପୂର୍ବ ସୁଯୋଗ ଓ ଶୁଭ ଅବସର ଆଣିଦେଲା । କାରଣ ସେମାନଙ୍କ ଗହଣରେ ବସି ଈଶ୍ୱରଙ୍କ ମସିହ ଏହି ବକ୍ତବ୍ୟକୁ ଲେଖିଲେ ଏବଂ ପାଠ କରାଇ ଶୁଣାଇଲେ । ହେ ସହରର ବାସିନ୍ଦା ! ଯାହାକୁ ଈଶ୍ୱର ପ୍ରେରିତ ଯୁଗପୁରୁଷ ନିଜ ମାତୃଭୂମି ସମ ପ୍ରିୟ ବୋଲି ଭାବୁଛି, ତୁମମାନଙ୍କର କଲ୍ୟାଣ ହେଉ ଯେ, ଈଶ୍ୱରଙ୍କ ମସିହ ତୁମ ଗହଣରେ ଆସି ଉପସ୍ଥିତ ହେଲେ ଏବଂ ମହତ୍ୱପୂର୍ଣ୍ଣ ଧର୍ମ ସମାବେଶର ସମ୍ମାନ ଓ ଗୌରବ

ତୁମମାନଙ୍କୁ ହାସଲ ହେଲା ।

ହେ ପାବନ ଭୂମି "ତୁମେ ଧନ୍ୟ ହୁଅ ଓ ଆନନ୍ଦିତ ହୁଅ ଏବଂ ହର୍ଷ ଉଲ୍ଲାସର ଗୀତ ଗାଅ ଯେ, ତୋର ମାଟିରେ ମେହଦୀ ଆସି ପଦାର୍ପଣ କରିଛନ୍ତି ।"

ହେ ଈଶ୍ୱରଙ୍କ ମସିହ ! ଚିର ବନ୍ଦନୀୟ ହେ କୃଷ୍ଣ ଗୋପାଳ ! ଜଗତରେ ତୁମରି ମହିମା ଉଦ୍ଭାସିତ ହେଉ । ତୁମରି ଚରଣର ଆଶିଷରୁ ଲୋକମାନେ ସତ୍‌ପଥର ଜ୍ୟୋତି ପ୍ରାପ୍ତ କରନ୍ତୁ ଏବଂ ଅଜ୍ଞାନ ତମସାର ଗହ୍ୱର ମଧ୍ୟରୁ ବାହାରନ୍ତୁ । ଆମିନ୍ ।

ବିନୀତ ମୌଲା ବଖଶ୍ ଅହମଦୀ ଭଟ୍ଟୀ

ଗ୍ରାମ : ଚୌଣ୍ଡା, ତହସିଲ: ଜଫରୱାଲ୍,

ଜିଲ୍ଲା : ସିଆଲକୋଟ୍

بِسۡمِ اللّٰهِ الرَّحۡمٰنِ الرَّحِيۡمِ
نَحۡمَدُهٗ وَنُصَلِّیۡ عَلٰی رَسُوۡلِهِ الۡکَرِيۡمِ

## ଇସଲାମ୍

ବିଶ୍ୱର ବିବିଧ ଧର୍ମଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାପଡ଼ିବ ଯେ, କେବଳ ଇସଲାମ ଧର୍ମ ବ୍ୟତୀତ ପ୍ରତ୍ୟେକ ଧର୍ମ ନିଜ ଭିତରେ କୌଣସି ନାକୌଣସି ଦୋଷ ତ୍ରୁଟି ବହନ କରିଛି । ତାହା ଏଥିପାଇଁ ନୁହେଁ ଯେ, ବାସ୍ତବପକ୍ଷେ ସେହି ଧର୍ମଗୁଡ଼ିକ ପ୍ରାରମ୍ଭରୁ ହିଁ ଅସତ୍ୟ ରହିଛି । ବରଂ ଏଥିପାଇଁ ଯେ, ଇସଲାମର ଆବିର୍ଭାବ ହେବା ପରେ ଈଶ୍ୱର ଅନ୍ୟ ପ୍ରତ୍ୟେକ ସମ୍ପ୍ରଦାୟ ଠାରୁ ନିଜ ସମର୍ଥନ ପ୍ରତ୍ୟାହାର କରି ନେଲେ ଏବଂ ସେଗୁଡ଼ିକ ଏପରି ଉଦ୍ୟାନ ସଦୃଶ ପାଲଟି ଗଲା ଯାହାର କୌଣସି ମାଳୀ ନଥାଏ । ଯାହାର ସିଞ୍ଚନ ଓ ସଫା ସୁତୁରା କରି ରଖିବାକୁ ଅର୍ଥାତ ଯତ୍ନ ନେବାର କୌଣସି ବ୍ୟବସ୍ଥା କରାଗଲା ନାହିଁ । ସେଥିପାଇଁ ଧିରେ ଧିରେ ସେଗୁଡ଼ିକ ମଧ୍ୟରେ ନାନା ତ୍ରୁଟିବିଚ୍ୟୁତି ସୃଷ୍ଟି ହେଲା ଏବଂ ସେମାନେ ଏପରି ବଗିଚାରେ ପରିଣତ ହେଲେ ଯାହାର କେହି ମାଳି (ପ୍ରତିପାଳକ) ନଥାଏ । ପରିଣାମ ସ୍ୱରୂପ, ସବୁ ଫଳଦାୟକ ବୃକ୍ଷ ଶୁଖିଗଲା ଏବଂ ତାହାର ସ୍ଥାନ ନେଲା କଣ୍ଟା ଜାତୀୟ ତରୁ ଓ ଅନାବନା ଲତା ଆଦି ଏବଂ ଆଧ୍ୟାତ୍ମିକତା ଯାହାକି ଧର୍ମର ମୌଳିକ ଉପାଦାନ, ସେସବୁ ସମ୍ପୂର୍ଣ୍ଣ ରୂପେ ଅପସରି ଗଲା । କେବଳ ଅସତ୍ୟର ଶୁଷ୍କ ଶବ୍ଦ ଯାହା (ସେମାନଙ୍କ) ହାତରେ ରହିଗଲା । କିନ୍ତୁ ପରମେଶ୍ୱର ଇସଲାମ ଧର୍ମ ସହିତ କଦାପି ଏତାଦୃଶ (ଆଚରଣ) କଲେ ନାହିଁ । ଯେହେତୁ ସେ ଏହା ପସନ୍ଦ କରୁଥିଲେ ଯେ, ଏହି ଉଦ୍ୟାନଟି ଚିର ଶସ୍ୟଶ୍ୟାମଳ ହୋଇ ରହିଥାଉ, ସେଥିପାଇଁ ସେ ପ୍ରତ୍ୟେକ ଶତାବ୍ଦୀରେ ଏହି ଉଦ୍ୟାନକୁ ନୂତନ ରୂପେ ଜଳ ସିଞ୍ଚନ କଲେ ଏବଂ ତାହାକୁ ଶୁଷ୍କ ହେବାରୁ ରକ୍ଷା କଲେ । ଯଦ୍ୟପି ପ୍ରତ୍ୟେକ ଶତାବ୍ଦୀର ଅଗ୍ର ଭାଗରେ ଯେବେ ବି କୌଣସି ଈଶ୍ୱରଙ୍କ ପରମଭକ୍ତ ସୁଧାର ସକାଶେ ନିଯୁକ୍ତ ହେଲେ, ନିର୍ବୋଧ ଲୋକମାନେ ତାଙ୍କର ବିରୁଦ୍ଧାଚରଣ କଲେ । ସେମାନଙ୍କୁ ଏହା ଅତ୍ୟଧିକ ଅପ୍ରିୟ ଲାଗିଲା ଯେ, ଯେଉଁ ବାଜେ ପ୍ରଥା ଓ ଦୋଷ ଦୁର୍ବଳତା ସେମାନଙ୍କ ସାମାଜିକ ଚଳଣି ଓ ରୀତିନୀତି ମଧ୍ୟରେ ପ୍ରବିଷ୍ଟ ହୋଇ ଗଲାଣି, ତାହାର ସୁଧାର

କିପରି ହେବ ? କିନ୍ତୁ ଈଶ୍ୱର ନିଜର ସୁନ୍ନତ (ଅନୁସୃତ ପନ୍ଥା)କୁ ତ୍ୟାଗ କଲେ ନାହିଁ । ଏପରିକି ସେହି ଶେଷ ଯୁଗରେ ଯେବେ କି ସତ୍‌ପଥ ଏବଂ ପଥଭ୍ରଷ୍ଟତା ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧ ହେବାର ଥିଲା, ଈଶ୍ୱର ଚତୁର୍ଦ୍ଦଶ ଶତାବ୍ଦୀ ତଥା ଅନ୍ତିମ ସହସ୍ରାବ୍ଦୀର ପ୍ରାରମ୍ଭରେ ମୁସଲମାନଙ୍କୁ ଚରମ ଉଦାସୀନତା ଓ ବିଭ୍ରାନ୍ତି ମଧ୍ୟରେ ପତିତ ଥିବାର ଦେଖି ପୁଣି ନିଜର ବଚନବଦ୍ଧତାକୁ ମନେ ପକାଇଲେ ତଥା ଇସଲାମ ଧର୍ମର ନବୀକରଣ କଲେ । କିନ୍ତୁ ଅନ୍ୟ ଧର୍ମଗୁଡ଼ିକୁ ଆମ ନବୀ ହଜରତ ମୁହମ୍ମଦ ସ.ଅଙ୍କ (ଆଗମନ) ପରେ ଏହି ନବୀକରଣ କେବେ ପ୍ରାପ୍ତ ହେଲା ନାହିଁ । ସେଥିଯୋଗୁଁ ସେହିସବୁ ଧର୍ମ ନିର୍ଜୀବ ପାଲଟିଗଲେ । ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକତା ବାକି ରହିଲା ନାହିଁ ତଥା ଅନେକ ତ୍ରୁଟିବିଚ୍ୟୁତିର ମଳିନ ଆବରଣ ଏପରି ଜମିଗଲା ଯେପରି ବହୁଳ ଭାବେ ବ୍ୟବହୃତ ଲୁଗା ଉପରେ, ଯାହାକୁ ଆଦୌ କେବେ ଧୁଆ ଯାଇ ନଥାଏ । ଫଳତଃ ସେଥିରେ ମଇଳାର ଏକ ମୋଟା ଆବରଣ ବସିଯାଏ । ଆଧ୍ୟାତ୍ମିକ ବିହୀନ ଏପରି ଲୋକ ଯେଉଁମାନଙ୍କର ନଫ୍‌ସେ ଅମ୍ମାରା (ପାପାସକ୍ତ ଆତ୍ମା) କୁତ୍ସିତ କାମସକ୍ତ ପ୍ରବୃତ୍ତିର ଭୋଗବିଳାସମୟ ଜୀବନରୁ ପବିତ୍ର ନଥିଲା, ସେମାନେ ନିଜର କାମନା ବାସନାଯୁକ୍ତ ସ୍ୱାର୍ଥ ଅନୁଯାୟୀ ସେହି ଧର୍ମମାନଙ୍କରେ ଅନୁଚିତ ଓ ଅଯଥା ହସ୍ତକ୍ଷେପ କରି ତାହାର ରୂପକୁ ଏପରି ବିଗାଡି ଦେଇଛନ୍ତି ଯେ, ସେଗୁଡିକ ଏବେ ଲାଗୁଛି ଯେପରି କୌଣସି ଭିନ୍ନ ବସ୍ତୁ । ଉଦାହରଣ ସ୍ୱରୂପ ଖ୍ରୀଷ୍ଟଧର୍ମକୁ ଦେଖ, ଯାହା ପ୍ରାରମ୍ଭରେ କିପରି ପବିତ୍ର ସିଦ୍ଧାନ୍ତ ଉପରେ ଆଧାରିତ ଥିଲା ତଥା ଯେଉଁ ଶିକ୍ଷାକୁ ହଜରତ ଯୀଶୁ ମସିହଅ.ସ ଆଣିଥିଲେ । ଯଦିଚ ସେହି ଶିକ୍ଷା ପବିତ୍ର କୁରଆନର ଶିକ୍ଷା ସମ୍ମୁଖରେ ଅସମ୍ପୂର୍ଣ୍ଣ ଥିଲା, କାରଣ ସେତେବେଳେ ଶିକ୍ଷା ସମ୍ପୂର୍ଣ୍ଣ ହେବାର ସମୟ ଆସି ନଥିଲା ତଥା ଦୁର୍ବଳ ସାମର୍ଥ୍ୟ ବଶତଃ ଉକ୍ତ ଶିକ୍ଷା ପ୍ରଯୁଜ୍ୟ (ସମୟାନୁକୂଳ) ନଥିଲା । ତଥାପି ସେହି ଶିକ୍ଷା ନିଜ ସମୟ ଅନୁସାରେ ଅତ୍ୟନ୍ତ ଉତ୍ତମ ଥିଲା । ତାହା ସେହି ପରମେଶ୍ୱରଙ୍କ ଆଡକୁ ମାର୍ଗଦର୍ଶନ କରୁଥିଲା, ଯାହା ପ୍ରତି ତୌରାତ୍ (ଧର୍ମଗ୍ରନ୍ଥ) ଦିଶା ନିର୍ଦ୍ଦେଶ କରିଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ମସିହ ଅ.ସଙ୍କ ପରେ ଖ୍ରୀଷ୍ଟିୟାନମାନଙ୍କର ପ୍ରଭୁ ଅନ୍ୟ ଜଣେ ପ୍ରଭୁ ହୋଇ ଯାଇଛନ୍ତି, ଯାହାର ତୌରାତ୍ ଗ୍ରନ୍ଥରେ କିଛି ବି ହେଲେ ଉଲ୍ଲେଖ ନାହିଁ ଏବଂ ନା ଇସ୍ରାଇଲୀୟମାନଙ୍କ ପାଖରେ ଏହାର କିଛି ସୂଚନା ଅଛି । ସେହି ନୂତନ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିବା ଦ୍ୱାରା ତୌରାତ୍ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ

ଓଲଟିଗଲା ତଥା ପାପରୁ ବାସ୍ତବିକ ମୁକ୍ତି ଓ ପବିତ୍ରତା ଲାଭ କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ତୌରାତ୍‌ରେ ଥିଲା, ସେସବୁ ଓଲଟ ପାଲଟ ହୋଇଗଲା ତଥା ପାପରୁ ଉଦ୍ଧାର ପାଇ ପବିତ୍ର ହେବାର ସମସ୍ତ ଆଧାର ଏହି ବିଷୟକୁ ମାନିବା ଉପରେ ରହିଗଲା ଯେ, ହଜରତ ଯୀଶୁ ମସିହ[ଅ.ସ] ସଂସାରକୁ (ପାପରୁ) ମୁକ୍ତି ପ୍ରଦାନ କରିବା ସକାଶେ ସ୍ୱୟଂ କ୍ରୁଶକୁ ସ୍ୱୀକାର କରିନେଲେ, ଯିଏ କି ସ୍ୱୟଂ ଈଶ୍ୱର ଥିଲେ। କେବଳ ସେତିକି ନୁହେଁ, ବରଂ ତୌରାତ୍ ଗ୍ରନ୍ଥର ଅନ୍ୟ କେତେକ ସ୍ଥାୟୀ ଆଦେଶ ଭାଙ୍ଗି ଦିଆଗଲା ଏବଂ ଖ୍ରୀଷ୍ଟଧର୍ମରେ ଏକ ଏପରି ପରିବର୍ତ୍ତନ ଘଟିଲା ଯେ, ଯଦି ହଜରତ ଯୀଶୁ ମସିହ[ଅ.ସ] ସ୍ୱୟଂ ପୁନର୍ବାର ପ୍ରକଟ ହୋଇଯାଆନ୍ତି ତେବେ ସେ ଏହି ଧର୍ମକୁ ଚିହ୍ନି ପାରିବେ ନାହିଁ। ଅତ୍ୟନ୍ତ ଆଚମ୍ବିତ କଥା ଯେ, ଯେଉଁ ଲୋକମାନଙ୍କ ପାଇଁ ତୌରାତ୍ ଗ୍ରନ୍ଥର କଟକଣା ମାନିବାର କଡାକଡି ଆଦେଶ ଦିଆଯାଇ ଥିଲା, ସେମାନେ ଅଚାନକ ତୌରାତ୍‌ରେ ରହିଥିବା ନିର୍ଦ୍ଦେଶାବଳୀକୁ ପରିତ୍ୟାଗ କରିଦେଲେ। ଉଦାହରଣ ସ୍ୱରୂପ ବାଇବେଲ୍‌ରେ କୌଣସି ସ୍ଥାନରେ ଏହି ନିର୍ଦ୍ଦେଶ (ଦିଆଯାଇ) ନାହିଁ କୌଣସି ଠାରେ ଏହି ନିର୍ଦ୍ଦେଶ ନାହିଁ ଯେ, ତୌରାତ୍ ଗ୍ରନ୍ଥରେ ତ ଶୁକର (ମାଂସ) ଅବୈଧ, ଅଥଚ ଯୀଶୁ ଆସି (କହିଲେ) ମୁଁ ତୁମ ପାଇଁ ଏହାକୁ ବୈଧ ଘୋଷଣା କରୁଅଛି। ସେହିପର ତୌରାତ୍‌ରେ ତ ଖତ୍‌ନା (ଲିଙ୍ଗାଗ୍ର ଛେଦନ) କରିବା ପାଇଁ ତାଗିଦ କରାଯାଉ ଥିଲା, କିନ୍ତୁ ମୁଁ ଏହି ଆଦେଶକୁ ରଦ୍ଦ କରୁଅଛି।

ପୁନଶ୍ଚ ଏହା କେତେ ଯୁକ୍ତିଯୁକ୍ତ ଥିଲା ଯେ, ଯେଉଁ ବାଣୀ ହଜରତ ଇସା ମସିହ [ଅ.ସ]ଙ୍କ ମୁଖରୁ ନିଃସୃତ ହୋଇ ନାହିଁ, ତାହାକୁ ଧର୍ମରେ ସ୍ଥାନିତ କରି ଦିଆଯିବ। ପୁଣି ଯେହେତୁ ଏହା ଜରୁରୀ ଥିଲା ଯେ, ପରମେଶ୍ୱର ଏକ ବିଶ୍ୱବ୍ୟାପୀ ଧର୍ମ ଅର୍ଥାତ ଇସଲାମକୁ ପୃଥିବୀରେ ଆରୋପିତ କରନ୍ତୁ, ସେଥିପାଇଁ ଖ୍ରୀଷ୍ଟଧର୍ମର ବିଗିଡ଼ି ଯିବା ଇସଲାମର ଆବିର୍ଭାବ ନିମନ୍ତେ ଏକ ଲକ୍ଷଣ ସ୍ୱରୂପ ଥିଲା। ଏହି ବିଷୟ ମଧ୍ୟ ପ୍ରମାଣସିଦ୍ଧ ଯେ, ଇସଲାମ (ଧର୍ମର) ଆଗମନ ପୂର୍ବରୁ ହିନ୍ଦୁଧର୍ମ ମଧ୍ୟ ବିଗିଡି ଯାଇଥିଲା। ସମଗ୍ର ଭାରତବର୍ଷରେ ସାଧାରଣତଃ ମୂର୍ତ୍ତି ପୂଜା ପ୍ରଚଳିତ ହୋଇ ଯାଇଥିଲା ଏବଂ ସେହି ଧର୍ମଭ୍ରଷ୍ଟତାର କୁପରିଣତି ସ୍ୱରୂପ ସେହି ଈଶ୍ୱର ଯେକି ନିଜ ଗୁଣାବଳୀର ପ୍ରୟୋଗରେ କୌଣସି ବସ୍ତୁ ଉପରେ ନିର୍ଭରଶୀଳ ନୁହେଁ, ଏବେ ଆର୍ଯ୍ୟ ସମାଜୀଙ୍କ ଦୃଷ୍ଟିରେ ସେ ସକଳ ପ୍ରାଣୀଙ୍କ ସୃଷ୍ଟି ସକାଶେ ନିଶ୍ଚିତ ଭାବେ ଉପାଦାନର ଆବଶ୍ୟକତା ଲୋଡ଼ିଥାନ୍ତି। ଏହି ମିଥ୍ୟା ସିଦ୍ଧାନ୍ତ (ରଖିବା) ଯୋଗୁଁ ସେମାନଙ୍କୁ ଅନ୍ୟ

ଏକ ଅବାସ୍ତବ ସିଦ୍ଧାନ୍ତ ଯାହାକି ଶିରକ୍ (ଅନ୍ୟକୁ ଈଶ୍ୱରଙ୍କ ସମତୁଲ୍ୟ କରିବା)ରେ ଭରି ରହିଛି, ତାହା ଗ୍ରହଣ କରିବାକୁ ପଡ଼ିଲା । ଅର୍ଥାତ ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ କଣିକା ଓ ସକଳ ଆତ୍ମା ସର୍ବ ପ୍ରାଚୀନ ଓ ଅନାଦି । କିନ୍ତୁ ଦୁଃଖଦ ଯେ, ଯଦି ସେମାନେ ଏକ ତିର୍ଯ୍ୟକ ଦୃଷ୍ଟି ଈଶ୍ୱରଙ୍କ ଗୁଣାବଳୀ ଉପରେ ପକାଇଥା'ନ୍ତେ ତା'ହେଲେ ଏପରି କଦାପି କହିପାରି ନଥାନ୍ତେ । କାରଣ ଯଦି ଈଶ୍ୱର ଆବାହମାନ କାଳରୁ ତାଙ୍କ ଅସ୍ତିତ୍ୱରେ ରହିଥିବା ସର୍ଜନାକାରୀ ଗୁଣରେ ଜଣେ ମନୁଷ୍ୟ ପରି କୌଣସି ବସ୍ତୁ ଉପରେ ନିର୍ଭର କରିଥା'ନ୍ତେ, ତେବେ କେଉଁ କାରଣ ଯୋଗୁଁ ସେ ନିଜର ଦେଖିବା ଓ ଶୁଣିବା ଆଦି ଗୁଣରେ ମନୁଷ୍ୟ ପରି କୌଣସି ପାର୍ଥିବ ଉପାଦାନ ଉପରେ ନିର୍ଭରଶୀଳ ନୁହନ୍ତି ? ମନୁଷ୍ୟ ବାୟୁର ମାଧ୍ୟମ ବିନା କିଛି ଶୁଣିପାରେ ନାହିଁ ଏବଂ ଆଲୋକର ମାଧ୍ୟମ ବିନା କିଛିହେଲେ ଦେଖିପାରେ ନାହିଁ । ତେବେ କ'ଣ ପରମେଶ୍ୱରଙ୍କ ଠାରେ ମଧ୍ୟ ଏପରି ଦୁର୍ବଳତା ରହିଛି ଏବଂ ସେ ମଧ୍ୟ ଶୁଣିବା ଓ ଦେଖିବା ପାଇଁ ବାୟୁ ଓ ଆଲୋକ ଉପରେ ନିର୍ଭରଶୀଳ ? ଅତଃ ଯଦି ସେ ବାୟୁ ଓ ଆଲୋକ ଉପରେ ନିର୍ଭରଶୀଳ ନୁହନ୍ତି, ତା'ହେଲେ ନିଃସନ୍ଦେହରେ ବୁଝିନିଅ ଯେ, ସେ ନିଜ ସର୍ଜନା ଶକ୍ତି ଗୁଣ (ବୈଶିଷ୍ଟ୍ୟ)ରେ ମଧ୍ୟ କୌଣସି ଉପାଦାନର ଆବଶ୍ୟକତା ଲୋଡ଼ି ନଥାନ୍ତି । ଏହି ତର୍କ ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଯେ, ପରମେଶ୍ୱର ନିଜର ନୈସର୍ଗିକ ଗୁଣାବଳୀ ପ୍ରକାଶ କରିବାରେ କୌଣସି ଉପାଦାନ ଉପରେ ନିର୍ଭରଶୀଳ । ମାନବୀୟ ଗୁଣର ଈଶ୍ୱରଙ୍କ ସମ୍ବନ୍ଧରେ ଅନୁମାନ ଲଗାଇବା ଯେ, ଶୂନ୍ୟରୁ ଅସ୍ତିତ୍ୱ (ଆକାର) ଧାରଣ କରିବା ସମ୍ଭବ ନୁହେଁ ଏବଂ ମାନବୀୟ ଦୁର୍ବଳତାକୁ ନେଇ ଈଶ୍ୱରଙ୍କ ଠାରେ ଲଦିଦେବା ବହୁତ ବଡ଼ ଭୁଲ । ମନୁଷ୍ୟର ଅସ୍ତିତ୍ୱ ସୀମିତ, କିନ୍ତୁ ଈଶ୍ୱରଙ୍କ ଦିବ୍ୟ ସତ୍ତା ଅସୀମ । ଅତଃ ସେ ନିଜସ୍ୱ ଅସ୍ତିତ୍ୱ ବଳରେ ଅନ୍ୟ ଏକ ଅସ୍ତିତ୍ୱକୁ ସୃଷ୍ଟି କରିଦେବା ହିଁ ତ ଈଶ୍ୱରତ୍ୱ ଏବଂ ସେ ନିଜର କୌଣସି ଗୁଣରେ ଉପାଦାନ ଉପରେ ନିର୍ଭର କରନ୍ତି ନାହିଁ, ଅନ୍ୟଥା ସେ ଈଶ୍ୱର ହୋଇ ନଥା'ନ୍ତେ । କ'ଣ ତାଙ୍କ କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରାଯାଇ ପାରିବ ? ଏବଂ ଯଦି ଉଦାହରଣ ସ୍ୱରୂପ ସେ ଇଚ୍ଛା କରିବେ ମୁହୂର୍ତ୍ତକେ ପୃଥିବୀ ଓ ଆକାଶକୁ ସୃଷ୍ଟି କରିଦେବେ, ତା'ହେଲେ କ'ଣ ସେ ସୃଷ୍ଟି କରିପାରିବେ ନାହିଁ ?

ହିନ୍ଦୁମାନଙ୍କ ମଧ୍ୟରେ ଯେଉଁ ଲୋକମାନେ ଭୌତିକ ଜ୍ଞାନ ସହିତ ଆଧ୍ୟାତ୍ମିକତାରୁ ଭାଗ ପାଇଥିଲେ ଏବଂ କେବଳ ଶୁଖିଲା ତର୍କକୁ ଜାବୁଡି ଧରି

ନଥିଲେ, ସେମାନଙ୍କର ଏପରି ସିଦ୍ଧାନ୍ତ ନଥିଲା ଯାହା ଆଜିକାଲି ପରମେଶ୍ୱରଙ୍କ ପ୍ରତି ଆର୍ଯ୍ୟ ସମାଜୀମାନେ ଉପସ୍ଥାପନ କରୁଛନ୍ତି । ଏହା ସମ୍ପୂର୍ଣ୍ଣ ରୂପେ ଆଧ୍ୟାତ୍ମିକ (ଜ୍ଞାନ)ର ଅଭାବର ପରିଣାମ ସ୍ୱରୂପ ।

ବସ୍ତୁତଃ ଏ ସମସ୍ତ ପ୍ରକାର ବିଶୃଙ୍ଖଳା ସେହିସବୁ ଧର୍ମରେ ସୃଷ୍ଟି ହୋଇଗଲା, ଯାହା ମଧ୍ୟରୁ କେତେକ ଚର୍ଚ୍ଚା କରିବା ଯୋଗ୍ୟ ମଧ୍ୟ ନୁହେଁ ଏବଂ ଯାହା ସେହି ମାନବୀୟ ପବିତ୍ରତାର ମଧ୍ୟ ବିପରୀତ, ଏହିସବୁ ଚିହ୍ନ ଇସଲାମ ସକାଶେ ଆବଶ୍ୟକ ଥିଲା । ଜଣେ ବୁଦ୍ଧିମାନ ବ୍ୟକ୍ତିକୁ ସ୍ୱୀକାର କରିବାକୁ ପଡିବ ଯେ, ଇସଲାମ (ଧର୍ମ) ଆସିବାର କିଛି ଦିନ ପୂର୍ବରୁ ଅନ୍ୟ ସମସ୍ତ ଧର୍ମ ବିଗିଡ଼ି ଯାଇଥିଲା ତଥା ସେମାନଙ୍କ ଠାରୁ ଆଧ୍ୟାତ୍ମିକତା ହଜି ଯାଇଥିଲା । ସୁତରାଂ ଆମ ପ୍ରିୟ ନବୀ ହଜରତ ମୁହମ୍ମଦ[ସ.ଅ] ସତ୍ୟତାର ପରିପ୍ରକାଶ ପାଇଁ ଏକ ଶ୍ରେଷ୍ଠ ସୁଧାରକ ଥିଲେ, ଯେକି ବିଲୁପ୍ତ ହୋଇଯାଇଥିବା ସତ୍ୟତାକୁ ପୁନର୍ବାର ସଂସାରକୁ ଆଣିଲେ । ଏହି ଗୌରବାନ୍ୱିତ ବିଷୟରେ ଆମ ନବୀଙ୍କ ସହିତ କେହି ବି ହେଲେ ଭାଗୀଦାର ନାହାନ୍ତି, କାରଣ ହଜରତ ମୁହମ୍ମଦ[ସ.ଅ] ସମଗ୍ର ସଂସାରକୁ ଘନ ଅନ୍ଧକାର ମଧ୍ୟରେ ପାଇଲେ । ପୁନଶ୍ଚ ଆପଣ [ସ.ଅ]ଙ୍କ ପ୍ରକଟ ହେବା ଦ୍ୱାରା ସେହି ଅନ୍ଧକାର ପ୍ରକାଶମୟ ଜ୍ୟୋତିରେ ରୂପାନ୍ତରିତ ହୋଇଗଲା । ଯେଉଁ ସମ୍ପ୍ରଦାୟରେ ସେ ପ୍ରକଟ ହେଲେ, ସେପର୍ଯ୍ୟନ୍ତ ତାଙ୍କର ମୃତ୍ୟୁ ହେଲା ନାହିଁ, ଯେପର୍ଯ୍ୟନ୍ତ ସେହି ସମଗ୍ର ଜାତି ଅନେକେଶ୍ୱରବାଦର ବସ୍ତ୍ର କାଢି ଦେଇ ଏକେଶ୍ୱରବାଦର ଜାମା ପିନ୍ଧି ନଥିଲେ । କେବଳ ସେତିକି ନୁହେଁ, ବରଂ ଲୋକମାନେ ଉଚ୍ଚ ସ୍ତରୀୟ ଈଶ୍ୱର ବିଶ୍ୱାସ ପର୍ଯ୍ୟନ୍ତ ପହଞ୍ଚିଗଲେ ଏବଂ ସେମାନଙ୍କ ଦ୍ୱାରା ସତ୍ୟ, ନିଷ୍ଠା ଓ ଆସ୍ଥା ସମ୍ୱଳିତ ଏପରି କର୍ମ ସମ୍ପାଦିତ ହେଲା, ଯାହାର ଦୃଷ୍ଟାନ୍ତ ଜଗତର କୌଣସି ଭାଗରେ ଦେଖିବାକୁ ମିଳୁ ନାହିଁ । ଏହି ସଫଳତା ଏବଂ ଏପରି ଧରଣର ମହାନ ସଫଳତା ହଜରତ ମୁହମ୍ମଦ [ସ.ଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ଅବତାରଙ୍କୁ ପ୍ରାପ୍ତ ହୋଇ ନାହିଁ । ହଜରତ ମୁହମ୍ମଦ [ସ.ଅ]ଙ୍କ ଅବତାରତ୍ୱ ପ୍ରତି ଏହା ହିଁ ଏକ ବଡ଼ ପ୍ରମାଣ ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କର ଏକ ଏପରି ଯୁଗରେ ଆବିର୍ଭାବ ତଥା ଆଗମନ ହେଲା, ଯେବେକି ସେହି ଯୁଗ ଅତ୍ୟଧିକ ଅନ୍ଧକାର ମଧ୍ୟରେ ପଡ଼ି ରହିଥିଲା ଏବଂ ସ୍ୱାଭାବିକ ଭାବରେ ଏହା ଏକ ମହାନ ସୁଧାରକଙ୍କ ବାଟ ଚାହିଁ ରହିଥିଲା । ଏବଂ ସେଥିଅନ୍ତେ ହଜରତ ମୁହମ୍ମଦ[ସ.ଅ] ଏକ ଏପରି ସମୟରେ ସଂସାରରୁ ବିଦାୟ

ନେଲେ, ଯେତେବେଳେ କି ଲକ୍ଷ ଲକ୍ଷ ମନୁଷ୍ୟ ଅନେକେଶ୍ୱରବାଦ ଓ ମୂର୍ତ୍ତିପୂଜା ପରିତ୍ୟାଗ କରି ଏକେଶ୍ୱରବାଦ ଏବଂ ସତ୍‌ପଥ ଅବଲମ୍ବନ କରି ସାରିଥିଲେ । ବାସ୍ତବ ପକ୍ଷେ ଏହି ସମ୍ପୂର୍ଣ୍ଣ ସଂସ୍କାର ଆପଣ ସ.ଅଙ୍କ ଦ୍ୱାରା ସମ୍ପାଦିତ ହେବା ନିର୍ଦ୍ଦିଷ୍ଟ ହୋଇ ରହିଥିଲା । ଯଦ୍ୱାରା ଏକ ଜଙ୍ଗଲୀ ହିଂସ୍ର ସ୍ୱଭାବୀ ଓ ପଶୁ ପ୍ରବୃତ୍ତିର ସମ୍ପ୍ରଦାୟକୁ ମାନବୀୟ ଗୁଣ (ମୂଲ୍ୟବୋଧ) ଶିଖାଇଲେ । ଅଥବା ଅନ୍ୟ ଶବ୍ଦରେ ଏପରି କୁହାଯିବ ଯେ, ପଶୁ (ସଦୃଶ ଲୋକ)ମାନଙ୍କୁ ମନୁଷ୍ୟ କଲେ ଏବଂ ପୁଣି ମନୁଷ୍ୟରୁ ସଭ୍ୟ ଓ ଶିକ୍ଷିତ ମନୁଷ୍ୟ କରାଇଲେ । ତଦୁପରାନ୍ତେ ସେହି ଶିକ୍ଷିତ ମନୁଷ୍ୟକୁ ଈଶ୍ୱରପ୍ରେମୀ ସତ୍‌ପୁରୁଷ ରୂପେ ଗଢି ତୋଳିଲେ । ସେମାନଙ୍କ ଠାରେ ନୈସର୍ଗିକ ଅନୁଭବର ମନ୍ତ୍ର ଫୁଙ୍କି ଦେଲେ ତଥା ସତ୍ୟ ପରମେଶ୍ୱରଙ୍କ ସହିତ ସେମାନଙ୍କର ନିବିଡ଼ ସମ୍ପର୍କ ସ୍ଥାପନ କଲେ । ସେମାନଙ୍କୁ ଈଶ୍ୱରଙ୍କ ମାର୍ଗରେ ଛେଳି ମେଣ୍ଢା ସଦୃଶ ବଧ କରାଗଲା ତଥା ପିମ୍ପୁଡ଼ି ପରି ସେମାନଙ୍କୁ ପାଦ ତଳେ ଦଳି ଦିଆଗଲା । ପରନ୍ତୁ ସେମାନେ ବିଶ୍ୱାସକୁ ହାତଛଡା କଲେ ନାହିଁ, ବରଂ ପ୍ରତ୍ୟେକ ବିପତ୍ତି ସମୟରେ ଆଗକୁ ପାଦ ବଢାଇଲେ । ତେଣୁ ନିଃସନ୍ଦେହରେ ଆମ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଆଧ୍ୟାତ୍ମିକତାର ପ୍ରତିଷ୍ଠା କ୍ଷେତ୍ରରେ ଦ୍ୱିତୀୟ ଆଦମ୍ ଥିଲେ । ବରଂ ପ୍ରକୃତ ଆଦମ୍ (ଆଦି ପୁରୁଷ) ସେ ହିଁ ଥିଲେ, ଯାହାଙ୍କ ଦ୍ୱାରା ଓ ମାଧ୍ୟମରେ ହିଁ ସମସ୍ତ ମାନବୀୟ ସଦ୍‌ଗୁଣାବଳୀ ଉତ୍କର୍ଷତାର ଶୀର୍ଷକୁ ପହଞ୍ଚିଲା ଏବଂ ସକଳ ପୁଣ୍ୟ ଶକ୍ତି ନିଜ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ଏବଂ ମାନବୀୟ ସ୍ୱଭାବର କୌଣସି ଶାଖା ଫଳପୁଷ୍ପ ବିହୀନ ରହିଲା ନାହିଁ । ଅତଃ ଖତ୍‌ମେ ନବୁଓ୍ୱତ୍ (ଶ୍ରେଷ୍ଠ ଅବତାର) ହେବା ନା କେବଳ ତାଙ୍କର ଯୁଗ ଶେଷରେ ଆସିବା କାରଣରୁ ପୂର୍ଣ୍ଣ ହୋଇଛି, ବରଂ ଏହି କାରଣରୁ ମଧ୍ୟ ଯେ, ଅବତାରତ୍ୱର ସକଳ ଗୁଣାବଳୀ ତାଙ୍କରି ଠାରେ ଶେଷ ହୋଇଗଲା ଏବଂ ଯେହେତୁ ସେ ଐଶୀ ଗୁଣାବଳୀର ସମ୍ପୂର୍ଣ୍ଣ ପ୍ରତିରୂପ ଥିଲେ, ସେଥିପାଇଁ ତାଙ୍କର ଶରିୟତ୍ (ଧର୍ମବିଧାନ) 'ଜଲାଲୀ' ଓ 'ଜମାଲୀ' ଅର୍ଥାତ ପ୍ରତାପ ଓ କରୁଣା ଦୁଇଟିଯାକ ଗୁଣ ବହନ କରିଥିଲା । ତାଙ୍କର ଦୁଇଟି ଶୁଭ ନାମ ମୁହମ୍ମଦ୍ ଏବଂ ଅହମଦ୍ସ.ଅ ଏହି ଉଦ୍ଦେଶ୍ୟ ଯୋଗୁଁ ଆଖ୍ୟାୟିତ କରାଯାଇଛି । ହଜରତ ମୁହମ୍ମଦ ସ.ଅଙ୍କର ଅବତାରତ୍ୱକୁ ସକଳ ଜନଜାତି ସକାଶେ ସାର୍ବଜନୀନ କରାଯାଇ ଥିବାରୁ ଏଥିରେ କୃପଣତାର କୌଣସି ଆଂଶିକ ଦଖଲ ନାହିଁ, ବରଂ ପ୍ରାରମ୍ଭରୁ ହିଁ ତାହା ସମଗ୍ର ସଂସାର ପାଇଁ ଅଭିପ୍ରେତ

ଥିଲା । ହଜରତ ମୁହମ୍ମଦ[ସ.ଅ] ଜଣେ ନବୀ (ଅବତାର) ହୋଇଥିବାର ପ୍ରମାଣ ଏହିଥିରୁ ମଧ୍ୟ ମିଳୁଛି ଯେ, ସକଳ ଅବତାରଙ୍କ ଧର୍ମଗ୍ରନ୍ଥମାନଙ୍କରୁ ଏବଂ ଏମିତି ବି ପବିତ୍ର କୁରଆନରୁ ଏହା ଜଣା ପଡୁଅଛି ଯେ, ପରମେଶ୍ୱର ଆଦମ୍ [ଅ.ସ]ଙ୍କ ଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ସଂସାରର ବୟସ ସାତ ହଜାର ବର୍ଷ ନିର୍ଦ୍ଧାରିତ କରିଛନ୍ତି । ତେଣୁ ସତ୍‌ମାର୍ଗ ଏବଂ ପଥଭ୍ରଷ୍ଟତା ସକାଶେ ହଜାର ହଜାର ବର୍ଷ ଧାର୍ଯ୍ୟ କରିଛନ୍ତି । ଅର୍ଥାତ ଗୋଟିଏ ଯୁଗ ଯହିଁରେ ସତ୍‌ମାର୍ଗ ପ୍ରଭୁତ୍ୱ ଲାଭ କରିଥାଏ ଏବଂ ଦ୍ୱିତୀୟ ହେଉଛି ଏପରି ଏକ ଯୁଗ, ଯହିଁରେ ଅନ୍ଧକାର ଓ ପଥଭ୍ରଷ୍ଟତା ପ୍ରାଧାନ୍ୟ ବିସ୍ତାର କରିଥାଏ । ଯେପରିକି ମୁଁ ବର୍ଣ୍ଣନା କରିଛି, ଐଶୀ ଗ୍ରନ୍ଥମାନଙ୍କରେ ଏହି ଦୁଇଟିଯାକ ସମୟ କାଳକୁ ହଜାର ହଜାର ବର୍ଷରେ ବିଭାଜିତ କରାଯାଇଛି । ପ୍ରଥମ ସମୟ କାଳରେ ସତ୍‌ଶିକ୍ଷା ନିଜର ଆଧିପତ୍ୟ ବିସ୍ତାର କରିଥିଲା । ଏଥିରେ ମୂର୍ତ୍ତି ପୂଜାର ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏହି ହଜାରେ ବର୍ଷ ଶେଷ ହେଲା, ସେତେବେଳେ ଦ୍ୱିତୀୟ ଏକ ହଜାର ବର୍ଷରେ ନାନା ପ୍ରକାରର ପ୍ରତିମା ପୂଜାର ପ୍ରଚଳନ ସଂସାରରେ ଆରମ୍ଭ ହୋଇଗଲା ଏବଂ ଅନେକେଶ୍ୱରବାଦ ବଳବତ୍ତର ହୋଇ ଉଠିଲା, ଏପରିକି ପ୍ରତ୍ୟେକ ଦେଶରେ ମୂର୍ତ୍ତିପୂଜା ସ୍ଥାନ ଅଧିକାର କରିନେଲା । ପୁଣି ତୃତୀୟ ସମୟ କାଳ ଯାହା ଏକ ହଜାର ବର୍ଷର ଥିଲା, ସେଥିରେ ଏକେଶ୍ୱରବାଦର ଭିତ୍ତି ସ୍ଥାପନ କରାଗଲା ଏବଂ ଯେପରି ଈଶ୍ୱର ଚାହିଁଲେ, ସଂସାରରେ ଏକଶ୍ୱରବାଦ ପରିବ୍ୟାପ୍ତ ହେଲା । ପୁନଶ୍ଚ ଚତୁର୍ଥ ହଜାରେ ବର୍ଷର ସମୟ କାଳରେ ଅଧର୍ମର ଅନ୍ଧକାର ଘନେଇ ଆସିଲା ଏବଂ ଏହି ଏକ ହଜାର ବର୍ଷ ମଧ୍ୟରେ ଇସ୍ରାଇଲୀୟ ସନ୍ତାନମାନେ ଅତ୍ୟଧିକ ମାତ୍ରାରେ ବିଗିଡି ଗଲେ ଏବଂ ଖ୍ରୀଷ୍ଟ ଧର୍ମର ବୀଜ ବପନ ହେବା କାଳରୁ ହିଁ ଶୁଷ୍କ ହୋଇଗଲା, ଯାହାର ଜନ୍ମ ନେବା ଓ ମରିବା ସତେ ଯେପରି ଏକକାଳୀନ ହୋଇଗଲା । ତତ୍‌ପଶ୍ଚାତ ପଞ୍ଚମ ହଜାର ବର୍ଷର ଅବଧି ଆସିଲା, ଯାହା ସତ୍‌ମାର୍ଗ ପ୍ରଦର୍ଶନର ସମୟ ଥିଲା । ଏହା ସେହି ହଜାରେ ବର୍ଷ, ଯେଉଁ ସମୟରେ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ଆବିର୍ଭୂତ ହେଲେ ଏବଂ ଈଶ୍ୱର ସେହି ମହାନ ନବୀଙ୍କ ହସ୍ତରେ ଏକେଶ୍ୱରବାଦକୁ ପୁନର୍ବାର ପୃଥିବୀରେ ପ୍ରତିଷ୍ଠା କଲେ । ହଜରତ ମୁହମ୍ମଦ[ସ.ଅ] ପରାକ୍ରମୀ ଅଲ୍ଲାଃଙ୍କ ନିକଟରୁ ଆସିଥିବାର ଏହା ଏକ ବଳିଷ୍ଠ ପ୍ରମାଣ ଯେ, ତାଙ୍କର ଆବିର୍ଭାବ ସେହି ବର୍ଷ ମଧ୍ୟରେ ଘଟିଲା, ଯାହା ପ୍ରାରମ୍ଭିକ ଦିନରୁ ହିଁ ସତ୍‌ପଥ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ହୋଇଥିଲା । ମୁଁ ନିଜ ଆଡୁ ଏହା କହୁ ନାହିଁ,

ବରଂ ସକଳ ଐଶୀଗ୍ରନ୍ଥରୁ ଏହି ତଥ୍ୟ ଉଦ୍ଧୃତ ହେଉଅଛି ଏବଂ ଏହି ପ୍ରାମାଣିକ ତଥ୍ୟରୁ ମୋର ମସିହ ମଉଦ୍ (ପ୍ରତିଶ୍ରୁତ ମସିହ୍) ହେବାର ଦାବି ମଧ୍ୟ ସତ୍ୟସିଦ୍ଧ ହେଉଅଛି । କାରଣ ସେହି ସମୟ ବିଭାଜନ ଅନୁସାରେ ତାହା ଷଷ୍ଠ ହଜାର ବର୍ଷ ଯାହାକି ପଥଭ୍ରଷ୍ଟତା ରୂପକ ଅନ୍ଧକାରର ସମୟ, ଯାହା ହଜରତ ମୁହମ୍ମଦ ସ.ଅଙ୍କ ହିଜରତ୍ (ମକ୍କାରୁ ମଦିନା ନିର୍ବାସନ)ର ତୃତୀୟ ଶତାବ୍ଦୀ ପର ଠାରୁ ଆରମ୍ଭ ହେଉଛି ଏବଂ ଚତୁର୍ଦ୍ଦଶ ଶତାବ୍ଦୀ ହିଜ୍ରୀର ଅଗ୍ର ଭାଗରେ ଶେଷ ହେଉଛି । ଏହି ଷଷ୍ଠ ଶତାବ୍ଦୀ ବେଳର ଲୋକମାନଙ୍କୁ ହଜରତ ମୁହମ୍ମଦସ.ଅ 'ଫୈଜେ ଆଓ୍ୱଜ୍' ଅର୍ଥାତ କୁଟିଳ ସ୍ୱଭାବ ସମ୍ପନ୍ନ ହେବାର ଆଖ୍ୟା ଦେଇଛନ୍ତି । ତଦୁପରାନ୍ତେ ସପ୍ତମ ହଜାର ହେଉଛି ସତ୍ପଥର ସମୟ, ଯେଉଁ ଅବଧି ମଧ୍ୟରେ ଆମେମାନେ ରହିଛୁ । ଯେହେତୁ ଏହା ଅନ୍ତିମ ଏକ ହଜାର ବର୍ଷ, ସେଥିପାଇଁ ଏହା ଆବଶ୍ୟକ ଥିଲା ଯେ, ଅନ୍ତିମ ଯୁଗର କଳକୀ ଅବତାର ଏହାର ଅଗ୍ର ଭାଗରେ ଜନ୍ମ ଗ୍ରହଣ କରନ୍ତୁ ଏବଂ ତାହାଙ୍କ ପରେ କୌଣସି ଇମାମ୍ (ଅଗ୍ରଣୀ ବା ପଥ ପ୍ରଦର୍ଶକ) ଆସିବାର ନାହିଁ ଏବଂ ନା କୌଣସି ମସିହ୍ (ପ୍ରାଣଦାତା) । କେବଳ ମାତ୍ର ସେ ହିଁ ଆସି ପାରିବେ, ଯେ କି ତାହାଙ୍କ ପାଇଁ ଜିଲ୍ (ପ୍ରତିରୂପ) ସ୍ୱରୂପ ହୋଇଥିବେ । କାରଣ ସମ୍ପ୍ରତି ଏହି ହଜାରେ ବର୍ଷ ଅବଧିରେ ସଂସାରର ପରମାୟୁ ଶେଷ ହୋଇଯିବ, ଯେଉଁ ବିଷୟରେ ସମସ୍ତ ଅବତାରଗଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଆଉ ଏହି ଇମାମ୍ (ପଥ ପ୍ରଦର୍ଶକ) ଯେ କି ପରମେଶ୍ୱରଙ୍କ ତରଫରୁ ମସିହ୍ ମଉଦ୍ ବୋଲାଉଛନ୍ତି, ସେ 'ମୁଜଦ୍ଦିଦ୍ ସଦୀ' ଅର୍ଥାତ ଏହି ଶତାବ୍ଦୀର ସୁଧାରକ ମଧ୍ୟ ଏବଂ 'ମୁଜଦ୍ଦିଦ୍ ଅଲ୍ଫେ ଆଖିର୍' ଅର୍ଥାତ ଶେଷ ହଜାରେ ବର୍ଷର ସୁଧାରକ ମଧ୍ୟ ହେବେ । ଅତଃ ଏହି ବିଷୟରେ ଇହୁଦି ଓ ଖ୍ରୀଷ୍ଟିୟାନମାନଙ୍କର କୌଣସି ପ୍ରକାରର ମତଭେଦ ନାହିଁ ଯେ, ଆଦମ୍‌ଙ୍କ ଠାରୁ ଗଣନା କଲେ ବର୍ତ୍ତମାନର ଏହି ଯୁଗ ହେଉଛି ସପ୍ତମ ହଜାର ବର୍ଷ । ଈଶ୍ୱର ସୁରେ ଓଲ୍ ଅସର୍ ଅନ୍ତର୍ଗତ ଗଣନା ଆଧାରରେ ଆଦମ୍‌ଙ୍କର ଯେଉଁ ଇତିହାସ ମୋ ଉପରେ ଉନ୍ମୋଚିତ କରିଛନ୍ତି, ତଦନୁଯାୟୀ ଚଳିତ ଯୁଗ ଯେଉଁଥିରେ ଆମେମାନେ ରହିଛେ, ତାହା ସପ୍ତମ ହଜାର ହିଁ ସାବ୍ୟସ୍ତ ହେଉଛି ଏବଂ ସମସ୍ତ ଅବତାରଗଣମାନେ ମଧ୍ୟ ଏଥିରେ ଏକମତ ଥିଲେ ଯେ, ପ୍ରତିଶ୍ରୁତ ମସିହ୍ ସପ୍ତମ ହଜାର ଯୁଗର ଅଗ୍ର ଭାଗରେ ପ୍ରକଟ ହେବେ ଏବଂ ଷଷ୍ଠ ହଜାରର ଶେଷ ଭାଗରେ ଜନ୍ମ ଗ୍ରହଣ କରିବେ । କାରଣ ସେ ସବୁଠାରୁ ଶେଷ ଯେପରିକି

ଆଦମ୍ ସର୍ବପ୍ରଥମ ଥିଲେ । ଆଦମ୍ (ସପ୍ତାହର) ଷଷ୍ଠଦିନ ଅର୍ଥାତ ଶୁକ୍ରବାରର ଅନ୍ତିମ ଘଡ଼ିରେ ଜନ୍ମ ହେଲେ, ଯେହେତୁ ଈଶ୍ୱରଙ୍କ ଗୋଟିଏ ଦିନ ସଂସାରର ଏକ ହଜାର ବର୍ଷ ସହିତ ସମାନ । ଏହି ସାମଞ୍ଜସ୍ୟ ଯୋଗୁଁ ପରମେଶ୍ୱର ମସିହ ମଉଦ୍‌ଙ୍କୁ ଷଷ୍ଠ ହଜାର ବର୍ଷର ଶେଷ ଭାଗରେ ଜାତ କଲେ, ସତେ ଯେପରି ତାହା ମଧ୍ୟ ଦିନର ଅନ୍ତିମ କ୍ଷଣ । ଯେହେତୁ ପ୍ରଥମ ଓ ଶେଷ ମଧ୍ୟରେ ଏକ ସମ୍ପର୍କ ରହିଛି, ସେଥିପାଇଁ ମସିହ ମଉଦ୍‌ଙ୍କୁ ଈଶ୍ୱର ଆଦମ୍‌ଙ୍କ ରଙ୍ଗରେ (ବିଭୂଷିତ କରି) ସୃଷ୍ଟି କଲେ । ଆଦମ୍ ଯାଆଁଳା ଜନ୍ମ ହୋଇଥିଲେ ତଥା ଶୁକ୍ରବାର ଦିନ ଜନ୍ମ ହୋଇଥିଲେ, ଠିକ୍ ସେହିପରି ଏହି ବିନୀତ ମଧ୍ୟ ଯେକି ମସିହ ମଉଦ୍ ହୋଇ ଆସିଛି, ଯମଜ ସନ୍ତାନ ରୂପେ ଏବଂ ଶୁକ୍ରବାର ଦିନ ଜନ୍ମ ହୋଇଥିଲା । ଅତଃ ମୋର ଜନ୍ମ ଏହିପରି ହୋଇଥିଲା ଯେ, ପ୍ରଥମେ ଏକ ଶିଶୁ କନ୍ୟା ଜନ୍ମ ନେଲା ଓ ତା'ପରେ ଏହି ବିନୀତ । ଏହି ଧରଣର ଜନ୍ମ ଖତ୍‌ମେ ୱିଲାୟତ୍ ଅର୍ଥାତ ପରମ ସିଦ୍ଧପୁରୁଷଙ୍କର ଅନ୍ତ ଘଟିଥିବା ପ୍ରତି ଇଙ୍ଗିତ କରୁଅଛି । ବସ୍ତୁତଃ ଏହା ସମସ୍ତ ଅବତାରମାନଙ୍କ ସର୍ବମାନ୍ୟ ଶିକ୍ଷା ଯେ, ପ୍ରତିଶ୍ରୁତ ମସିହ ସପ୍ତମ ହଜାର ବର୍ଷର ପ୍ରାରମ୍ଭରେ ଆସିବେ । ଏହି କାରଣରୁ ବିଗତ ବର୍ଷମାନଙ୍କରେ ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ମଧ୍ୟରେ ବହୁତ ହଇଚଇ ସୃଷ୍ଟି ହୋଇଥିଲା ଏବଂ ଆମେରିକାରେ ଏହି ପ୍ରସଙ୍ଗ ଉପରେ ଅନେକ ଲେଖାମାନ ପ୍ରକାଶିତ ହୋଇଥିଲା ଯେ, ମସିହ ମଉଦ୍ ଚଳିତ ଯୁଗରେ ପ୍ରକଟ ହେବାର ଥିଲା, ତେବେ କେଉଁ କାରଣରୁ ସେ ପ୍ରକଟ ହେଲେ ନାହିଁ । ଅନେକ ବ୍ୟକ୍ତି ଶୋକ ପ୍ରକାଶ କରି ଏହି ଉତ୍ତର ଦେଲେ ଯେ, ଏବେ ସମୟ ଅତିକ୍ରାନ୍ତ ହୋଇଗଲାଣି । ଏବେ କଲିସିୟା (ଗୀର୍ଜା)କୁ ହିଁ ତାଙ୍କର ଉତ୍ତରାଧିକାରୀ ବୋଲି ବୁଝିନିଅ । ତେବେ ସାରାଂଶ ଏହିକି ଯେ, ମୋର ଆମଗନର ସତ୍ୟତା ପ୍ରତି ଏହା ଏକ ସ୍ପଷ୍ଟ ପ୍ରମାଣ ଯେ, ମୁଁ ଅବତାରମାନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ହଜାର ବର୍ଷରେ ହିଁ ଆବିର୍ଭୂତ ହେଲି ଏବଂ ଯଦି ଅନ୍ୟ କୌଣସି ବି ପ୍ରମାଣ ମୋ ସପକ୍ଷରେ ନଥା'ନ୍ତା, ତା'ହେଲେ ଏହି ଗୋଟିଏ ପ୍ରମାଣ ହିଁ ଜ୍ୱଳନ୍ତ ପ୍ରତିପାଦିତ ହେଉଥିଲା ଯାହା ସତ୍ୟାନ୍ୱେଷୀ ବ୍ୟକ୍ତିମାନଙ୍କ ପାଇଁ ଯଥେଷ୍ଟ ଥିଲା । କାରଣ ଯଦି ଏହି ନିର୍ଦ୍ଦିଷ୍ଟ ପ୍ରମାଣକୁ ରଦ୍ଦ କରି ଦିଆଯିବ, ତା'ହେଲେ ସମସ୍ତ ଐଶୀ ପୁସ୍ତକଗୁଡ଼ିକ ବାତିଲ ହୋଇଯିବ । ଯେଉଁମାନଙ୍କୁ ଐଶୀପୁସ୍ତକ ସମ୍ବନ୍ଧରେ ଜ୍ଞାନ ଅଛି ଓ ଯେଉଁମାନେ ସେଗୁଡ଼ିକ ଉପରେ ଚିନ୍ତନ କରନ୍ତି,

ସେମାନଙ୍କ ସକାଶେ ଏହି ପ୍ରମାଣଟି ଏକ ସ୍ପଷ୍ଟ ଦିବାଲୋକ ସଦୃଶ । ଏହି ପ୍ରମାଣକୁ ରଦ୍ଦ କରିଦେଲେ, ସମସ୍ତ ଅବତାରତ୍ୱ ରଦ୍ଦ ହୋଇଯିବ ଏବଂ ପୁରା ହିସାବ ଓଲଟ ପାଲଟ ହୋଇଯିବ ତଥା ଦୈବୀ ଆବଣ୍ଟନର ସୁସଂଗଠିତ ବ୍ୟବସ୍ଥା ବିଗିଡି ଯିବ । କେତେକ ଲୋକଙ୍କର ଏହି ଧାରଣା ଠିକ୍ ନୁହେଁ ଯେ, କୟାମତ୍‌ର କାହାରିକୁ ଜ୍ଞାନ ନାହିଁ । ତତ୍‌ପଶ୍ଚାତ ଆଦମ୍‌ଙ୍କ ଠାରୁ ଯୁଗର ଅନ୍ତ ପର୍ଯ୍ୟନ୍ତ ସାତ ହଜାର ବର୍ଷ କେଉଁଥିପାଇଁ ନିର୍ଦ୍ଧାରିତ କରି ଦିଆଗଲା ? ଏମାନେ ହେଉଛନ୍ତି ସେହି ଲୋକ, ଯେଉଁମାନେ କେବେହେଲେ ଐଶ୍ୱରିକ ପୁସ୍ତକଗୁଡିକୁ ସଠିକ ରୂପେ ଅନୁଧ୍ୟାନ ପୂର୍ବକ ପାଠ କରି ନାହାନ୍ତି । ମୁଁ ଆଜି ସ୍ୱୟଂ ଏହି ହିସାବକୁ ନିର୍ଦ୍ଧାରିତ କରି ନାହିଁ, ଏହା ତ ପ୍ରାଚୀନ କାଳରୁ ଗ୍ରନ୍ଥଧାରୀ ଗବେଷକମାନଙ୍କ ସର୍ବସମ୍ମତି କ୍ରମେ ଚାଲିଆସିଛି । ଏପରିକି ଇହୁଦି ବିଦୁଷଗଣ ମଧ୍ୟ ଏହାର ସମର୍ଥନ କରି ଆସୁଛନ୍ତି ଏବଂ ପବିତ୍ର କୁରଆନରୁ ମଧ୍ୟ ଏହା ସ୍ପଷ୍ଟ ରୂପେ ଉଦ୍ଧୃତ ହେଉଅଛି ଯେ, ଆଦମ୍‌ଙ୍କ ଠାରୁ ଅନ୍ତ ପର୍ଯ୍ୟନ୍ତ ଆଦମ୍ ବଂଶଜମାନଙ୍କ ଯୁଗ ସାତ ହଜାର ବର୍ଷ ହେବ । ଏହିପରି ଭାବେ ପୂର୍ବବର୍ତ୍ତୀ ସମସ୍ତ ଧର୍ମଗ୍ରନ୍ଥ ମଧ୍ୟ ସର୍ବସମ୍ମତି କ୍ରମେ ଏହି ଘୋଷଣା କରିଥାନ୍ତି ଏବଂ କୁରଆନର ଆୟତ୍- وَاِنَّ يَوۡمًا عِنۡدَ رَبِّكَ كَاَلۡفِ سَنَةٍ مِّمَّا تَعُدُّوۡنَ

ଇନ୍ନା ୟୋମନ୍ ଇନ୍ଦା ରବ୍‌ବିକା କା ଅଲ୍‌ଫି ସନତିନ୍ ମିମ୍ମା ତଉଦ୍‌ଦୁନ୍ (ଅଲ୍ ହଜ୍ 22:48) ଏଥିରୁ ମଧ୍ୟ ଏହି ତାତ୍ପର୍ଯ୍ୟ ବାହାରୁଛି ଏବଂ ସମସ୍ତ ଅବତାରଗଣ ସ୍ପଷ୍ଟ ସୂଚନା ଦେଇ ଆସୁଛନ୍ତି । ଯେପରିକି ମୁଁ ମଧ୍ୟ ବର୍ଣ୍ଣନା କରି ସାରିଛି, ସୁରଃ ଅଲ୍ ଅସର୍‌ର ଗଣନା ଅନୁଯାୟୀ ସ୍ପଷ୍ଟ ଭାବେ ଜଣା ପଡୁଛି ଯେ, ହଜରତ ମୁହମ୍ମଦ[ସ.ଅ] ଆଦମ୍‌ଙ୍କର ପଞ୍ଚମ ହଜାର ବର୍ଷରେ ପ୍ରକଟିତ ହୋଇଥିଲେ । ଏହି ହିସାବରେ ଦେଖିଲେ ଚଳିତ ଯୁଗ ଯହିଁରେ ଆମେମାନେ ଅଛେ, ତାହା ସପ୍ତମ ହଜାର ବର୍ଷ । ଯେଉଁ ବିଷୟ ଆମ ପ୍ରତି ଈଶ୍ୱର ନିଜ ଦୈବୀବାଣୀ ଦ୍ୱାରା ପ୍ରକଟିତ କରିଛନ୍ତି, ତାହାକୁ ଆମେ ଅସ୍ୱୀକାର କରିପାରିବୁ ନାହିଁ ଏବଂ ନା ଆମକୁ କୌଣସି କାରଣ ଦେଖାଯାଉଛି ଯେ, ଈଶ୍ୱରଙ୍କ ପବିତ୍ର ଅବତାରମାନଙ୍କର ସର୍ବସମ୍ମତ ବିଷୟକୁ ଅସ୍ୱୀକାର କରିବୁ, ଯେବେ କି ଏତେଗୁଡ଼ାଏ ପ୍ରମାଣ ଗଚ୍ଛିତ ରହିଅଛି । ଅତଃ ନିଃସନ୍ଦେହରେ ହଦିସ୍ ଓ କୁରଆନ୍ ଅନୁସାରେ ଏହା ହେଉଛି ଅନ୍ତିମ ଯୁଗ । ପୁଣି ଶେଷ ଯୁଗ ହୋଇଥିବା ବିଷୟରେ କ'ଣ ବା ସନ୍ଦେହ ରହିଯାଉଛି ? ଅଧିକନ୍ତୁ ଅନ୍ତିମ ହଜାରର ଅଗ୍ର ଭାଗରେ ମସିହ ମଉଦ୍‌ଙ୍କର ଆସିବା ଜରୁରୀ ହୋଇପଡ଼ିଛି ।

ଏହା ଯେଉଁ କୁହାଯାଉଛି ଯେ, କୟାମତ୍ (ସମୟ) ସଂକ୍ରାନ୍ତରେ କାହାରିକୁ ଜଣା ନାହିଁ । ଏହାର ଅର୍ଥ ନୁହେଁ ଯେ, କୌଣସି କାରଣରୁ ହେଲେ ବି (କାହାରିକୁ ଏହା) ଜଣା ନାହିଁ । ଯଦି ଏହାକୁ ସତ ମାନିବା, ତା'ହେଲେ କୟାମତ୍‌ର ଚିହ୍ନ ଯାହା ପବିତ୍ର କୁରଆନ ଓ ସହି ହଦିସ୍‌ମାନଙ୍କରେ ଦର୍ଶାଯାଇଛି, ତାହା ମଧ୍ୟ ସ୍ୱୀକାର ଯୋଗ୍ୟ ହେବ ନାହିଁ । କାରଣ ସେଗୁଡ଼ିକ ମାଧ୍ୟମରେ ବି କୟାମତ୍ (ପ୍ରଳୟ) ନିକଟତର ହୋଇ ଆସୁଥିବାର ଏକ ଜ୍ଞାନ ହାସଲ ହେଉଅଛି । ପରମେଶ୍ୱର ପବିତ୍ର କୁରଆନରେ ସୂଚନା ଦେଇଥିଲେ ଯେ, ଶେଷ ଯୁଗରେ ଭୂପୃଷ୍ଠ ଉପରେ ବ୍ୟାପକ ରୂପେ କେନାଲମାନ ଖୋଦିତ ହେବ । ପୁସ୍ତକଗୁଡ଼ିକ ବହୁଳ ମାତ୍ରାରେ ପ୍ରକାଶିତ ହେବ, ଯାହା ମଧ୍ୟରେ ସମ୍ବାଦପତ୍ର ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଓଟଗୁଡ଼ିକ ଅକାମୀ ହୋଇଯିବେ । ସୁତରାଂ ଆମେ ଦେଖୁଛୁ ଯେ, ଏହିସବୁ ବିଷୟ ଆମ ଯୁଗରେ ପୂରଣ ହୋଇଯାଇଛି ଏବଂ ଓଟ ସ୍ଥାନରେ ରେଳଗାଡ଼ି ମାଧ୍ୟମରେ ବାଣିଜ୍ୟ କାରବାର ଆରମ୍ଭ ହୋଇଗଲାଣି । ଏହି ପ୍ରକାରେ ଆମେ ବୁଝି ନେଇଛୁ ଯେ, କୟାମତ୍ ନିକଟବର୍ତ୍ତୀ ହୋଇ ଆସୁଛି ଏବଂ ଏକ ଦୀର୍ଘ ସମୟ ହେଲା ସ୍ୱୟଂ ଈଶ୍ୱର ଏହି ଆୟତ୍- اِقْتَرَبَتِ السَّاعَةُ ଇକ୍ତରା ବତିସ୍ ସାଆଃ (ଅଲ୍ କମର୍ 54:2) ଏବଂ ଅନ୍ୟ କୁରଆନୀୟ ଆୟତ୍‌ଗୁଡ଼ିକରେ କୟାମତ୍ (ମହାପ୍ରଳୟ) ସମ୍ବନ୍ଧରେ ଆମକୁ ସୂଚନା ପ୍ରଦାନ କରିଛନ୍ତି । ତେଣୁ ଶରୀୟତ୍ (ଧର୍ମ ବିଧାନ)ର ଏହା ଅର୍ଥ ନୁହେଁ ଯେ, କୟାମତ୍ ସଂଘଟିତ ହେବା ପ୍ରତ୍ୟେକ ଦୃଷ୍ଟିକୋଣରୁ ଗୁପ୍ତ ରହିଛି, ବରଂ ସକଳ ଅବତାରଗଣ ଶେଷ ଯୁଗର ଲକ୍ଷଣମାନ ଦର୍ଶାଇ ଆସିଛନ୍ତି ଏବଂ ବାଇବେଲ୍‌ରେ ମଧ୍ୟ ଉଲ୍ଲେଖ ରହିଛି । ସୁତରାଂ କହିବାର ତାତ୍ପର୍ଯ୍ୟ ହେଉଛି ଯେ, ସେହି ବିଶେଷ ଘଡ଼ି ସଂକ୍ରାନ୍ତରେ କାହାରିକୁ ଜଣା ନାହିଁ । ଈଶ୍ୱର ସାମର୍ଥ୍ୟବାନ ଯେ, ସେ ହଜାରେ ବର୍ଷ ବିତିଯିବା ପରେ ମଧ୍ୟ କେତେକ ଶତାବ୍ଦୀ ଆହୁରି ବଢାଇ ଦେବେ । କାରଣ ଗଣନାରେ କିଂଚିତ ଊଣା ଅଧିକ ହୋଇଯିବାରେ (ବିଶେଷ) ଫରକ ପଡ଼େ ନାହିଁ ।

ଯେପରିକି ଅନେକ ସମୟରେ ଗର୍ଭାବସ୍ଥାର ଅବଧି କିଛିଦିନ ଆଗକୁ ବଢ଼ି ଯାଇଥାଏ । ଦେଖ, ଅଧିକାଂଶ ଶିଶୁ ଯେଉଁମାନେ ସଂସାରରେ ଜନ୍ମ ନିଅନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ନଅ ମାସ ଓ ଦଶଦିନ ଭିତରେ ଜନ୍ମ ଗ୍ରହଣ କରିଥାଆନ୍ତି । କିନ୍ତୁ ତଥାପି ମଧ୍ୟ କୁହାଯାଏ ଯେ, ସେହି ସମୟ କାହାରିକୁ ବି ଜଣା ନାହିଁ, କି କେତେବେଳେ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବ । ତଦନୁରୂପ

ସଂସାରର ଅନ୍ତ ହେବାକୁ ଯଦିଓ ଏବେ ଆହୁରି ହଜାରେ ବର୍ଷ ବାକି ଅଛି, ମାତ୍ର ସେହି ଘଡ଼ି (କାହାରିକୁ) ଜଣା ନାହିଁ ଯେ, କେତେବେଳେ କୟାମତ୍ ଆସିଯିବ । ଯେଉଁ ପ୍ରାମାଣିକ ତଥ୍ୟଗୁଡ଼ିକୁ ଇମାମତ୍ (ଅଧିନାୟକତ୍ୱ) ଓ ନବୁଓ୍ୱତ୍ (ଅବତାରତ୍ୱ)ର ପ୍ରମାଣ ସ୍ୱରୂପ ଈଶ୍ୱର ଉପସ୍ଥାପନ କରିଛନ୍ତି, ସେଗୁଡ଼ିକୁ ନଷ୍ଟ କରିଦେବା ଏପରି ଯେପରିକି ନିଜ ଆସ୍ଥା ଓ ବିଶ୍ୱାସକୁ ନଷ୍ଟ କରିଦେବା । ଏହା ସୁସ୍ପଷ୍ଟ ଯେ କୟାମତ୍ ସନ୍ନିକଟ ହେବାର ସମସ୍ତ ଲକ୍ଷଣ ମଧ୍ୟ ଏକତ୍ର ଠୁଳ ହୋଇଗଲାଣି ଏବଂ ଚଳିତ ଯୁଗରେ ଏକ ମହାନ ବିପ୍ଳବ ଦେଖିବାକୁ ମିଳୁଅଛି ତଥା ସେହିସବୁ ନିଦର୍ଶନ ଯାହା କୟାମତ୍ ନିକଟତର ହେବାର ଈଶ୍ୱର ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ପ୍ରକଟିତ ହୋଇସାରିଛି । ଯେପରିକି ପବିତ୍ର କୁରଆନରୁ ସ୍ପଷ୍ଟ ହେଉଛି ଯେ, କୟାମତ୍ ନିକଟତର ହେବା ଯୁଗରେ ଭୂପୃଷ୍ଠରେ ଅଧିକ ସଂଖ୍ୟାରେ କେନାଲ ଖୋଳାଯିବ ଏବଂ ବିପୁଳ ସଂଖ୍ୟାରେ ପୁସ୍ତକମାନ ପ୍ରକାଶିତ ହେବ । ପାହାଡ଼କୁ ଉଡ଼ାଇ ଦିଆଯିବ, ନଦୀକୁ ଶୁଖାଇ ଦିଆଯିବ ଏବଂ ଭୂମି ବ୍ୟାପକ ସ୍ତରରେ କୃଷି ଉପଯୋଗୀ (ସମତଳ) ହୋଇଯିବ ତଥା ପରସ୍ପର ସହିତ ସାକ୍ଷାତ କରିବାର ମାର୍ଗ ଖୋଲିଯିବ । ଜାତି ଜାତି ମଧ୍ୟରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ବହୁତ ଅଧିକ ସୃଷ୍ଟି ହେବ ତଥା ଗୋଟିଏ ଜାତି ଅନ୍ୟ ଏକ ଜାତିର ଧାର୍ମିକ (ଆସ୍ଥା) ଉପରେ ଏକ ଲହଡ଼ି ସଦୃଶ ଝାମ୍ପି ପଡିବ, ଯେପରିକି ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଧୂଳିସାତ କରିଦେବ । ସେହି ଦିନମାନଙ୍କରେ ଆକାଶୀୟ ବିଗୁଲ ନିଜର କାର୍ଯ୍ୟ ଦେଖାଇବ ଏବଂ ସମସ୍ତ ଜାତି ଓ ସାମ୍ପ୍ରଦାୟକୁ ଗୋଟିଏ ଧର୍ମରେ ଏକତ୍ରିତ କରାଯିବ, କେବଳ ସେହି କୁତ୍ସିତ ସ୍ୱଭାବର ଲୋକମାନଙ୍କ ବ୍ୟତୀତ ଯେଉଁମାନେ ସ୍ୱର୍ଗୀୟ ନିମନ୍ତ୍ରଣର ଯୋଗ୍ୟ ନୁହନ୍ତି । ଏହି ସୁସମାଚାର ଯାହା ପବିତ୍ର କୁରଆନରେ ଉଲ୍ଲେଖ ଅଛି, ମସିହ ମଉଦ୍‌ଙ୍କ ପ୍ରକଟ ହେବା ପ୍ରତି ଇଙ୍ଗିତ କରୁଅଛି । ସେହି କାରଣରୁ ମୁଁ ୟାଜୁଜ୍-ମାଜୁଜ୍ (ରୁଷ୍ ଓ ଆମେରିକା)ର ବର୍ଣ୍ଣନା ଆଗକୁ (ତଳେ) ତାହାକୁ ଉଲ୍ଲେଖ କରିଛି ତଥା ୟାଜୁଜ୍-ମାଜୁଜ୍ ହେଉଛନ୍ତି ଦୁଇଟି ଜାତି, ଯାହାର ବର୍ଣ୍ଣନା ପୂର୍ବବର୍ତ୍ତୀ ଧର୍ମଗ୍ରନ୍ଥମାନଙ୍କରେ କରାଯାଇଛି । ଏତାଦୃଶ ନାମର କାରଣ ହେଉଛି, ସେମାନେ ଅଜିଜ୍ ଅର୍ଥାତ ଅଗ୍ନିର ବହୁଳ ବ୍ୟବହାର କରିବେ ତଥା ଭୂପୃଷ୍ଠରେ ସେମାନଙ୍କର ବହୁତ ପ୍ରଭୁତ୍ୱ ବିସ୍ତାର ହୋଇଯିବ, ତତ୍‌ସହିତ ପ୍ରତ୍ୟେକ କ୍ଷେତ୍ରର ଶିଖରର ସେମାନେ ମାଲିକ ହୋଇଯିବେ । ଯେତେବେଳେ କି ସେହି

ଯୁଗରେ ଆକାଶରୁ ଏକ ବିରାଟ ପରିବର୍ତ୍ତନର ବ୍ୟବସ୍ଥା ହେବ ଏବଂ ଶାନ୍ତି ଓ ମୈତ୍ରୀର ଦିନ ପ୍ରକାଶିତ ହେବ । ତଦନୁରୂପ ପବିତ୍ର କୁରଆନରେ ଉଲ୍ଲେଖ ରହିଛି ଯେ, ସେହି ଦିନମାନଙ୍କରେ ପୃଥିବୀ ମଧ୍ୟରୁ ବହୁତ ପରିମାଣର ଖଣିଜ ଦ୍ରବ୍ୟ ଓ ଗୁପ୍ତ ପଦାର୍ଥ ବାହାରିବ । ପୁଣି ସେହି ଦିନମାନଙ୍କରେ ଆକାଶରେ କୁସୁଫ୍ ଓ ଖୁସୁଫ୍ (ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ) ସଂଘଟିତ ହେବ ଏବଂ ପ୍ଲେଗ ମହାମାରୀ ବହୁତ ବ୍ୟାପିଯିବ ଏବଂ ଓଟମାନେ ଅକାମୀ ହୋଇଯିବେ । ଅର୍ଥାତ ଅନ୍ୟ ଏକ ବାହନ ଉଦ୍ଭାବନ ହେବ ଯାହାକି ଓଟକୁ ଅକାମୀ କରିଦେବ । ଯେପରିକି ଆମେ ଦେଖୁଛୁ ଯେ, ସମସ୍ତ ବାଣିଜ୍ୟ କାରବାର ଯାହା ପ୍ରଥମେ ଭାରବାହୀ ଓଟ ଦ୍ୱାରା କରାଯାଉଥିଲା, ଏବେ ରେଳ ଦ୍ୱାରା କରାଯାଉଛି ଏବଂ ସେହି ସମୟ ନିକଟତର ଯେ, ହଜ୍ କରୁଥିବା ବ୍ୟକ୍ତି ମଧ୍ୟ ରେଳଗାଡ଼ିରେ ବସି ମଦିନା ଅଭିମୁଖେ ଯାତ୍ରା କରିବେ ତଥା ସେହି ଦିନ ଏହି ହଦିସ୍‌ର ଉକ୍ତିକୁ ପୁରା କରିଦେବେ, ଯହିଁରେ ଲେଖାଅଛି: ويترك القلاص فلا يسعى عليها ଓ୍ୱ ୟତ୍‌ରକଲ୍ କିଲାସୁ ଫଲା ୟସ୍‌ଆ ଆଲୈହା ।

ସୁତରାଂ ଯେବେ କି ଅନ୍ତିମ ଯୁଗ ସକାଶେ ଉଦ୍ଦିଷ୍ଟ ଏହି ଲକ୍ଷଣମାନ ସମ୍ପୂର୍ଣ୍ଣ ରୂପେ ପ୍ରକାଶିତ ହୋଇ ସାରିଛି, ତେବେ ଏଥିରୁ ଏହା ସାବ୍ୟସ୍ତ ହେଉଛି ଯେ ସଂସାରର ଯୁଗମାନଙ୍କ ମଧ୍ୟରୁ ଏହା ହେଉଛି ଅନ୍ତିମ ଯୁଗ । ଯେପରି ଭାବେ ଈଶ୍ୱର ସାତଗୋଟି ଦିବସ ସୃଷ୍ଟି କରିଛନ୍ତି ଏବଂ ପ୍ରତ୍ୟେକ ଦିବସକୁ ଏକ ହଜାର ବର୍ଷ ସହିତ ସାଦୃଶ୍ୟତା ପ୍ରଦାନ କରିଛନ୍ତି, ଏହି ସାଦୃଶ୍ୟ ଦ୍ୱାରା ସଂସାରର ଆୟୁ ସାତ ହଜାର (ବର୍ଷ) ହେବା କୁରଆନର ଆଧାରରେ ସିଦ୍ଧ ହେଉଛି । ଅଧିକନ୍ତୁ ଈଶ୍ୱର ସ୍ୱୟଂ ଅଯୁଗ୍ମ ଓ ଅଦ୍ୱିତୀୟ ଏବଂ ଅଯୁଗ୍ମକୁ ସେ ନିଜ ମିତ୍ର ମଣନ୍ତି । ସେଥିପାଇଁ ସେ ଯେପରି ଭାବରେ ସାତ ଦିନକୁ ବିଯୋଡ଼ କରି ଗଢିଛନ୍ତି ସେହିପରି ସାତ ହଜାର ମଧ୍ୟ ବିଯୋଡ଼ । ଏହି ସମସ୍ତ ସ୍ପଷ୍ଟିକରଣରୁ ବୁଝି ହୋଇଯିବ ଯେ, ଏହା ହିଁ ଅନ୍ତିମ ଯୁଗ ଓ ସଂସାରର ଶେଷ ପର୍ଯ୍ୟାୟ, ଯାହାର ଅଗ୍ର ଭାଗରେ ମସିହ ମଉଦ୍‌ଙ୍କର ପ୍ରକଟ ହେବା ଐଶୀ ପୁସ୍ତକରୁ ପ୍ରମାଣିତ ହେଉଛି । ନଓ୍ୱାବ ସିଦ୍ଦିକ୍ ହସନ୍ ଖାନ୍ ସ୍ୱରଚିତ ପୁସ୍ତକ 'ହିଜଜୁଲ୍ କିରାମା'ରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି ଯେ, ଇସଲାମ ଧର୍ମରେ ଯେଉଁସବୁ ଦିବ୍ୟ ସ୍ୱପ୍ନଦର୍ଶୀ ମହାତ୍ମାମାନେ ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେହି ହେଲେ ପ୍ରତିଶ୍ରୁତ ମସିହ୍‌ଙ୍କ ସମୟ କାଳ ନିର୍ଦ୍ଧାରିତ କରିବାରେ ଚତୁର୍ଦ୍ଦଶ

ଶତାବ୍ଦୀର ଅଗ୍ର ଭାଗରୁ ଆଗକୁ ଅତିକ୍ରମ କରିଯାଇ ନାହାନ୍ତି । ଏବେ ଏଠାରେ ସ୍ୱଭାବିକ ରୂପେ ପ୍ରଶ୍ନ ଉଠୁଛି ଯେ, ମସିହ ମଉଦ୍‌ଙ୍କୁ ଏହି ସମ୍ପ୍ରଦାୟରେ ଜାତ କରିବାର ଆବଶ୍ୟକ ହିଁ କ'ଣ ଥିଲା ? ଏହାର ଉତ୍ତର ହେଉଛି ଯେ, ଐଶ୍ୱର୍ଯ୍ୟମୟ ଅଲ୍ଲାଃ ପବିତ୍ର କୁରଆନରେ ପ୍ରତିଶ୍ରୁତି ଦେଇଥିଲେ ଯେ, ହଜରତ ମୁହମ୍ମଦ[ସ.ଅ] ନିଜର ଅବତାରତ୍ୱ ଜୀବନର ପ୍ରଥମ ଓ ଶେଷ ଦୃଷ୍ଟିରୁ ହଜରତ ମୁସା [ଅ.ସ]ଙ୍କ ସହିତ ସାଦୃଶ୍ୟ ରକ୍ଷା କରିବେ । ଅତଃ ସେହି ସମାନତା ଏକ ପକ୍ଷେ ତ ପ୍ରାଥମିକ ଯୁଗରେ ଥିଲା, ଯାହା ହଜରତ ମୁହମ୍ମଦ [ସ.ଅ]ଙ୍କର ଯୁଗ ଥିଲା ଏବଂ ଅନ୍ୟଟି ଅନ୍ତିମ ଯୁଗରେ । ସୁତରାଂ ପ୍ରଥମ ସାଦୃଶ୍ୟ ତ ଏପରି ସାବ୍ୟସ୍ତ ହେଉଛି ଯେ, ଯେଉଁ ପ୍ରକାରେ ହଜରତ ମୁସା [ଅ.ସ]ଙ୍କୁ ପରମେଶ୍ୱର ସର୍ବଶେଷରେ ଫିରଔନ୍ ଓ ତାଙ୍କର ସେନାବାହିନୀ ଉପରେ ବିଜୟ ପ୍ରଦାନ କରିଥିଲେ, ସେହିପରି ହଜରତ ମୁହମ୍ମଦ [ସ.ଅ]ଙ୍କୁ ସର୍ବାନ୍ତେ ଅବୁ ଜହେଲ୍ ଉପରେ ଯେକି ସେହି ଯୁଗର ଫିରଔନ୍ ଥିଲା ଏବଂ ତାହାର ସୈନ୍ୟସାମନ୍ତ ଉପରେ ବିଜୟ ପ୍ରଦାନ କଲେ ତଥା ସେ ସମସ୍ତଙ୍କର ବିନାଶ କରି ଇସଲାମ ଧର୍ମକୁ ଆରବ ଦ୍ୱୀପରେ ସଂସ୍ଥାପିତ କରିଦେଲେ । ଅଧିକନ୍ତୁ ସେହି ଐଶ୍ୱରିକ ସହାୟତା ଦ୍ୱାରା ଏହି ଭବିଷ୍ୟତ ବାଣୀ ପୂରଣ ହେଲା:

إِنَّآ أَرْسَلْنَآ إِلَيْكُمْ رَسُولًا شَاهِدًا عَلَيْكُمْ كَمَآ أَرْسَلْنَآ إِلَىٰ فِرْعَوْنَ رَسُولًا

ଇନ୍ନା ଅର୍‌ସଲନା ଇଲୈକୁମ୍ ରସୁଲନ୍ ଶାହିଦନ୍ ଆଲୈକୁମ୍ କମା ଅର୍‌ସଲ୍‌ନା ଇଲା ଫିର୍‌ଔନା ରସୁଲା (ଅଲ୍ ମୁଜମ୍ମିଲ୍ 73:16) ତତ୍‌ସହିତ ଶେଷ ଯୁଗ ସହିତ ଏହି ସାଦୃଶ୍ୟ ରହିଛି ଯେ, ପରମେଶ୍ୱର ମୁସା [ଅ.ସ]ଙ୍କ ସମ୍ପ୍ରଦାୟର ଅନ୍ତିମ ଚରଣରେ ମଧ୍ୟ ଏପରି ଏକ ଅବତାରଙ୍କୁ ଆବିର୍ଭୂତ କଲେ । ଯେ କି ଜିହାଦ୍ (ଧର୍ମଯୁଦ୍ଧ)ର ବିରୋଧୀ ଥିଲେ ଏବଂ ଧର୍ମୀୟ ସଂଘର୍ଷ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା, ବରଂ ତାଙ୍କର ଶିକ୍ଷା କ୍ଷମା ତଥା ଦୟା ଉପରେ ପର୍ଯ୍ୟବସିତ ଥିଲା । ପୁଣି ସେ ଏପରି ସମୟରେ ପ୍ରକଟ ହୋଇଥିଲେ ଯେତେବେଳେ ଇସ୍ରାଇଲୀୟ ସନ୍ତାନମାନଙ୍କ ନୈତିକ ଓ ଚାରିତ୍ରିକ ଅବସ୍ଥା ବହୁତ ବିଗିଡି ଯାଇଥିଲା ଏବଂ ସେମାନଙ୍କ ଚାଲିଚଳନରେ ଅଧୋଗତି ଘଟିଥିଲା ତଥା ସେମାନଙ୍କର ରାଜତ୍ୱ ତାଙ୍କ ହାତରୁ ଚାଲି ଯାଇଥିଲା । ସେମାନେ ରୋମୀୟ ସାମ୍ରାଜ୍ୟ ଅଧୀନରେ ରହିଥିଲେ ଏବଂ ସେମାନେ ହଜରତ ମୁସା [ଅ.ସ]ଙ୍କର ଠିକ୍ ଚଉଦ ଶହ ବର୍ଷ ପରେ ପ୍ରକଟ ହେଲେ । ତାଙ୍କରି ଠାରେ ଇସ୍ରାଇଲୀୟ ଅବତାରମାନଙ୍କ (କ୍ରମିକ) ଆଗମନରେ ପୂର୍ଣ୍ଣଚ୍ଛେଦ

ପଡିଲା ଏବଂ ସେ ଇସ୍ରାଇଲୀୟ ଅବତାରମାନଙ୍କର ଅନ୍ତିମ କଡ଼ି ଥିଲେ ।

ଏହିପରି ଭାବେ ହଜରତ ମୁହମ୍ମଦ [ସ.ଅ]ଙ୍କର ଅନ୍ତିମ ଚରଣରେ ମରିୟମ ପୁତ୍ର ଯୀଶୁଙ୍କ ରଙ୍ଗରେ ବିଭୂଷିତ ହୋଇ ତଥା ତାଙ୍କ ଗୁଣ ବହନ କରି (ପ୍ରଭୁ) ଏହି ଲେଖକକୁ ପ୍ରେରଣ କଲେ ଏବଂ ମୋ କାଳରେ ଜିହାଦ୍ ପ୍ରଥାକୁ ଉଠାଇ ଦେଲେ, ଯେପରିକି ପୂର୍ବରୁ ସୂଚନା ଦିଆ ଯାଇଥିଲା ଯେ ମସିହ ମଉଦ୍‌ଙ୍କ ଯୁଗରେ ଜିହାଦ୍‌କୁ ରଦ୍ଦ କରି ଦିଆଯିବ । ସେହିପରି ମୋତେ କ୍ଷମା ଓ ଦୟାଭିତ୍ତିକ ଶିକ୍ଷା ପ୍ରଦାନ କରାଯାଇଛି । ମୁଁ ଏପରି ସମୟରେ ଆସିଛି, ଯେତେବେଳେ କି ଅଧିକାଂଶ ମୁସଲମାନଙ୍କର ଆଭ୍ୟନ୍ତରୀଣ ଅବସ୍ଥା ଇହୁଦିମାନଙ୍କ ପରି ଦୂଷିତ ହୋଇ ସାରିଛି ଏବଂ ଆଧ୍ୟାତ୍ମିକତା ବିଲୁପ୍ତ ହୋଇ ସେମାନଙ୍କଠାରେ କେବଳ ଅପବିତ୍ର ପରମ୍ପରା ଓ କୁପ୍ରଥାର ଅନୁସରଣ କରିବା ବାକି ରହିଯାଇଛି, ଯେଉଁ ବିଷୟ ପ୍ରତି ପବିତ୍ର କୁରଆନରେ ବହୁ ପୂର୍ବରୁ ସଂକେତ ଦିଆଯାଇଥିଲା । ଯେପରିକି ଗୋଟିଏ ସ୍ଥାନରେ ଶେଷ ଯୁଗର ମୁସଲମାନମାନଙ୍କ ପାଇଁ ପବିତ୍ର କୁରଆନରେ ସେହି ଶବ୍ଦ ପ୍ରୟୋଗ କରାଯାଇଛି; ଯାହାକି ଇହୁଦିମାନଙ୍କ ସକାଶେ ବ୍ୟବହୃତ ହୋଇଥିଲା । ତାହା ଏହିପରି ଲେଖାଯାଇଛି: فَيَنْظُرَ كَيْفَ تَعْمَلُوْنَ

ଫୟୁନଜୁରା କୈଫା ତା'ମଲୁନ୍ (ଅଲ୍ ଆରାଫ୍ 7:130) ଯାହାର ଅର୍ଥ ଏହି କି ଯେ, ତୁମମାନଙ୍କୁ ଖିଲାଫତ୍ ଓ ରାଜତ୍ୱ ଦିଆଯିବ, ମାତ୍ର ଶେଷ ଯୁଗରେ ତୁମର ମନ୍ଦକର୍ମ ଯୋଗୁଁ ସେହି ରାଜତ୍ୱ ତୁମ ଠାରୁ ଛଡାଇ ନିଆଯିବ, ଯେପରିକି ଇହୁଦିମାନଙ୍କ ଠାରୁ ଛଡ଼ାଇ ନିଆଯାଇଥିଲା । ପୁନଶ୍ଚ ସୁରଃ ନୁର୍‌ରେ ଏଥିପ୍ରତି ସ୍ୱଷ୍ଟ ସଙ୍କେତ ଦିଆଯାଇ କୁହାଯାଇଛି ଯେ, ପ୍ରତ୍ୟେକ ରଙ୍ଗର ଯେଉଁ କାର୍ଯ୍ୟଶୈଳୀ ଭିତିରେ ଇସ୍ରାଇଲୀୟ ସନ୍ତାନମାନଙ୍କ ମଧ୍ୟରେ ଖଲିଫାଗଣ ଆସିଛନ୍ତି, ସେ ସମସ୍ତ କଳାତ୍ମକ ରଙ୍ଗ ଏହି (ମୁସଲିମ୍) ସମ୍ପ୍ରଦାୟର ଖଲିଫାମାନଙ୍କ ଠାରେ ମଧ୍ୟ ଦେଖାଯିବ । ସୁତରାଂ ଇସ୍ରାଇଲୀୟ ଖଲିଫାମାନଙ୍କ ମଧ୍ୟରେ ହଜରତ ଯୀଶୁ ମସିହ[ଅ.ସ] ଏପରି ଜଣେ ଖଲିଫା ଥିଲେ, ଯିଏ ନା କେବେ ତରବାରୀ ଉତ୍ତୋଳନ କରିଥିଲେ ଏବଂ ନା କୌଣସି ଜିହାଦ୍ କରିଥିଲେ । ଅତଃ ଏହି ସମ୍ପ୍ରଦାୟକୁ ମଧ୍ୟ ସେହି ରଙ୍ଗ ସମ୍ପନ୍ନ ମସିହ ମଉଦ୍ ଦିଆଗଲା । ନିମ୍ନୋକ୍ତ ଆୟତ୍‌କୁ ଦେଖନ୍ତୁ:

وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ

كَمَا اسۡتَخۡلَفَ الَّذِيۡنَ مِنۡ قَبۡلِهِمۡ ۪ وَلَيُمَكِّنَنَّ لَهُمۡ دِيۡنَهُمُ الَّذِى ارۡتَضٰى لَهُمۡ وَلَيُبَدِّلَنَّهُمۡ مِّنۡۢ بَعۡدِ خَوۡفِهِمۡ اَمۡنًا ؕ يَعۡبُدُوۡنَنِىۡ لَا يُشۡرِكُوۡنَ بِىۡ شَيۡـًٔـا ؕ وَمَنۡ كَفَرَ بَعۡدَ ذٰ لِكَ فَاُولٰۤـئِكَ هُمُ الۡفٰسِقُوۡنَ

ୱ୍ୱଆଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ୱ୍ୱଆମିଲୁସ୍ ସ୍ୱାଲିହାତି ଲୟସ୍ ତଖ୍‌ଲିଫନ୍ ନହୁମ୍ ଫିଲ୍ ଅର୍‌ଜେ କମସ୍ ତଖ୍‌ଲଫଲ୍ ଲଜିନା ମିନ୍ କବ୍‌ଲିହିମ୍ ୱ୍ୱଲ ୟୁମକ୍‌କିନନ୍ନା ଲହୁମ୍ ଦୀନହୁମୁଲ୍ଲଜିର୍ ତଜାଲହୁମ୍ ୱ୍ୱଲାୟୁବଦ୍ ଦିଲନ୍ନହୁମ୍ ମିମ୍‌ବାଦି ଖୌଫିହିମ୍ ଅମ୍‌ନା, ୟାବୁଦୁନନୀ ଲା ୟୁଶ୍‌ରିକୁନା ବିଶୈଆ, ୱ୍ୱମନ୍ କଫରା ବାଅଦା ଜାଲିକା ଫଉଲାଇକା ହୁମୁଲ୍ ଫାସିକୁନ୍ (ଅନ୍ ନୁର୍ 24:56)

ଏହି ଆୟତରେ ବାକ୍ୟାଂଶ କମସ୍ ତଖ୍‌ଲଫଲ୍ ଇଜିନା ମିନ୍ କବ୍‌ଲିହିମ୍ ପ୍ରତିଦାନ ଯୋଗ୍ୟ । କାରଣ ଏଥିରୁ ବୁଝାପଡୁଛି ଯେ, ମୁହମ୍ମଦୀୟ ଖିଲାଫତ୍ ପରମ୍ପରା ମୁସୀୟ ଖିଲାଫତ୍ ବ୍ୟବସ୍ଥା ସହିତ ସାଦୃଶ୍ୟ ରକ୍ଷା କରୁଛି । ଯେହେତୁ ମୁସୀୟ ଖିଲାଫତ୍‌ର ଅନ୍ତ ଏପରି ନବୀଙ୍କ ଠାରେ ସମ୍ପନ୍ନ ହେଲା ଅର୍ଥାତ ହଜରତ ଇସା ମସିହ୍ ଅ.ସଙ୍କ ଠାରେ, ଯେ କି ହଜରତ ମୁସା ଅ.ସଙ୍କର ଚଉଦ ଶତାବ୍ଦୀର ଅଗ୍ର ଭାଗରେ ଆସିଲେ ଏବଂ ସେ କୌଣସି ଯୁଦ୍ଧ ଓ ଜିହାଦ୍ କଲେ ନାହିଁ । ସେଥିପାଇଁ ଏହା ଆବଶ୍ୟକ ଥିଲା ଯେ, ମୁହମ୍ମଦୀୟ ସମ୍ପ୍ରଦାୟର ଶେଷ ଖଲିଫା ମଧ୍ୟ ସେହି ଗୌରବର ଅଧିକାରୀ ହୁଅନ୍ତୁ ।

ଏତାଦୃଶ ଭାବରେ ସହି ହଦିସ୍ ଗ୍ରନ୍ଥମାନଙ୍କରେ ମଧ୍ୟ ଏହା ବର୍ଣ୍ଣିତ ଥିଲା ଯେ, ଅନ୍ତିମ ଯୁଗରେ ଅଧିକାଂଶ ମୁସଲମାନଙ୍କର ଇହୁଦିମାନଙ୍କ ସହିତ ସମାନୁପାତିକ ଅବସ୍ଥା ସୃଷ୍ଟି ହୋଇଯିବ ତଥା ସୁରଃ ଫାତିହାରେ ଏଥି ପ୍ରତି ସଂକେତ ରହିଥିଲା । କାରଣ ଏଥିରେ ଏହି ପ୍ରାର୍ଥନା ଶିଖାଇ ଦିଆଯାଇଛି ଯେ, ହେ ଈଶ୍ୱର ! ଆମମାନଙ୍କୁ ଏପରି ଇହୁଦି ହେବାରୁ ସୁରକ୍ଷିତ ରଖ, ଯେଉଁମାନେ ଯୀଶୁ ମସିହ ଅ.ସଙ୍କ ସମୟରେ ଥିଲେ ଏବଂ ସେମାନେ ତାଙ୍କର ବିରୁଦ୍ଧାଚରଣ କରୁଥିଲେ, ଯାହାଙ୍କ ପ୍ରତି ପରମେଶ୍ୱରଙ୍କ ପ୍ରକୋପ ଏହି ଇହଲୋକରେ ଅବତୀର୍ଣ୍ଣ ହୋଇଥିଲା । ଅତଃ ଏହା ବିଧିର ବିଧାନ ଯେ, ଯେତେବେଳେ ଈଶ୍ୱର କୌଣସି ଜାତି ବା ସମ୍ପ୍ରଦାୟକୁ ଆଦେଶ ଦିଅନ୍ତି ଅଥବା କୌଣସି ପ୍ରାର୍ଥନା ଶିଖାନ୍ତି, ତେବେ ତାହାର ଅର୍ଥ ହେଉଛି ଯେ, ସେମାନଙ୍କ ମଧ୍ୟରୁ କେତେକ ଲୋକ ସେହି ପାପର ଭାଗୀଦାର ହେବେ, ଯହିଁରୁ ସେମାନଙ୍କୁ

ବାରଣ କରାଯାଇଛି । ସୁତରାଂ ଯେହେତୁ ପବିତ୍ର କୁରଆନର ଆୟତ୍-

غَيۡرِ الۡمَغۡضُوۡبِ عَلَيۡهِمۡ ଗୈରିଲ୍ ମଗଜୁବି ଆଲୈହିମ୍ (ଅଲ୍ ଫାତିହା 1:7)ର ତାତ୍ପର୍ଯ୍ୟ ସେହି ଇହୁଦଗଣ, ଯେଉଁମାନେ ମୁସୀୟ ସମ୍ପ୍ରଦାୟର ଶେଷ ଯୁଗରେ ଅର୍ଥାତ ଯୀଶୁ ମସିହ ଅ.ସଙ୍କ ସମୟରେ ତାଙ୍କୁ ଅସ୍ୱୀକାର କରିଥିବା ଯୋଗୁଁ ଦୈବୀ ପ୍ରକୋପର ଶିକାର ହୋଇଥିଲେ । ସେଥିପାଇଁ ଏହି ଆୟତରେ ଉପରୋକ୍ତ ସୁନ୍ନତ (ଅନୁସୃତ ପନ୍ଥା) ଅନୁଯାୟୀ ଏହି ଭବିଷ୍ୟତ ବାଣୀ ରହିଛି ଯେ, ମୁହମ୍ମଦୀୟ ସମ୍ପ୍ରଦାୟର ଶେଷ ଯୁଗରେ ଏହି ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ହୋଇ ମସିହ ମଉଦ୍ ପ୍ରକଟ ହେବେ ଏବଂ କେତେକ ମୁସଲମାନ ତାଙ୍କର ବିରୁଦ୍ଧାଚରଣ କରି ସେହି ଇହୁଦିମାନଙ୍କ ସଦୃଶ୍ୟ ହୋଇଯିବେ, ଯେଉଁମାନେ ଯୀଶୁ ମସିହ୍ ଅ.ସଙ୍କ ସମୟରେ ଥିଲେ । ଏହା ଆରୋପିତ ବିଷୟ ନୁହେଁ ଯେ, ଆଗମନକାରୀ ମସିହ୍ଅ.ସ ଯଦି ଏହି (ମୁସଲିମ୍) ସମ୍ପ୍ରଦାୟଭୁକ୍ତ ଥିଲେ, ତା'ହେଲେ ତାଙ୍କ ନାମ ହଦିସ୍‌ମାନଙ୍କରେ ଇସାଅ.ସ କାହିଁକି ରଖାଗଲା । କାରଣ ଅଲ୍ଲାଃଙ୍କ ଅନୁସୃତ ପରମ୍ପରା ଏହି ପ୍ରକାରେ ହୋଇଥାଏ ଯେ, କିଛି ଲୋକଙ୍କୁ ଆଉ କାହାର ନାମ ଦିଆଯାଇଥାଏ । ଯେପରିକି ହଦିସ୍ ଗ୍ରନ୍ଥମାନଙ୍କରେ ଅବୁଜହେଲ୍‌ର ଅନ୍ୟ ନାମ ଫିରଔନ ତଥା ହଜରତ ନୁହ୍ ଅ.ସଙ୍କ ନାମ ଦ୍ୱିତୀୟ ଆଦମ୍ ରଖାଗଲା । ସେହିପର ଯୁହନ୍ନାଙ୍କ ନାମ ଏଲିୟାଅ.ସ ରହିଛି । ଏହା ସେହି ଦୈବୀ ପଦ୍ଧତି, ଯାହାକୁ କେହିହେଲେ ଅସ୍ୱୀକାର କରିପାରିବେ ନାହିଁ । ପରମେଶ୍ୱର ଆଗମନକାରୀ ମସିହ ଅ.ସଙ୍କୁ ପ୍ରଥମ ମସିହ ଅ.ସଙ୍କ ସହିତ ଏହା ମଧ୍ୟ ଏକ ସମାନତା ପ୍ରଦାନ କରିଛନ୍ତି ଯେ, ପ୍ରଥମ ମସିହ ଅର୍ଥାତ ହଜରତ ଇସାଅ.ସ ହଜରତ ମୁସା ଅ.ସଙ୍କର ଚଉଦ ଶହ ବର୍ଷ ପରେ ଆସିଥିଲେ ଏବଂ ଠିକ୍ ସେହିପରି ଅନ୍ତିମ ମସିହ ମଧ୍ୟ ହଜରତ ମୁହମ୍ମଦ ସ.ଅଙ୍କ ଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ହିଜ୍ରିରେ ଆବିର୍ଭୂତ ହୋଇଛନ୍ତି । ତାହା ଏପରି ଏକ ଯୁଗାନ୍ତକାଳୀନ ସମୟରେ ଯେତେବେଳେ ଭାରତ ବର୍ଷରୁ ଇସଲାମୀୟ ସାମ୍ରାଜ୍ୟ ଅପସରି ଯାଉଥିଲା ଏବଂ ବ୍ରିଟିଶ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । ଯେପରିକି ହଜରତ ଯୀଶୁ ମସିହ୍ଅ.ସ ମଧ୍ୟ ଏପରି ଏକ ସମୟରେ ଆବିର୍ଭୂତ ହୋଇଥିଲେ, ଯେତେବେଳେ ଇସ୍ରାଇଲୀୟ ସାମ୍ରାଜ୍ୟର ପତନ ଘଟିବା ଯୋଗୁଁ ଇହୁଦି ଲୋକମାନେ ରୋମ ସାମ୍ରାଜ୍ୟର ଅଧୀନସ୍ଥ ହୋଇଯାଇଥିଲେ । ସେହି ସମ୍ପ୍ରଦାୟରେ ଆସିଥିବା ପ୍ରତିଶୃତ ମସିହ୍‌ଙ୍କ ପାଇଁ ଅନ୍ୟ ଏକ ସମାନତା ଯୀଶୁ ମସିହ୍ ଅ.ସଙ୍କ ସହିତ

ରହିଛି, ଯେ ଇସା[ଅ.ସ] ସମ୍ପୂର୍ଣ୍ଣ ରୂପେ ଇସ୍ରାଇଲୀୟ ସନ୍ତାନମାନଙ୍କ ମଧ୍ୟରୁ ନଥିଲେ, ବରଂ କେବଳ ମାତାଙ୍କ ଯୋଗୁଁ ଇସ୍ରାଇଲୀୟ ବୋଲାଉ ଥିଲେ । ତଦନୁରୂପ ଏହି ବିନୀତର କେତେକ ଦାଦିମାନେ ସୟଦ ବଂଶଜ, ଯେବେକି ପିତା ସୟଦ କୁଳର ନୁହଁନ୍ତି । ହଜରତ ଇସା [ଅ.ସ]ଙ୍କ ପାଇଁ ଈଶ୍ୱର ଏହା ପସନ୍ଦ କଲେ ଯେ, କୌଣସି ଇସ୍ରାଇଲୀୟ (ପୁରୁଷ) ହଜରତ ଯୀଶୁଙ୍କର ବାପ ନଥିଲେ । ଏଥିରେ ଏହି ଭେଦ ରହିଥିଲା ଯେ, ପରମେଶ୍ୱର ଇସ୍ରାଇଲୀୟ ସନ୍ତାନମାନଙ୍କର ଅତ୍ୟଧିକ ପାପକର୍ମ ଯୋଗୁଁ ସେମାନଙ୍କ ଉପରେ ଭୀଷଣ ଅସନ୍ତୁଷ୍ଟ ଥିଲେ । ଏଥିଯୋଗୁଁ ଚେତାବନୀ ସ୍ୱରୂପ ସେମାନଙ୍କୁ ଏହି ନିଦର୍ଶନ ଦେଖାଇଲେ ଯେ, ସେମାନଙ୍କ ମଧ୍ୟରେ ଏକ ଶିଶୁକୁ କେବଳ ମାତା'ର ଔରସରୁ ପିତାର ଶାରୀରିକ ସମ୍ପର୍କ ବିନା ସୃଷ୍ଟି କଲେ । ଯେପରିକି ଇସ୍ରାଇଲୀୟ ଅସ୍ତିତ୍ୱର ଦୁଇ ଭାଗ ମଧ୍ୟରୁ କେବଳ ଗୋଟିଏ ଭାଗ ହଜରତ ଇସା ମସିହ୍‌ଙ୍କ ପାଖରେ ରହିଯାଇ ଥିଲା । ଏହା ଏହି ବିଷୟ ଆଡ଼କୁ ଧ୍ୟାନ ଆକର୍ଷିତ କରୁଥିଲା ଯେ, ଆସିବାକୁ ଥିବା ନବୀ ମଧ୍ୟରେ ଏହା ମଧ୍ୟ ଘଟିବ ନାହିଁ । ସୁତରାଂ ଯେହେତୁ ସଂସାରର ଅନ୍ତ ଘଟିବାକୁ ଯାଉଛି, ସେଥିପାଇଁ ମୋର ଏହି ଜନ୍ମ ହେବାରେ ମଧ୍ୟ ଗୋଟିଏ ଇଶାରା ରହିଛି ଏବଂ ତାହା ଏହି କି ଯେ, ମହାପ୍ରଳୟ ଆସନ୍ନ ପ୍ରାୟ ଓ ତାହା ହିଁ କୁରୈଶ ଖିଲାଫତ୍‌ର ପ୍ରତିଶ୍ରୁତିକୁ ସମାପ୍ତ କରିଦେବ । ଅତଃ ମୁସଓ୍ୱି ତଥା ମୁହମ୍ମଦୀୟ ସମାନତାକୁ ପୂରଣ କରିବା ପାଇଁ ଏପରି ମସିହ ମଉଦଙ୍କର ଆବଶ୍ୟକତା ରହିଥିଲା, ଯାହା ସେହିସବୁ ବିଶେଷତ୍ୱ ବହନ କରି ପ୍ରକଟ ହୋଇଥାନ୍ତା । ଯେପରିକି ଇସଲାମୀୟ ପ୍ରଣୟନ ବ୍ୟବସ୍ଥା ମୁସା [ଅ.ସ]ଙ୍କର ସାଦୃଶ୍ୟ ରକ୍ଷା କରି ଆରମ୍ଭ ହୋଇଥିଲା । ଠିକ୍ ସେହିପରି ତାହା ଯୀଶୁଙ୍କ ସାଦୃଶ୍ୟ ରକ୍ଷାକାରୀଙ୍କ ଠାରେ ଶେଷ ହୋଇଯିବ । ଏତଦ୍ ଦ୍ୱାରା ଶେଷକୁ ଆରମ୍ଭ ସହିତ ସାଦୃଶ୍ୟତା ସ୍ଥାପନ ହେବ । ସୁତରାଂ ଏହା ମଧ୍ୟ ମୋର ସତ୍ୟତାର ଏକ ପ୍ରମାଣ, କିନ୍ତୁ ଏହା ସେହି ଲୋକମାନଙ୍କ ସକାଶେ ଉଦ୍ଦିଷ୍ଟ ଯେଉଁମାନେ ଈଶ୍ୱର ଭୟ ରଖି ଚିନ୍ତନ କରନ୍ତି । ପରମେଶ୍ୱର ଚଳିତ ଯୁଗର ମୁସଲମାନମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଯେ, ସେମାନଙ୍କର ଅଧିକାଂଶ ଆସ୍ଥାଗତ ବିଷୟ ଅନ୍ୟାୟ ଓ ଅତ୍ୟାଚାରର ସକଳ ସୀମା ଟପି ଯାଇଛି । ପବିତ୍ର କୁରଆନରେ (ସେମାନେ) ପଢୁଛନ୍ତି ଯେ, ଯୀଶୁ ମସିହ୍[ଅ.ସ] ମୃତ୍ୟୁବରଣ କରି ସାରିଛନ୍ତି, ତଥାପି ତାଙ୍କୁ ଜୀବିତ ମଣୁଛନ୍ତି । ସେହିପରି ପବିତ୍ର କୁରଆନର

ସୁରଃ ନୁର୍‌ରେ ପଢୁଛନ୍ତି ଯେ, ଆଗାମୀ ଦିନରେ ଆସିବାକୁ ଥିବା ସମସ୍ତ ଖଲିଫା (ଉତ୍ତରାଧିକାରୀ) ଏହି ସମ୍ପ୍ରଦାୟର ହେବେ। ତଥାପି ହଜରତ ଯୀଶୁ ଅ.ସଙ୍କୁ ଆକାଶରୁ ଅବତରଣ କରାଉଛନ୍ତି। ପୁନଶ୍ଚ ସହି ବୁଖାରି ଓ ସହି ମୁସଲିମ୍ ହଦିସ୍ ଗ୍ରନ୍ଥରେ ଏହା ପାଠ କରୁଛନ୍ତି ଯେ, ଯେଉଁ ଇସା ଏହି ସମ୍ପ୍ରଦାୟ ସକାଶେ ଆସିବ, ସେ ଏହି ସମ୍ପ୍ରଦାୟର ହିଁ ହେବ। ପୁଣି ସେମାନେ ସେହି ଇସ୍ରାଇଲୀୟ ଯୀଶୁ ଅ.ସଙ୍କ ଆଗମନର ପ୍ରତୀକ୍ଷାରେ ଅଛନ୍ତି ଏବଂ ପବିତ୍ର କୁରଆନରେ ପଢୁଛନ୍ତି ଯେ, ଇସା ମସିହ ପୁନର୍ବାର ସଂସାରକୁ ଆସିବେ ନାହିଁ ଏବଂ ଏହା ଜାଣିଥିବା ସତ୍ତ୍ୱେ ଯୀଶୁଙ୍କୁ ପୁନର୍ବାର ସଂସାରକୁ ଆଣିବାକୁ ଚାହୁଁଛନ୍ତି। ଏଥିସହିତ ସେମାନେ ମୁସଲମାନ ହେବାର ମଧ୍ୟ ଦାବି କରୁଛନ୍ତି ଏବଂ କହୁଛନ୍ତି ଯେ, ହଜରତ ଇସା ଅ.ସଙ୍କୁ ନିଜର ଭୌତିକ ଶରୀର ସହିତ ଜୀବିତ ଆକାଶ ଉପରକୁ ଉଠାଇ ନିଆଯାଇଛି, ମାତ୍ର ଏହାର ଉତ୍ତର ଦେଉନାହାନ୍ତି ଯେ ତାଙ୍କୁ କାହିଁକି ଉଠାଇ ନିଆଗଲା। ଇହୁଦିମାନଙ୍କ ବିବାଦ ତ କେବଳ ଆଧ୍ୟାତ୍ମିକ ଉତ୍‌ଥାନ ସମ୍ବନ୍ଧରେ ଥିଲା ଏବଂ ସେମାନଙ୍କର ଏହି ଧାରଣା ରହିଥିଲା ଯେ, ଧାର୍ମିକ ବ୍ୟକ୍ତିଙ୍କ ପରି ହଜରତ ଯୀଶୁ ଅ.ସଙ୍କ ଆତ୍ମା ଆକାଶକୁ ଉଠାଇ ନିଆଯାଇ ନାହିଁ। କାରଣ ତାଙ୍କୁ କ୍ରୁଶବିଦ୍ଧ କରାଯାଇ ଥିଲା ଏବଂ ଯାହାଙ୍କୁ କ୍ରୁଶରେ ମୃତ୍ୟୁଦଣ୍ଡ ଦିଆଯାଏ, ସେ ଅଭିଶପ୍ତ ବ୍ୟକ୍ତି ଅର୍ଥାତ ଆକାଶ ମାର୍ଗକୁ (ଈଶ୍ୱରଙ୍କ ନିକଟକୁ) ତାଙ୍କ ଆତ୍ମା ଉଠାଯାଏ ନାହିଁ। ପବିତ୍ର କୁରଆନ କେବଳ ଏହି ବିବାଦର ନିଷ୍ପତ୍ତି କରିଥିଲା ଯେପରିକି କୁରଆନ ମଜିଦ୍ ଦାବି କରେ ଯେ, ତାହା ଇହୁଦି ଓ ଖ୍ରୀଷ୍ଟିୟାନଙ୍କର ତ୍ରୁଟିକୁ ପଦାରେ ପକାଇଥାଏ ଏବଂ ସେମାନଙ୍କ ବିବାଦକୁ ନିଷ୍ପତ୍ତି କରିଥାଏ। ଇହୁଦିମାନଙ୍କର ଝଗଡ଼ା ତ ଏହା ଥିଲା ଯେ ଇସା ମସିହ୍ ଈଶ୍ୱରନିଷ୍ଠମାନଙ୍କ ମଧ୍ୟରୁ ନୁହନ୍ତି ଏବଂ ସେ ମୋକ୍ଷ ପ୍ରାପ୍ତ କରିନାହାନ୍ତି, ତଥା ତାଙ୍କ ଆତ୍ମାର ଉତ୍‌ଥାନ ଈଶ୍ୱରଙ୍କ ଆଡ଼କୁ ହେଲା ନାହିଁ। ସୁତରାଂ ଏହା ନିଷ୍ପତ୍ତି ଯୋଗ୍ୟ ବିଷୟ ଥିଲା ଯେ, ଇସା ମସିହଅ.ସ ଈଶ୍ୱରନିଷ୍ଠ ଓ ତାଙ୍କର ସଚ୍ଚୋଟ ଅବତାର କି ନୁହଁ ଏବଂ ତାଙ୍କ ଆତ୍ମାର ଉତ୍‌ଥାନ ବିଶ୍ୱାସକାରୀମାନଙ୍କ ପରି ଈଶ୍ୱରଙ୍କ ନିକଟକୁ ହୋଇଛି କି ନାହିଁ, ଏହା ହିଁ ପବିତ୍ର କୁରଆନ ନିଷ୍ପତ୍ତି କରିବାର ଥିଲା। ତେଣୁ ଯଦି ଆୟତ: بَلْ رَّفَعَهُ اللّٰهُ اِلَيْهِ

ବର୍ ରଫାଆ ହୁଲ୍ଲାହୁ ଇଲୈହି (ଅନ୍ ନିସା 4:159)ରୁ ଏହି ଅର୍ଥ ବାହାରୁଛି ଯେ, ପରମେଶ୍ୱର ହଜରତ ଯୀଶୁ ମସିହ ଅ.ସଙ୍କୁ ପାର୍ଥିବ ଶରୀର ସହିତ

ସ୍ୱର୍ଗର ଦ୍ୱିତୀୟ ଶୋପାନକୁ ଉଠାଇ ନେଲେ, ତା'ହେଲେ ଏହି କାର୍ଯ୍ୟାନୁଷ୍ଠାନ ଦ୍ୱାରା ବିବାଦୀୟ ପ୍ରସଙ୍ଗର ସମାଧାନ କ'ଣ ହେଲା ? ଯେପରିକି ଈଶ୍ୱର ଏହି ବିବାଦୀୟ ମୂଳକ ପ୍ରସଙ୍ଗକୁ ଆଦୌ ବୁଝି ନାହାନ୍ତି ଏବଂ ସେହି ନିଷ୍ପତ୍ତି କଲେ, ଯାହା ଇହୁଦିମାନଙ୍କ ଦାବି ସହିତ କୌଣସି ସମ୍ପର୍କ ରଖେ ନାହିଁ । ଅଥଚ ସେହି କୁରଆନ ବାଣୀରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଯୀଶୁ [ଅ.ସ]ଙ୍କ ଉତ୍ଥାନ ଈଶ୍ୱରଙ୍କ ନିକଟକୁ ହୋଇଛି । ଏହା ତ ଉଲ୍ଲେଖ ନାହିଁ ଯେ, ଦ୍ୱିତୀୟ ଆକାଶକୁ ଉଠାଇ ନିଆଗଲା । କ'ଣ ପରାକ୍ରମୀ ପରମେଶ୍ୱର ଦ୍ୱିତୀୟ ଆକାଶରେ ବସି ରହିଛନ୍ତି ? ନତୁବା ମୁକ୍ତି ଓ ବିଶ୍ୱାସ ନିମନ୍ତେ ଏହା ମଧ୍ୟ ଆବଶ୍ୟକ ଯେ, ଶରୀର ମଧ୍ୟ ଏକା ସଙ୍ଗେ ଉଠାଇ ନିଆଯିବେ ! ଅଥଚ ଏହା ବିସ୍ମୟଜନକ କଥା ଯେ, ଆୟତ ବର୍ ରଫାଆ ହୁଲ୍ଲାହୁ ଇଲୈହିରେ ଆକାଶର ଉଲ୍ଲେଖ ମଧ୍ୟ ନାହିଁ । ବରଂ ଏହି ଆୟତ'ର ଅର୍ଥ ତ କେବଳ ଏହି ଯେ, ଈଶ୍ୱର ମସିହ୍‌ଙ୍କୁ ନିଜ ପାଖକୁ ଉଠାଇ ନେଲେ । ଏବେ ବତାଅ ଯେ, କ'ଣ ହଜରତ ଇବ୍ରାହିମ୍[ଅ.ସ], ହଜରତ ଇସହାକ୍[ଅ.ସ], ହଜରତ ୟାକୁବ୍[ଅ.ସ], ହଜରତ ମୁସା[ଅ.ସ] ଏବଂ ହଜରତ ମୁହମ୍ମଦ[ସ.ଅ] ଆଦି ନଊଜୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣାଗତ) ଅନ୍ୟ କୌଣସି ଆଡ଼କୁ ଉତ୍ଥିତ ହୋଇ ଯାଇଥିଲେ, ମାତ୍ର ଈଶ୍ୱରଙ୍କ ନିକଟକୁ ନୁହେଁ ? ମୁଁ ଏଠାରେ ଜୋର ଦେଇ କହୁଛି ଯେ, ଏହି ଆୟତକୁ ଯୀଶୁ ମସିହ [ଅ.ସ]ଙ୍କ ସହିତ ବିଶେଷ ଭାବେ ଅଭିପ୍ରେତ କରିବା ଅର୍ଥାତ ରଫା ଇଲୈହି କେବଳ ତାଙ୍କ ପାଇଁ ଖାସ୍ କରିବା ଏବଂ ଅନ୍ୟ ଅବତାରମାନଙ୍କୁ ସେଥିରୁ ବାହାରେ ରଖିବା ହେଉଛି (ପରମେଶ୍ୱରଙ୍କର) ଅସ୍ୱୀକାର କରିବା ମୂଳକ ଉକ୍ତି । ତାହା ଠାରୁ ବଳି ଅନ୍ୟ କିଛି ଅମାନ୍ୟକର କଥା ହେବ ନାହିଁ । କାରଣ ଏପରି ଅର୍ଥ କରିବାରେ ହଜରତ ଇସା [ଅ.ସ]ଙ୍କ ବ୍ୟତିରେକେ ଅନ୍ୟ ସମସ୍ତ ଅବତାରଙ୍କୁ ରଫାରୁ ବଞ୍ଚିତ କରି ଦିଆଯାଇଛି । ଯେତେବେଳେ କି ହଜରତ ମୁହମ୍ମଦ[ସ.ଅ] ମେରାଜ୍ (ଆଧ୍ୟାତ୍ମିକ ରୂପେ ସ୍ୱର୍ଗ ଭ୍ରମଣ)ରୁ ଫେରିବା ପରେ ସେମାନଙ୍କର ରଫା (ସ୍ୱର୍ଗପୁରକୁ) ହୋଇଥିବାର ସାକ୍ଷ୍ୟ ବି ପ୍ରଦାନ କରିଛନ୍ତି । ଏହା ମନେ ରଖିବା ଉଚିତ୍ ଯେ, ହଜରତ ଇସା [ଅ.ସ]ଙ୍କର ରଫାର ଉଲ୍ଲେଖ କେବଳ ଇହୁଦିମାନଙ୍କୁ ଚେତାବନୀ ଦେବା ଓ ସେମାନଙ୍କ ଅଭିଯୋଗକୁ ରଦ୍ଦ କରିବା ସକାଶେ ରହିଥିଲା । ନଚେତ୍ ଏହି ରଫା (ଆଧ୍ୟାତ୍ମିକ ଉତ୍ଥାନ) ସକଳ ଅବତାର, ବାର୍ତ୍ତାବହ ତଥା ବିଶ୍ୱାସକାରୀମାନଙ୍କ ମଧ୍ୟରେ ସାଧାରଣ କଥା ଏବଂ

ଏମିତି ତ ମୃତ୍ୟୁ ଲାଭ କଲା ପରେ ପ୍ରତ୍ୟେକ ବିଶ୍ୱାସକାରୀର ରଫା ହୋଇଥାଏ । ସୁତରାଂ ଏହି ଆୟତ୍ ଯେପରିକି:

هٰذَا ذِكْرٌ وَاِنَّ لِلْمُتَّقِيْنَ لَحُسْنَ مَاٰبٍ جَنّٰتِ عَدْنٍ مُّفَتَّحَةً لَّهُمُ الْاَبْوَابُ

ହାଜା ଜିକ୍ରୁନ୍ ଓ୍ୱଇନ୍ନା ଲିଲ୍‌ମୁତ୍‌ତକିନା ଲହୁସ୍‌ନା ମାଆବ୍, ଜନ୍ନାତି ଅଦ୍‌ନିମ୍ ମୁଫତ୍‌ତହତଲ୍ ଲହୁମୁଲ୍ ଅବ୍‌ୱାବ୍ (ସ୍ୱାଦ 38: 50-51)ରେ ଏହି ରଫା ପ୍ରତି ଇଙ୍ଗିତ କରାଯାଇଛି । କିନ୍ତୁ ଅବିଶ୍ୱାସକାରୀଙ୍କର ରଫା (ଉତ୍‌ଥାନ) ହୁଏ ନାହିଁ, ଯେପରିକି କୁହାଯାଇଛି; لَا تُفَتَّحُ لَهُمْ اَبْوَابُ السَّمَآءِ

ଲା ତୁଫତ୍‌ତହୁ ଲହୁମ୍ ଅବ୍‌ୱାବୁସ୍ ସମାଆ (ଅଲ୍ ଆରାଫ୍ 7:41) ଏଥିପ୍ରତି ଇଶାରା କରୁଅଛି । ହଁ, ଯେଉଁ ଲୋକମାନେ ମୋ ପୂର୍ବରୁ ଏଥି ସମ୍ବନ୍ଧରେ ଭୁଲ କରିଛନ୍ତି, ସେମାନଙ୍କ ଭୁଲକୁ କ୍ଷମା କରାଯାଉଛି ଯେହେତୁ ସେମାନଙ୍କୁ ମନେ ପକାଇ ଦିଆଯାଇ ନଥିଲା । ସେମାନଙ୍କୁ ଐଶୀବାଣୀର ପ୍ରକୃତ ଅର୍ଥ ବୁଝାଯାଇ ନଥିଲା । କିନ୍ତୁ ମୁଁ ତୁମକୁ ସ୍ମରଣ କରାଇ ଦେଲି ଏବଂ ସଠିକ ଅର୍ଥ ବୁଝାଇଦେଲି । ଯଦି ମୁଁ ଆସି ନଥାନ୍ତି ତେବେ ସେହି ଭୁଲକୁ ପାରମ୍ପାରିକ ଭାବରେ ଅନୁସରଣ କରିବାର (ତ୍ରୁଟି) ଆଳ କରିବା ଯୋଗ୍ୟ ଥିଲା । କିନ୍ତୁ ଏଣିକି ଆଉ କୌଣସି ବାହାନା ଚଳିବ ନାହିଁ । ମୋ ସକାଶେ ସାକ୍ଷ୍ୟ ଦେଇଛି ଏବଂ ପୃଥିବୀ ମଧ । ଏହି (ମୁସଲିମ୍) ସାମ୍ପ୍ରଦାୟର କେତେକ ଆଧାତ୍ମିବାଦୀ ପୁରୁଷ ମୋର ନାମ ଓ ମୋର ସ୍ଥାନର ନାମ ନେଇ ସାକ୍ଷ୍ୟ ଦେଇଛନ୍ତି ଯେ, ସେ ହିଁ ମସିହ ମଉଦ୍ । କେତେକ ସାକ୍ଷ୍ୟ ପ୍ରଦାନକାରୀ ମୋର ଆବିର୍ଭାବ ହେବାର ତିରିଶ ବର୍ଷ ପୂର୍ବରୁ ଇହଧାମ ତ୍ୟାଗ କରି ଯାଇଛନ୍ତି, ଯେପରିକି ସେମାନଙ୍କ ସାକ୍ଷ୍ୟଗୁଡ଼ିକୁ ମୁଁ ପ୍ରକାଶିତ କରିସାରିଛି । ଅତଃ ଚଳିତ ଯୁଗରେ କେତେକ ଧର୍ମାତ୍ମା ଯାହାଙ୍କର ଲକ୍ଷ ଲକ୍ଷ ଅନୁଗାମୀ ରହିଥିଲେ, ସେମାନେ ଦୈବୀବାଣୀ ପ୍ରାପ୍ତ କରି ତଥା ସ୍ୱପ୍ନରେ ହଜରତ ମୁହମ୍ମଦ ସ.ଅ.ଙ୍କ ଠାରୁ ଶୁଣି ମୋର ସମର୍ଥନ କରିଛନ୍ତି । କେବଳ ସେତିକି ନୁହେଁ ବର୍ତ୍ତମାନ ସୁଦ୍ଧା ହଜାର ହଜାର ନିଦର୍ଶନ ମୋ ଠାରୁ ପ୍ରକଟ ହୋଇସାରିଛି । ପରମେଶ୍ୱରଙ୍କ ଦିବ୍ୟ ଅବତାରଗଣ ମୋର ସମୟ ଏବଂ ଯୁଗ ନିର୍ଦ୍ଧାରଣ କଲେ । ଯଦି ତୁମେ ଚିନ୍ତନ କରିବ ତେବେ (ଜାଣି ପାରିବ) ତୁମର ହସ୍ତ, ପାଦ ଓ ତୁମ ହୃଦୟ ମଧ ମୋ ସକାଶେ ସାକ୍ଷ୍ୟ ଦେଉଛନ୍ତି । କାରଣ ଦୁର୍ବଳତା ସୀମା ଅତିକ୍ରମ କରିଯାଇଛି ଏବଂ ଅଧିକାଂଶ

ଲୋକ ବିଶ୍ୱାସର ମାଧୁର୍ଯ୍ୟକୁ ମଧ୍ୟ ପାସୋରି ଯାଇଛନ୍ତି । ଯେଉଁ ଶକ୍ତିହୀନ, ଦୁର୍ବଳ ଦଶା, ତ୍ରୁଟିବିଚ୍ୟୁତି ଓ ପଥଭ୍ରଷ୍ଟତା, ସାଂସାରିକ ମୋହ ଓ ଅନ୍ଧକାର ମଧ୍ୟରେ ଏହି ଜାତି କବଳିତ ହୋଇ ଚାଲିଛି, ଏହି ସ୍ଥିତି ସ୍ୱାଭାବିକ ରୂପେ ଏହା ଆବଶ୍ୟକ କରୁଛି ଯେ, କେହି ଜଣେ ଉଠୁ ଏବଂ ସେମାନଙ୍କ ହାତ ଧରିନେଉ । ଏହା ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ ମୋର ନାମ ଦଜ୍ଜାଲ୍ (ପ୍ରତାରକ) ରଖାଯାଉଛି । ସେହି ଜାତି କେତେ ହତଭାଗା ଯେ, ତାହାର ଏପରି ସଙ୍କଟମୟ ପରିସ୍ଥିତିରେ ତାଙ୍କ ସକାଶେ ଦଜ୍ଜାଲ୍‌କୁ ପଠାଯିବ । ସେହି ଜାତି କେତେ ଦୁର୍ଭାଗ୍ୟଶାଳୀ ଯେଉଁମାନଙ୍କ ଆଭ୍ୟନ୍ତର କ୍ଷତିଗ୍ରସ୍ତ ହୋଇଥିବା ସମୟରେ ଆଉ ଏକ ବିଧ୍ୱଂସକାରୀ (ଶାସ୍ତି) ତାଙ୍କୁ ଆକାଶରୁ ଦିଆଯିବ, ପୁଣି ସେମାନେ କହୁଛନ୍ତି ଯେ ଏହି ବ୍ୟକ୍ତି ଅଭିଶପ୍ତ । ଯେ ଜଣେ ବିଧର୍ମୀ ଏବଂ ଏହି ଶବ୍ଦ ହଜରତ ଇସା [ଅ.ସ]ଙ୍କୁ ମଧ୍ୟ (ଆକ୍ଷେପ କରି) କୁହାଯାଇଥିଲା ତଥା ଯାହାଙ୍କୁ ଅପବିତ୍ର ଇହୁଦିମାନେ ଏପର୍ଯ୍ୟନ୍ତ କହୁଛନ୍ତି । କିନ୍ତୁ କଯ୍ାମତ୍ ବା ଅନ୍ତିମ (ବିଚାର) ଦିବସରେ ଯେଉଁ ଲୋକାମାନେ ନର୍କର ସ୍ୱାଦ ଚାଖିବେ, ସେମାନେ କହିବେ; مَا لَنَا لَا نَرٰی رِجَالًا كُنَّا نَعُدُّهُمْ مِّنَ الْاَشْرَارِ

ମାଲନା ଲାନରା ରିଜାଲନ୍ କୁନ୍ନା ନଉଦ୍ଦୁହୁମ୍ ମିନଲ୍ ଅଶ୍‌ରାର୍ (ସ୍ୱାଦ 38:63) ଅର୍ଥାତ "ଆମର କ'ଣ ହୋଇଗଲା ଯେ, ନର୍କ ମଧ୍ୟରେ ଆମକୁ ସେହି ଲୋକମାନେ ନଜରକୁ ଆସୁନାହାନ୍ତି, ଯେଉଁମାନଙ୍କୁ ଆମେ ଦୁଷ୍ଟ ବୋଲି ଭାବୁଥିଲୁ । "ସଂସାର ସର୍ବଦା ଈଶ୍ୱର ପ୍ରେରିତଗଣଙ୍କ ସହିତ ଶତ୍ରୁତା ଆଚରଣ କରି ଆସିଛି । କାରଣ ସଂସାରକୁ ପ୍ରେମ କରିବା ଏବଂ ଈଶ୍ୱର ପ୍ରେରିତଗଣଙ୍କୁ ପ୍ରେମ କରିବା କଦାପି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ । ଦେଖ ଯଦି ତୁମେ ସଂସାରକୁ ପ୍ରେମ ନକରିଥାନ୍ତ, ତା'ହେଲେ ମୋତେ ଦେଖି ନେଇଥାନ୍ତ । କିନ୍ତୁ ଏବେ ତୁମେ ମୋତେ ଦେଖିପାରିବ ନାହିଁ ।

ପୁଣି ଏତଦ୍ ବ୍ୟତୀତ ଯଦି ଏହି କଥା ସତ୍ୟ ହୋଇଥାଏ ଯେ, ଆୟତ- بَلْ رَّفَعَهُ اللّٰهُ اِلَيْهِ ବର୍‌ରଫାଆ ହୁଲ୍ଲାହୁ ଇଲୈହି (ନିସା 4:159)ର ଏହି ଅର୍ଥ ହେବ ଯେ, ହଜରତ ଇସା [ଅ.ସ]ଙ୍କୁ ଦ୍ୱିତୀୟ ଆକାଶକୁ ଉଠାଇ ନିଆଯାଇଛି, ତେବେ ଏହି (ତଥ୍ୟ) ଉପସ୍ଥାପନ କରିବା ଉଚିତ୍ ଯେ, ଅସଲ ମତଭେଦ ସୃଷ୍ଟିକାରୀ ସମସ୍ୟାର ସମାଧାନ କେଉଁ ଆୟତ୍‌ରେ ଦର୍ଶାଯାଇଛି । ଆଜି ପର୍ଯ୍ୟନ୍ତ

ଯେଉଁ ଇହୁଦିମାନେ ଜୀବିତ ତଥା ଉପସ୍ଥିତ ଅଛନ୍ତି, ସେମାନେ ତ ଯୀଶୁ ମସିହ୍‌ଙ୍କ ରଫ଼ା'ର ଏହି ଅର୍ଥକୁ ଅସ୍ୱୀକାର କରୁଛନ୍ତି ଯେ, ସେ (ଯୀଶୁ) نعوذباللہ (ଅଲ୍ଲାଃଙ୍କ ଶରଣାପନ୍ନ ହେଉଛି) ବିଶ୍ୱାସକାରୀ ତଥା ସତ୍ୟନିଷ୍ଠ ନଥିଲେ ଏବଂ ଈଶ୍ୱରଙ୍କ ଆଡ଼କୁ (ତାଙ୍କ ଆତ୍ମା) ଉତ୍‌ଥିତ ହୋଇନାହିଁ । ଯଦି (ଏହି କଥାରେ) ସନ୍ଦେହ ହେଉଛି ତେବେ ଇହୁଦିଙ୍କ ବିଦ୍ୱାନମାନଙ୍କୁ ଯାଇ ପଚାର ଯେ, ସେମାନେ କ୍ରୁଶବିଦ୍ଧ ଜନିତ ମୃତ୍ୟୁରୁ କ'ଣ ଏହି ପରିଣାମ ବାହାର କରୁନାହାନ୍ତି ଯେ, ଏପରି ମୃତ୍ୟୁ ଦ୍ୱାରା ଆତ୍ମା ଶରୀର ସହିତ ଆକାଶକୁ ଉତ୍‌ଥିତ ହୋଇ ନଥାଏ । ବରଂ ସେମାନେ ପୂର୍ଣ୍ଣ ଏକମତର ସହିତ ଏହା କହୁଛନ୍ତି ଯେ, ଯେଉଁ ବ୍ୟକ୍ତିକୁ କ୍ରୁଶରେ ଲଟକାଇ ମରାଯାଏ, ସେ ଅଭିଶପ୍ତ ହୁଏ । ତାହାର ଈଶ୍ୱରଙ୍କ ଆଡ଼କୁ ଉତ୍‌ଥାନ ହୁଏ ନାହିଁ । ଏହି କାରଣ ଯୋଗୁଁ ପରମେଶ୍ୱର ପବିତ୍ର କୁରଆନରେ ହଜରତ ଇସା [ଅ.ସ]ଙ୍କର କ୍ରୁଶରେ ମୃତ୍ୟୁ ହୋଇଥିବା କଥାକୁ ପ୍ରତ୍ୟାଖ୍ୟାନ କଲେ ଏବଂ କହିଲେ; وَمَا قَتَلُوْهُ وَمَا صَلَبُوْهُ وَلٰكِنْ شُبِّهَ لَهُمْ

ଓ୍ୱମା କତଲୁହୁ ଓ୍ୱମା ସଲବୁହୁ ଓ୍ୱଲାକିନ୍ ଶୁବ୍‌ବିହା ଲହୁମ୍ (ଅନ୍ ନିସା 4:158) ଏବଂ ସଲବୁହୁ ସହିତ ଏହି ଆୟତରେ କତଲୁହୁ ଶବ୍ଦକୁ ଲଗାଇ ବୃଦ୍ଧି କରାଯାଇଛି । ଯଦ୍ୱାରା ଏହି ବିଷୟକୁ ପ୍ରମାଣିତ କରିବା ଯେ, କେବଳ କ୍ରୁଶ ଉପରେ ଚଢାଇବା ଦ୍ୱାରା (କେହି) ଅଭିଶପ୍ତ ହୋଇଯିବ ନାହିଁ, ବରଂ ସର୍ତ୍ତ ହେଉଛି ଯେ, କ୍ରୁଶରେ ଚଢାଯିବ ଏବଂ ତତ୍‌ସହିତ ହତ୍ୟା କରିବା ଉଦ୍ଦେଶ୍ୟରେ ତାହାର ଗୋଡ଼ ବି ଭଙ୍ଗାଯିବ ଓ ତାକୁ ଜୀବନରୁ ମାରି ମଧ ଦିଆଯିବ । ତା'ହେଲେ ଯାଇ ସେହି ମୃତ୍ୟୁକୁ ଅଭିଶପ୍ତ ମୃତ୍ୟୁ କୁହାଯିବ । ମାତ୍ର ଈଶ୍ୱର ହଜରତ ଯୀଶୁ ମସିହ୍ [ଅ.ସ]ଙ୍କୁ ସେହି ମୃତ୍ୟୁରୁ ରକ୍ଷା କରିନେଲେ । ତାଙ୍କୁ ଧରିନେଇ କ୍ରୁଶରେ ଚଢାଗଲା ସତ, କିନ୍ତୁ କ୍ରୁଶ ଦ୍ୱାରା ତାଙ୍କର ମୃତ୍ୟୁ ହେଲା ନାହିଁ । ହଁ ଅବଶ୍ୟ ଇହୁଦିମାନଙ୍କ ହୃଦୟରେ ସନ୍ଦେହ ଉତ୍ପନ୍ନ କରିଦିଆଗଲା ଯେ, ସତେ ଯେପରି ଯୀଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିଛନ୍ତି ଏବଂ ଏହିପରି ଭ୍ରମର ଖ୍ରୀଷ୍ଟିୟାନମାନେ ମଧ ଶିକାର ହୋଇଗଲେ । ହଁ, ସେମାନେ ଏହି ଧାରଣାର ମଧ ବଶବର୍ତ୍ତୀ ହୋଇଗଲେ ଯେ, ସେ ମରିଗଲା ପରେ ପୁଣି ଜୀବିତ ହୋଇ ଉଠିଲେ । କିନ୍ତୁ ପ୍ରକୃତ କଥା କେବଳ ଏତିକି ଥିଲା ଯେ, ଶୁଳିର ଯାତନା ଯୋଗୁଁ ସେ ଅଚେତ ହୋଇଯାଇ ଥିଲେ ଏବଂ ଏହି ଅର୍ଥ ଶୁବ୍‌ବିହା ଲହୁମ୍ (ସନ୍ଦେହରେ ପଡ଼ିଗଲେ)ର ଅଟେ । ଏହି ଘଟଣା ସମୟରେ 'ମରହମେ ଇସା'

ନାମକ ଚେରମୂଳି ଔଷଧର ଏକ ଅଦ୍ଭୂତ ସାକ୍ଷୀ ହୋଇ ରହିଛି, ଯାହା ସମ୍ବନ୍ଧରେ ଶହ ଶହ ବର୍ଷ ଧରି ଇବ୍ରାନୀୟ, ରୋମୀୟ ଓ ୟୁନାନୀୟ ତଥା ମୁସଲମାନମାନଙ୍କ ବୈଦ୍ୟ ଚିକିତ୍ସା ଶାସ୍ତ୍ରମାନଙ୍କରେ ଲିପିବଦ୍ଧ ହୋଇ ଆସିଛି । ଏହି ସନ୍ଦର୍ଭରେ ଲେଖାଅଛି ଯେ ହଜରତ ଇସା [ଅ.ସ]ଙ୍କ ଚିକିତ୍ସା ସକାଶେ ଏହି ଔଷଧ ପ୍ରସ୍ତୁତ କରାଯାଇ ଥିଲା ।

ବସ୍ତୁତଃ ଏହି ଧାରଣା ରଖିବା ଏକ ଲଜ୍ଜ୍ୟାଜନକ ବିଷୟ ଯେ, ପରମେଶ୍ୱର ଯୀଶୁଙ୍କୁ ସଶରୀରେ ଆକାଶକୁ ଉଠାଇ ନେଇଥିଲେ । ସତେ ଯେପରି ସେ ଇହୁଦିମାନଙ୍କୁ ଭୟ କରୁଥିଲେ ଯେ, କାଳେ ସେମାନେ ତାଙ୍କୁ ଧରି ନେଇଯିବେ । ଯେଉଁ ଲୋକମାନଙ୍କ ପାଖରେ ପ୍ରକୃତ ମତଭେଦ ସମ୍ପର୍କରେ ସୂଚନା ନଥିଲା, ସେମାନେ ହିଁ ଏପରି ଗୁଜବର ପ୍ରଚାର କରିଛନ୍ତି । ଏପରି ଧାରଣା ପୋଷଣ କରିବା ଦ୍ୱାରା ହଜରତ ମୁହମ୍ମଦ [ସ.ଅ]ଙ୍କର ଅପମାନ ହେଉଛି । କାରଣ ହୁଜୁର [ସ.ଅ]ଙ୍କ ଠାରୁ ଚମତ୍କାରିତା ଦେଖିବା ପାଇଁ ଅମାନ୍ୟକାରୀ କୁରୈଶଗଣ ଏହି ପ୍ରକାରେ ଅଡି ବସିଥିଲେ ଯେ, ଆପଣ ଆମ ସମ୍ମୁଖରେ ଆକାଶକୁ ଚଢିଯାଆନ୍ତୁ ଏବଂ ପୁସ୍ତକ ନେଇ ଆକାଶରୁ ଓହ୍ଲାଇ ଆସନ୍ତୁ । ତା'ହେଲେ ଯାଇ ଆମେମାନେ ବିଶ୍ୱାସ ସ୍ଥାପନ କରିବୁ । କିନ୍ତୁ ସେମାନଙ୍କୁ ଏହି ଉତ୍ତର ମିଳି ଦିଆଗଲା ଯେ–

قُلْ سُبْحَانَ رَبِّيْ هَلْ كُنْتُ اِلَّا بَشَرًا رَّسُوْلًا

କୁଲ୍ ସୁବ୍‌ହାନା ରବ୍‌ବୀ ହଲ୍‌କୁନ୍‌ତୁ ଇଲ୍ଲା ବସରର୍ ରସୁଲା (ବନି ଇସ୍ରାଇଲ୍ 17:94) ଅର୍ଥାତ ମୁଁ ଏକ ଦେହଧାରୀ ମାନବ ଏବଂ ଅଲ୍ଲାଃ ଏହି ବିଷୟରୁ ପବିତ୍ର ଯେ, ସେ ତାଙ୍କର ଦୈବୀ ବିଧାନ ମୂଳକ ପ୍ରତିଶ୍ରୁତିର ବିରୁଦ୍ଧାଚରଣ କରି କୌଣସି ବ୍ୟକ୍ତିକୁ ଆକାଶକୁ ଉଠାଇ ନେବେ । ଯେବେ କି ସେ ଅଙ୍ଗୀକାର କରି ସାରିଛନ୍ତି ଯେ, ସକଳ ମାନବ ପୃଥିବୀ ଉପରେ ଜୀବନଯାପନ କରିବେ । କିନ୍ତୁ ହଜରତ ମସିହଙ୍କୁ ଈଶ୍ୱର ପାର୍ଥିବ ଶରୀର  ସହିତ ଆକାଶକୁ ଚଢାଇ ଦେଲେ ଏବଂ ନିଜ ଅଙ୍ଗୀକାରର କୌଣସି ଭ୍ରୁକ୍ଷେପ କଲେ ନାହିଁ । ଯେପରିକି ସେ କହିଥିଲେ;

فِيْهَا تَحْيَوْنَ وَفِيْهَا تَمُوْتُوْنَ وَمِنْهَا تُخْرَجُوْنَ

ଫିହା ତହ୍‌ୟୋନା ଓ୍ୱଫିହା ତମତୁନା ଓ୍ୱମିନ୍‌ହା ତୁଖ୍‌ରଜୁନ୍ (ଅଲ୍ ଆରାଫ 7:26) କେତେକ ମନେ କରନ୍ତି ଯେ, ଆମକୁ କୌଣସି ମସିହ ମଉଦଙ୍କୁ ମାନିବାର ଆବଶ୍ୟକତା ନାହିଁ ଏବଂ କହୁଛନ୍ତି; ଯଦିଚ ଆମେ ଗ୍ରହଣ କରୁଛୁ କି ହଜରତ ଇସା[ଅ.ସ] ମୃତ୍ୟୁ

ଲାଭ କରି ସାରିଛନ୍ତି, କିନ୍ତୁ ଯେବେକି ଆମେ ହେଉଛୁ ମୁସଲମାନ ଓ (ଆମେ) ନମାଜ ପାଠ କରୁଛୁ, ରୋଜା ରଖୁଛୁ ଏବଂ ଇସଲାମର ଆଦେଶାବଳୀର ପାଳନ କରୁଛୁ । ତେବେ ପୁଣି ଆମ ପକ୍ଷେ କୌଣସି ଦ୍ୱିତୀୟ ବ୍ୟକ୍ତିର ଆବଶ୍ୟକତା ହିଁ କ'ଣ ଅଛି ? କିନ୍ତୁ ମନେ ରଖନ୍ତୁ ଯେ, ଏହି ଚିନ୍ତାଧାରା ରଖୁଥିବା ବ୍ୟକ୍ତିମାନେ ମସ୍ତବଡ଼ ଭୁଲ ଧାରଣାରେ ପଡ଼ି ଯାଇଛନ୍ତି । ପ୍ରଥମତଃ ସେମାନେ ମୁସଲମାନ ହେବାର ଦାବି କିପରି ବା କରିପାରିବେ ଯେବେକି ସେମାନେ ଈଶ୍ୱର ଓ ତାଙ୍କ ରସୁଲଙ୍କ ଆଦେଶକୁ ମାନୁ ନାହାନ୍ତି । ଆଦେଶ ତ ଏହା ଦିଆଯାଇ ଥିଲା ଯେ, ଯେତେବେଳେ ସେହି ପ୍ରତିଶ୍ରୁତ ଇମାମ୍ ପ୍ରକଟ ହେବେ, ତା'ହେଲେ ତୁମେମାନେ ଅବିଳମ୍ବେ ତାହାଙ୍କ ଆଡ଼କୁ ଧାଇଁଯିବ ଏବଂ ଯଦି (ତୁମକୁ) ବରଫ (ପାହାଡ଼) ଉପରେ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡେ, ତଥାପି ମଧ୍ୟ ତୁମେ ତାଙ୍କ ନିକଟରେ ପହଞ୍ଚିବ । କିନ୍ତୁ ଏହାର ବିପରୀତରେ ବେପରୁଆ ଭାବ ପ୍ରଦର୍ଶନ କରାଯାଉଛି । କ'ଣ ଏହା ଇସଲାମ୍ ? ଏବଂ କ'ଣ ଏହିମାନେ ମୁସଲମାନ ? କଥା କେବଳ ଏତିକି ନୁହେଁ, ବରଂ କଟୁଭାଷା ଓ ଗାଳି ଗୁଲଜ କରାଯାଉଛି ଏବଂ ବିଧର୍ମୀ କୁହାଯାଉଛି ତଥା ମୋର ନାମ ଦଜ୍ଜାଲ୍ (ପ୍ରତାରକ) ରଖାଯାଉଛି । ଯେଉଁ ବ୍ୟକ୍ତି ମୋତେ ଦୁଃଖ ଦେଉଛି, ସେ ଭାବୁଛି ଯେ ମୁଁ ଏକ ବହୁତ ପୁଣ୍ୟ କର୍ମ କଲି ଏବଂ ଯିଏ ମୋତେ ଡ଼ାହା ମିଛୁଆ କହୁଅଛି, ସେ ମନେ ମନେ ମଣୁଅଛି କି ମୁଁ (ଏତଦ୍ ଦ୍ୱାରା) ଈଶ୍ୱରଙ୍କୁ ପ୍ରସନ୍ନିତ କରିଦେଲି ।

ହେ ସେହି ଲୋକମାନେ, ଯେଉଁମାନଙ୍କୁ ଧୈର୍ଯ୍ୟ ଏବଂ ଧର୍ମନିଷ୍ଠାତାର ଶିକ୍ଷା ଦିଆଯାଇଥିଲା ! ତୁମମାନଙ୍କୁ ଆବେଗ ପ୍ରବଣ ଏବଂ ସନ୍ଦେହ ପରାୟଣ ହେବାକୁ କିଏ ଶିଖାଇଲା ? ଏପରି କେଉଁ ନିଦର୍ଶନ ଅଛି, ଯାହାକୁ ଈଶ୍ୱର ପ୍ରକଟ କଲେ ନାହିଁ ଏବଂ ଏପରି କେଉଁ ପ୍ରମାଣ ବାକି ରହିଗଲା, ଯାହାକୁ ଈଶ୍ୱର ପ୍ରତିପାଦନ କରିନାହାନ୍ତି ? ମାତ୍ର ତୁମେ ତାକୁ ଗ୍ରହଣ କଲ ନାହିଁ ଏବଂ ଈଶ୍ୱରଙ୍କ ଆଦେଶକୁ ବେଖାତିର ଭାବରେ ଟାଳି ଦେଲ । ମୁଁ ଏହି ଯୁଗର ବାହାନା କରୁଥିବା ଲୋକମାନଙ୍କ ଉଦାହରଣ କାହା ସହିତ ଦେବି ? ସେମାନେ ସେହି ଧୂର୍ତ୍ତମାନଙ୍କ ସଦୃଶ ଯିଏ କି ଦିବାଲୋକରେ ଆଖି ବନ୍ଦ କରି କହୁଥାଏ ଯେ, ସୂର୍ଯ୍ୟ କାହିଁ କେଉଁଠି ଅଛି ? ହେ ନିଜକୁ ଠକୁ ଥିବା ମାନବ ! ପ୍ରଥମେ ନିଜ ଚକ୍ଷୁ ଖୋଲ, ତା'ପରେ ତୁମକୁ ସୂର୍ଯ୍ୟ ଦେଖାଯିବ । ଈଶ୍ୱରଙ୍କ ପ୍ରେରିତଗଣଙ୍କୁ ବିଧର୍ମୀ କହିବା ବହୁତ ସହଜ, କିନ୍ତୁ ଈଶ୍ୱର ବିଶ୍ୱାସର ସଂକୀର୍ଣ୍ଣ ପଥରେ ଯାଇ ତାହାଙ୍କର ଅନୁସରଣ କରିବା ଅତି

କଷ୍ଟସାଧ୍ୟ । ଈଶ୍ୱରଙ୍କ ସିଦ୍ଧପୁରୁଷଙ୍କୁ ଦଜ୍ଜାଲ୍ (ପ୍ରତାରକ) ବୋଲି କହିବା ଅତି ସରଳ, ମାତ୍ର ତାଙ୍କର ଶିକ୍ଷାନୁରୂପ ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବା ଅତ୍ୟନ୍ତ ଦୁରୂହ ବ୍ୟାପାର । ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ କହୁଛି ଯେ, ମୋତେ ମସିହ ମଉଦଙ୍କର କୌଣସି ପରୁଆ ନାହିଁ, ବାସ୍ତବରେ ତାକୁ ନିଜ ଆତ୍ମା ପ୍ରତି ଚିନ୍ତା ନାହିଁ । ଏପରି ବ୍ୟକ୍ତି ସତ୍‌ବିଶ୍ୱାସ, ମୁକ୍ତି ଏବଂ ପ୍ରକୃତ ପବିତ୍ରତା (ଲାଭ କରିବା) ପ୍ରତି ବେପରୁଆ ମନୋଭାବ ପୋଷଣ କରିଥାନ୍ତି । ଯଦି କିଞ୍ଚିତ ନ୍ୟାୟ ପରାୟଣ ହୋଇ ନିଜ ଅନ୍ତରାତ୍ମାର ଅବସ୍ଥା ଉପରେ ନଜର ପକାଇବ, ତା'ହେଲେ ତୁମକୁ ଜଣା ପଡ଼ିଯିବ ଯେ, ବିଶୁଦ୍ଧ ଆତ୍ମା ଓ ବିଶ୍ୱାସ ବ୍ୟତିରେକେ ଯାହା ଈଶ୍ୱର ପ୍ରେରିତ ସତ୍‌ପୁରୁଷ ଏବଂ ଅବତାରଙ୍କ ଜରିଆରେ ଆକାଶରୁ ଅବତୀର୍ଣ୍ଣ ହୋଇଥାଏ । ସେମାନଙ୍କ ନମାଜ୍ (ଉପାସନା) ମାତ୍ର ଏକ ଚିରାଚରିତ ପ୍ରଥା ଓ ରୀତିଗତ ଅଭ୍ୟାସ ଏବଂ ସେମାନଙ୍କ ରୋଜା (ଉପବାସ କରିବା) କେବଳ ଭୋକିଲା ରହିବା ବ୍ୟତୀତ ଅନ୍ୟ କିଛି ନୁହେଁ । ବାସ୍ତବିକତା ହେଉଛି ଯେ, କୌଣସି ମନୁଷ୍ୟ ନା କେବେ ପ୍ରକୃତ ଅର୍ଥରେ ପାପରୁ ମୁକ୍ତି ପାଇପାରିବ ଆଉ ନା ନିଷ୍ପାପର ଭାବେ ଈଶ୍ୱରଙ୍କ ସହିତ ପ୍ରେମ କରିପାରିବ ଏବଂ ନା ଯଥାଚିତ ରୂପେ ତାହାଙ୍କୁ ଭୟ କରିପାରିବ । ଏହା ସେପର୍ଯ୍ୟନ୍ତ ସମ୍ଭବ ନୁହେଁ, ଯେପର୍ଯ୍ୟନ୍ତ ତାହାଙ୍କ କୃପା ଓ ଆଶିଷ ବଳରେ ସେହି ପରମ ସର୍ତ୍ତାଙ୍କୁ ଚିହ୍ନିବାର ଜ୍ଞାନ ପ୍ରାପ୍ତ ନହୋଇଛି ଏବଂ ତାଙ୍କ ନିକଟରୁ ଶକ୍ତି ଓ ସାମର୍ଥ୍ୟ ଲାଭ ନହୋଇଛି । ଏହା ଅତି ସ୍ୱଷ୍ଟ କଥା ଯେ, ପ୍ରତ୍ୟେକ ଭୟ ଏବଂ ବିଶାଦ ପ୍ରେମ ଦିବ୍ୟଜ୍ଞାନ ଦ୍ୱାରା ହିଁ ହାସଲ ହୋଇଥାଏ । ଜଗତର ସମସ୍ତ ପାର୍ଥିବ ବସ୍ତୁ ଯାହା ପ୍ରତି ମନୁଷ୍ୟ ବିଶେଷ ମନୋଯୋଗ କରିଥାଏ ଏବଂ ସେସବୁକୁ ପ୍ରେମ କରିଥାଏ କିମ୍ବା ଭୟ କରିଥାଏ ଅଥବା ସେସବୁ ଠାରୁ ବିମୁଖତା ଅବଲମ୍ବନ କରି ଦୂରେଇ ଯାଇଥାଏ, ଏସବୁ ଅବସ୍ଥା ମନୁଷ୍ୟ ହୃଦୟ ଭିତରେ ଦିବ୍ୟଜ୍ଞାନ ଲାଭ କଲାପରେ ଯାଇ ଉତ୍ପନ୍ନ ହୋଇଥାଏ ।

ହଁ! ଏହା ସତ୍ୟ ଯେ, ଯେପର୍ଯ୍ୟନ୍ତ ଈଶ୍ୱରଙ୍କ କୃପା ନହୋଇଛି, ଦିବ୍ୟଜ୍ଞାନ ପ୍ରାପ୍ତ ହୋଇପାରିବ ନାହିଁ ଏବଂ ଈଶ୍ୱରଙ୍କ କରୁଣା ବିନା ଏହା ଲାଭଦାୟକ (ସିଦ୍ଧ) ହୋଇପାରିବ ନାହିଁ ତଥା ବିଭୁକୃପା ମାଧ୍ୟମରେ ଦିବ୍ୟଜ୍ଞାନ ଆସିଥାଏ । ସେତେବେଳେ ଏହି ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ସତ୍ୟର ପରିଚୟ ତଥା ସତ୍ୟର ସନ୍ଧାନ ଜନିତ ଏକ ଦ୍ୱାର ଖୋଲିଥାଏ ଏବଂ ତଦୁପରାନ୍ତେ ବାରମ୍ବାର କରୁଣା

ବଳରେ ସେହି ଦ୍ୱାର ଖୋଲା ରହିଥାଏ ଏବଂ ବନ୍ଦ ହୁଏ ନାହିଁ । ତେବେ ଦିବ୍ୟଜ୍ଞାନ ଐଶୀ କୃପା ଦ୍ୱାରା ହାସଲ ହୋଇଥାଏ ଏବଂ ସେହି କୃପା ଦ୍ୱାରା ହିଁ ଅବ୍ୟାହତ ରହିଥାଏ । ବିଭୁକୃପା ଦିବ୍ୟଜ୍ଞାନକୁ ଅତ୍ୟନ୍ତ ଶୁଦ୍ଧତା ତଥା ଉଜ୍ଜ୍ୱଳ କରି ଦେଇଥାଏ ଏବଂ ପରଦାର ଆଢୁଆଳକୁ ମଝିରୁ ଉଠାଇ ଦେଇଥାଏ ଏବଂ ପାପାସକ୍ତ ଆତ୍ମାରେ ଜମି ରହିଥିବା ଧୂଳିମାଟି (ମଳିନତା)ର ଆବରଣକୁ ଦୂର କରି ଦେଇଥାଏ ତଥା ଆତ୍ମାରେ ଶକ୍ତି ଓ ଜୀବନ ସଞ୍ଚାରିତ କରିଥାଏ । ତତ୍‌ସହିତ ପାପାସକ୍ତ ଆତ୍ମାକୁ ତାମସିକତାର କାରାଗାରରୁ ବାହାର କରି ଆଣିଥାଏ । ମନ୍ଦ ଅଭିଳାଷର ଆବର୍ଜନା ମଧ୍ୟରୁ ପବିତ୍ର କରିବା ସହିତ ସ୍ୱାର୍ଥରେ ଜଡ଼ିତ କାମସକ୍ତ ପ୍ରବୃତ୍ତିର ବନ୍ୟା ଦାଉରୁ ଉଦ୍ଧାର କରିଥାଏ । ସେତେବେଳେ ଯାଇ ମନୁଷ୍ୟ ଭିତରେ ଏକ ପରିବର୍ତ୍ତନ ସୃଷ୍ଟି ହୋଇଥାଏ ଏବଂ ସେ ମଧ୍ୟ କୁତ୍ସିତ ଜୀବନରୁ ସ୍ୱାଭାବିକ ରୂପେ ବିଜାର ହୋଇ ଯାଇଥାଏ । ତତ୍‌ପଶ୍ଚାତ ପ୍ରଥମ ପ୍ରକ୍ରିୟା ଯାହା କରୁଣା ଦ୍ୱାରା ଆତ୍ମାରେ ଜାତ ହୁଏ, ତାହା ହେଉଛି ପ୍ରାର୍ଥନା । ମନରେ ଏହା ଚିନ୍ତା କର ନାହିଁ ଯେ, ଆମେ ବି ପ୍ରତିଦିନ ଦୁଆ (ପ୍ରାର୍ଥନା) କରିଥାଉ ଏବଂ ଆମେ ପଢୁଥିବା ସମ୍ପୂର୍ଣ୍ଣ ନମାଜ, ପ୍ରାର୍ଥନା ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ସେହି ପ୍ରାର୍ଥନା ଯାହା ଦିବ୍ୟଜ୍ଞାନ ଓ ପ୍ରଭୁଙ୍କ କୃପା ଦ୍ୱାରା ଉତ୍ପନ୍ନ ହୁଏ, ତାହା ଏକ ଭିନ୍ନ ରଙ୍ଗ ଏବଂ ଏକ ଭିନ୍ନ ଅବସ୍ଥା ବହନ କରିଥାଏ, ତାହା ସମ୍ପୂର୍ଣ୍ଣ ରୂପେ ବିଲୀନ (ସମର୍ପିତ) ହୋଇଯିବା ଜିନିଷ । ତାହା ଦହନକାରୀ ଅଗ୍ନି ତାହା ଦୟାଭାବକୁ ଆକର୍ଷିତ କରୁଥିବା ଏକ ଚୁମ୍ବକୀୟ ଶକ୍ତି । ତାହା ହେଉଛି ମୃତ୍ୟୁ, କିନ୍ତୁ ପରିଶେଷରେ ଜୀବିତ କରାଏ । ତାହା ତୀବ୍ର ଗତିରେ ପ୍ରବାହିତ ଏକ ବନ୍ୟା, କିନ୍ତୁ ଶେଷରେ ଏକ ନୌକାରେ ପରିଣତ ହୋଇଥାଏ । ପ୍ରତ୍ୟେକ ବିଗିଡ଼ି ଯାଇଥିବା ବିଷୟ ତାହା ଦ୍ୱାରା ସମାଧାନ ହୋଇଯାଏ ଏବଂ ପ୍ରତ୍ୟେକ ବିଷ ପରିଶେଷରେ ତାହା ଯୋଗୁଁ ଅମୃତ ପାଲଟିଯାଏ ।

ଭାଗ୍ୟବାନ ସେହି (ବନ୍ଦୀଶାଳାର) କଏଦୀ ଯେଉଁମାନେ ପ୍ରାର୍ଥନା କରନ୍ତି, କିନ୍ତୁ କେବେ ଥକି ପଡ଼ନ୍ତି ନାହିଁ । କାରଣ ଦିନେ ନା ଦିନେ ସେମାନେ ମୁକ୍ତି ପାଇବେ । ଭାଗ୍ୟବାନ ସେହି ଅନ୍ଧ ଯେଉଁମାନେ ପ୍ରାର୍ଥନା କରିବାରେ ଆଳସ୍ୟ ଦେଖାନ୍ତି ନାହିଁ । କାରଣ ଦିନେ ନା ଦିନେ ଦେଖିବାକୁ ଲାଗିବେ । ଭାଗ୍ୟବାନ ସେହି କବର ମଧ୍ୟରେ ପଡ଼ି ରହିଥିବା ମୃତ ବ୍ୟକ୍ତିଗଣ, ଯେଉଁମାନେ ପ୍ରାର୍ଥନା ଯୋଗେ ଈଶ୍ୱରଙ୍କ ସାହାଯ୍ୟ ଭିକ୍ଷା କରନ୍ତି । କାରଣ ଦିନେ ନା ଦିନେ ସେମାନଙ୍କୁ କବର ମଧ୍ୟରୁ ବାହାର କରାଯିବ ।

ତୁମମାନଙ୍କୁ ସାଦର ଅଭିନନ୍ଦନ ଯେବେ କି ତୁମେ ପ୍ରାର୍ଥନା କଲାବେଳେ କେବେ କ୍ଲାନ୍ତ ହୋଇପଡ଼ ନାହିଁ ଏବଂ ତୁମ ଆତ୍ମା ପ୍ରାର୍ଥନା କରିବା ପାଇଁ ତରଳି ଯାଏ ଏବଂ ତୁମ ଚକ୍ଷୁ ଅଶ୍ରୁ ଝରାଏ ଏବଂ ତୁମ ବକ୍ଷରେ ଏକ ଅଗ୍ନିଶିଖାର ଉଷ୍ଣତା ଉତ୍ପନ୍ନ ହୋଇଯାଏ ଏବଂ ତୁମମାନଙ୍କୁ ଏକାକୀ ନିଃସଙ୍ଗତାର ସ୍ୱାଦ ଅନୁଭବ କରେଇବା ପାଇଁ ଅନ୍ଧକାରମୟ କୋଠରୀ ଓ ନିଛାଟିଆ ଜଙ୍ଗଲ ମଧ୍ୟକୁ ନେଇଯାଏ । ତତ୍‌ସହିତ ତୁମମାନଙ୍କୁ ବ୍ୟାକୁଳ, ପାଗଳପ୍ରାୟ ତଥା ସ୍ୱୟଂ ଚେତାଶୂନ୍ୟ କରାଇ ଦେଇଥାଏ । କାରଣ ସର୍ବାନ୍ତରେ ତୁମ ଉପରେ କୃପାବତୀର୍ଣ୍ଣ କରାଯିବ । ସେହି ପରମେଶ୍ୱର ଯାହାଙ୍କ ନିକଟକୁ ଆମେ ଡ଼ାକରା ଦେଉଛୁ, ସେ ଅତ୍ୟନ୍ତ ଦୟାଶୀଳ, କୃପାନିଧି, ଲଜ୍ୟାବନ୍ତ, ସତ୍ୟବାନ, ବିଶ୍ୱସନୀୟ, ଦୀନ ଦୟାଳୁ । ଅତଃ ତୁମେ ବି ବିଶ୍ୱସ୍ତ ହୋଇଯାଅ ଏବଂ ସମ୍ପୂର୍ଣ୍ଣ ସତ୍ୟ ଓ ନିଷ୍ଠାର ସହିତ ପ୍ରାର୍ଥନା କର ଯଦ୍ଦ୍ୱାରା ସେ ତୁମ ପ୍ରତି ଦୟା କରିବେ । ଦୁନିଆର କୋଳାହଳମୟ ପରିବେଶ ଠାରୁ ପୃଥକ ହୋଇଯାଅ ଏବଂ ପାରସ୍ପରିକ କଳହକୁ ସାମ୍ପ୍ରଦାୟିକତାର ରଙ୍ଗ ଦିଅ ନାହିଁ । ଈଶ୍ୱରଙ୍କ ସକାଶେ ପରାଜୟକୁ ବରଣ କରିନିଅ ଓ ବିଫଳତାକୁ ଆଦରି ନିଅ, ଯଦ୍ଦ୍ୱାରା ବଡ଼ ବଡ଼ ବିଜୟ ପ୍ରାପ୍ତ କରିବାର ତୁମେ ଉତ୍ତରାଧିକାରୀ ହୋଇପାରିବ । ପ୍ରାର୍ଥନାକାରୀଙ୍କୁ ଈଶ୍ୱର ଚମତ୍କାର ଦେଖାଇବେ ଏବଂ ମାଗିବା ଲୋକକୁ ବିସ୍ମୟକର ପୁରସ୍କାର ଦ୍ୱାରା ବିଭୂଷିତ କରାଯିବ । ମନେରଖ ! ପ୍ରାର୍ଥନା ପ୍ରଭୁଙ୍କ ନିକଟରୁ ଆସେ ଏବଂ ପ୍ରଭୁଙ୍କ ନିକଟକୁ ହିଁ (ଫେରି) ଯାଏ । ପ୍ରାର୍ଥନା ବଳରେ ଈଶ୍ୱର ଏପରି ନିକଟତର ହୋଇଯାଆନ୍ତି, ଯେପରିକି ତୁମ ପ୍ରାଣ ତୁମର ନିକଟବର୍ତ୍ତୀ । ପ୍ରାର୍ଥନାର ପ୍ରଥମ ପୁରସ୍କାର ଏହିକି ଯେ, ମନୁଷ୍ୟ ଅଭ୍ୟନ୍ତରରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ହୋଇଥାଏ । ପୁଣି ସେହି ପରବର୍ତ୍ତନରୁ ଈଶ୍ୱର ମଧ୍ୟ ନିଜ ଗୁଣାବଳୀରେ ପରିବର୍ତ୍ତନ କରନ୍ତି । ତାହାଙ୍କ ଦିବ୍ୟ ଗୁଣାବଳୀ ଅପରିବର୍ତ୍ତନୀୟ ହୋଇଥିଲେ ସୁଦ୍ଧା ପରିବର୍ତ୍ତଶୀଳ (ବ୍ୟକ୍ତି) ସକାଶେ ତାଙ୍କର ଏକ ଭିନ୍ନ ଧରଣର (ଆଚରଣ) ପ୍ରାଦୁର୍ଭୂତ ହୁଏ, ଯାହା ସଂସାରକୁ ଜଣା ନାହିଁ । ସତେ ଯେପରି ତାହା ଅନ୍ୟ ଏକ ଈଶ୍ୱର, ଅଥଚ ତାଙ୍କ ବ୍ୟତୀତ ଅନ୍ୟ କେହି ଈଶ୍ୱର ନାହାନ୍ତି, ମାତ୍ର ନୂତନ ଚମକ ନୂଆ ରଙ୍ଗରେ ତାହାକୁ ପ୍ରକାଶିତ କରିଥାଏ । ସେତେବେଳେ ସେହି ବିଶେଷ ଦୀପ୍ତିର ମହିମାରେ ସେହି ପରିବର୍ତ୍ତନ ବ୍ୟକ୍ତିତ୍ୱ ସକାଶେ ଏପରି କାର୍ଯ୍ୟ କରେ, ଯାହା ଅନ୍ୟମାନଙ୍କ ସକାଶେ କରାଯାଏ ନାହିଁ । ଏହା ହିଁ ହେଉଛି ସେହି ଅଲୌକିକ ଚମତ୍କାରୀତାର ଅପୂର୍ବ ନିଦର୍ଶନ ।

ଅତଃ ପ୍ରାର୍ଥନା ସେହି ଅମୋଘ ଅସ୍ତ୍ର ଯାହା ଏକ ତୁଚ୍ଛ ମୃତ୍ତିକାକୁ ବହୁମୂଲ୍ୟ ରତ୍ନରେ ପରିଣତ କରିଦିଏ ଏବଂ ତାହା ଏପରି ଜଳ, ଯାହା ଅନ୍ତରର କଳୁଷତାକୁ ପରିଷ୍କୃତ କରିଦିଏ । ସେହି ପ୍ରାର୍ଥନା ସହିତ ଆତ୍ମା ଦ୍ରବୀଭୂତ ହୁଏ ଏବଂ ଜଳ ସଦୃଶ ପ୍ରବାହିତ ହୋଇ ଏକ ପରମେଶ୍ୱରଙ୍କ ଦରବାରରେ ଆସି ପଡେ । ତାହା ଈଶ୍ୱରଙ୍କ ଛାମୁରେ ଦଣ୍ଡାୟମାନ ବି ହୋଇଯାଏ ଏବଂ ରୁକୁ କରିବା ମୁଦ୍ରାରେ ଅବନତ ବି ହୋଇଯାଏ ଏବଂ ସଜ୍‌ଦା କରିବା ଅବସ୍ଥାରେ ଭୂମିଷ୍ଠ ପ୍ରଣିପାତ ମଧ୍ୟ କରିଥାଏ । ଏହାର ସ୍ୱରୂପ ହିଁ ହେଉଛି ସେହି ନମାଜ, ଯାହାର ଇସଲାମ ଶିକ୍ଷା ଦେଇଛି । ଆତ୍ମାର ଦଣ୍ଡାୟମାନ ହେବା ଏହି ସ୍ଥିତିକୁ ବୁଝାଉଛି ଯେ, ସେ ଈଶ୍ୱରଙ୍କ ସକାଶେ ପ୍ରତ୍ୟେକ ପ୍ରକାରର ବିପତ୍ତିକୁ ସହ୍ୟ କରିବା ତଥା ଆଦେଶ ପାଳନ କରିବାରେ ତତ୍ପରତା ପ୍ରକାଶ କରିବ, ତାହାର ରୁକୁ ଅର୍ଥାତ ନତମସ୍ତକ ହେବା, ସେ ସକଳ ପ୍ରେମ ଯଦି ମୋହମାୟା ତଥା ସାଂସାରିକ ସମ୍ପର୍କକୁ ତ୍ୟାଗ କରି ଈଶ୍ୱରଙ୍କ ଆଡ଼କୁ ଢ଼ଳିପଡେ ଓ ଈଶ୍ୱରଙ୍କ ପାଇଁ (ଉତ୍ସର୍ଗିତ) ହୋଇଯାଏ । ତାହାର ସଜ୍‌ଦା ହେଉଛି ଏହିପରି ଯେ, ସେ ଈଶ୍ୱରଙ୍କ ଛାମୁରେ ଆନତ ହୋଇ ନିଜକୁ ପୂର୍ଣ୍ଣ ରୂପେ ହଜାଇ ଦିଏ ଏବଂ ଆପଣା ଅସ୍ତିତ୍ୱର ଚିହ୍ନକୁ ମିଟାଇ ଦେଇଥାଏ । ଏହା ହିଁ ନମାଜ, ଯାହା ଭକ୍ତକୁ ଭଗବାନଙ୍କ ସହିତ ମିଳନ କରାଇଥାଏ । ଅଧିକନ୍ତୁ ଇସଲାମୀୟ ସମ୍ବିଧାନ ଏହାର ଚିତ୍ର ସାଧାରଣ ନମାଜରେ ଅଙ୍କିତ କରି ଦେଖାଇ ଦେଇଥାଏ, ଯଦ୍ଦ୍ୱାରା ସେହି ଅଷ୍ଟାଙ୍ଗ ପ୍ରଣିପାତ (ବିଶିଷ୍ଟ ଶାରୀରିକ) ନମାଜ ଆଧ୍ୟାତ୍ମିକ ନମାଜର ଅନୁପ୍ରେରକ ହେବ । କାରଣ ପରମେଶ୍ୱର ମନୁଷ୍ୟର ଅସ୍ତିତ୍ୱକୁ ଏପରି ଗଢିଛନ୍ତି ଯେ, ଆତ୍ମାର ପ୍ରଭାବ ଶରୀର ଉପରେ ଏବଂ ଶରୀରର ପ୍ରଭାବ ଆତ୍ମା ଉପରେ ନିଶ୍ଚୟ ପଡିଥାଏ । ଯେତେବେଳେ ତୁମ ଆତ୍ମା ଦୁଃଖରେ ଭାରାକ୍ରାନ୍ତ ହୋଇପଡେ ସେତେବେଳେ ଆଖିରୁ ମଧ୍ୟ ଲୋତକ ବହିବାକୁ ଲାଗେ ଏବଂ ଯେତେବେଳେ ଆତ୍ମାରେ ଆନନ୍ଦ ଜାତ ହୁଏ, ସେତେବେଳେ (ତାହାର) ମୁଖ ମଣ୍ଡଳରେ ପ୍ରଫୁଲ୍ଲ ଭାବ ପ୍ରକଟିତ ହୋଇଥାଏ । ଏପରିକି ମନୁଷ୍ୟ କେତେକ ସମୟରେ ହସି ଉଠିଥାଏ । ସେହିପରି ଯେବେ ଶରୀରକୁ କୌଣସି କଷ୍ଟ ଓ ବ୍ୟଥା ପହଞ୍ଚେ, ତେବେ ସେହି ଦୁଃଖ ଯନ୍ତ୍ରଣାରେ ଆତ୍ମା ମଧ୍ୟ ସମ୍ମିଳିତ ହୋଇଯାଏ । ପୁନଶ୍ଚ ଦେହରେ ଶୀତଳ ମୃଦୁ ପବନ ବାଜିଲେ, ସେ ଯେପରି ଖୁସି ଅନୁଭବ କରେ ଏବଂ ସେଥିରୁ ଆତ୍ମା ମଧ୍ୟ କେତେକାଂଶରେ ଭାଗ ନେଇଥାଏ । ସୁତରାଂ ଶାରୀରିକ ଉପାସନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ,

ଆତ୍ମା ଓ ଶରୀରର ପାରସ୍ପରିକ ସମ୍ପର୍କ ଯୋଗୁଁ ଅଲ୍ଲାଃଙ୍କ ସାନ୍ନିଧ ପ୍ରତି ଆତ୍ମାରେ ଆନ୍ଦୋଳନ (ଶିହରଣ) ଜାତ ହେବ, ଯେଉଁଥିପାଇଁ ସେ ଆଧ୍ୟାତ୍ମିକ ରୂପେ କୟାମ୍ (ଦଣ୍ଡାୟମାନ ହେବା), ରୁକୁ (ଆଣ୍ଠୁରେ ହାତ ରଖି ଅବନତ ହେବା) ତଥା ସଜ୍‌ଦା (ଭୂମିଷ୍ଠ ପ୍ରଣିପାତ) ଇତ୍ୟାଦି ମୁଦ୍ରାରେ ମଗ୍ନ ହୋଇଯାଉ । କାରଣ ମନୁଷ୍ୟକୁ ତାହାର ସର୍ବାଙ୍ଗୀନ ଉନ୍ନତି ସକାଶେ ତପସ୍ୟା ଓ ସାଧନା କରିବାକୁ ପଡିଥାଏ । ତେଣୁ ଏହା ମଧ୍ୟ ଏକ ପ୍ରକାରର ତପସ୍ୟା । ଏଥିରୁ ଏହା ତ ସ୍ପଷ୍ଟ ହୋଇଥାଏ ଯେ, ଯେବେ ଦୁଇଟି ବସ୍ତୁ ପରସ୍ପର ସହିତ ମିଶି ଯାଆନ୍ତି । ଆଉ ତାହା ମଧ୍ୟରୁ ଯଦି ଆମେ ଗୋଟିଏ ବସ୍ତୁକୁ ଉଠାଇବା ତେବେ ତାହାକୁ ଉଠାଇନେବା ଦ୍ୱାରା ତାହା ସହିତ ଯୋଡି ରହିଥିବା ଅନ୍ୟ  ବସ୍ତୁଟିରେ ମଧ୍ୟ କିଛି ଗତି ଉତ୍ପନ୍ନ ହେବ । କିନ୍ତୁ କେବଳ ଶାରୀରିକ ସ୍ତରରେ କୟାମ୍, ରୁକୁ ଓ ସଜ୍‌ଦା କରିବାରେ କିଛି ଲାଭ ହୁଏ ନାହିଁ, ଯେପର୍ଯ୍ୟନ୍ତ ତାହା ସହିତ ଏହି ପ୍ରୟାସ କରା ନଯାଇଛି ଯେ, ଆତ୍ମା ମଧ୍ୟ ନିଜ ସ୍ଥିତିରେ କୟାମ୍, ରୁକୁ ଓ ସଜ୍‌ଦା (ମୁଦ୍ରାମାନଙ୍କ)ରୁ କିଛି ଭାଗ ନେଉ । ଆତ୍ମାର ଏହି ଭାଗ ନେବା ମାରୁଫତ୍ (ଈଶ୍ୱରଙ୍କୁ ଚିହ୍ନିବା) ଉପରେ ନିର୍ଭର କରେ ଏବଂ ମାରୁଫତ୍ ଐଶୀ କୃପା (ଫଜଲ୍) ଉପରେ ନିର୍ଭର କରେ ।

ପ୍ରାଚୀନ କାଳରୁ ତଥା ଯେବେ ଠାରୁ (ଈଶ୍ୱର) ମନୁଷ୍ୟକୁ ସୃଷ୍ଟି କରିଛନ୍ତି, ଈଶ୍ୱର ଏହି ଦୈବୀ ପରମ୍ପରା ଆରମ୍ଭ କରିଛନ୍ତି ଯେ, ସେ ପ୍ରଥମେ ନିଜର ଅପାର କୃପା ବଳରେ ଯାହାକୁ ଚାହାନ୍ତି, ତାହା ପ୍ରତି ରୁହୁଲ୍ କୁଦ୍ଦୁସ୍ (ପବିତ୍ର ଆତ୍ମା)ର ଅବତୀର୍ଣ୍ଣ କରିଥାନ୍ତି । ତତ୍‌ପରେ ପବିତ୍ର ଆତ୍ମାର ସହାୟତା ଯୋଗେ ତାହାର ଅନ୍ତରରେ ନିଜର ପ୍ରେମ ଉତ୍ପନ୍ନ କରାନ୍ତି ଏବଂ (ତାହାକୁ) ସତ୍ୟତା ଓ ଦୃଢ଼ତା ପ୍ରଦାନ କରନ୍ତି ଏବଂ ଅନେକ ନିଦର୍ଶନ ଦ୍ୱାରା ତାହାର ମାରୁଫତ୍‌କୁ ସୁଦୃଢ ଶକ୍ତ କରିଦିଅନ୍ତି ତଥା ତାହାର ଦୋଷ ଦୁର୍ବଳତାକୁ ଦୂର କରିଦିଅନ୍ତି । ଏପରିକି ସେ ସତକୁ ସତ ତାହାଙ୍କ ମାର୍ଗରେ ଜୀବନ ଦେବାକୁ ପ୍ରସ୍ତୁତ ହୋଇଯାଏ ତଥା ତାହାର ସେହି ଅନାଦି ସତ୍ତାଙ୍କ ସହିତ ଏପରି କିଛି ଅତୁଟ ସମ୍ପର୍କ ସ୍ଥାପନ ହୋଇଯାଏ ଯେ, ସଙ୍କଟାପର୍ଣ୍ଣ ପରିସ୍ଥିତିରେ ମଧ୍ୟ ତାହା ଦୂର ହୋଇପାରେ ନାହିଁ ଏବଂ କୌଣସି ତରବାରି ଏହି ସମ୍ପର୍କକୁ କାଟିପାରେ ନାହିଁ, ଅଧିକନ୍ତୁ ଏହି ଘନିଷ୍ଠ ପ୍ରେମର କୌଣସି ଅସ୍ଥାୟୀ ସାହାରା ମିଳିବାର ସମ୍ଭାବନା ନଥାଏ । ନା ସ୍ୱର୍ଗ ପ୍ରାପ୍ତିର କାମନା, ନା ନର୍କଗାମୀ ହେବାର ଭୟ । ନା ପାର୍ଥିବ

ଜଗତର ଆରାମ ନା କୌଣସି ଧନ ଦୌଲତ୍‌ର ଲୋଭ । ବରଂ ଏକ ଅଜ୍ଞାତ ସମ୍ବନ୍ଧ ସ୍ଥାପିତ ହୋଇଥାଏ, ଯାହାକୁ ଅନ୍ତର୍ଯ୍ୟାମୀ ଈଶ୍ୱର ହିଁ ଜାଣନ୍ତି । ଏହାଠାରୁ ମଧ୍ୟ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଐଶ୍ୱରିକ ପ୍ରେମ ଫାଶରେ କବଳିତ ହୋଇଥିଲେ ହେଁ (ସେ) ଏହି ସମ୍ପର୍କର ଗଭୀରତାକୁ ପହଞ୍ଚିପାରି ନଥାଏ କି ଏହା କେଉଁ ଇଚ୍ଛାର ଅଧୀନ ଓ କିଭଳି ଧରଣର, କାରଣ ସେହି ସମ୍ବନ୍ଧ ଆବାହମାନ କାଳରୁ ରହିଥାଏ । ସେହି ସମ୍ପର୍କ ଦିବ୍ୟଜ୍ଞାନ ମାଧ୍ୟମରେ ନୁହେଁ, ବରଂ ସେହି ଈଶ୍ୱରଙ୍କୁ ଚିହ୍ନିବାର ଜ୍ଞାନ ପରବର୍ତ୍ତୀ ସମୟରେ ଆସିଥାଏ, ଯାହା ଏହି ସମ୍ପର୍କକୁ ଆଲୋକିତ କରିଦିଏ । ଯେପରିକି ପଥର ଭିତରେ ଅଗ୍ନି ତ ପ୍ରଥମରୁ ରହିଥାଏ, କିନ୍ତୁ ଚକମକି ଦ୍ୱାରା ଅଗ୍ନିର ସ୍ଫୁଲିଙ୍ଗ ବାହାରିବା ଆରମ୍ଭ ହୋଇଯାଇଥାଏ । ଏପରି ବ୍ୟକ୍ତି ମଧ୍ୟରେ ଏକ ପକ୍ଷେ ତ ପରମାତ୍ମାଙ୍କର ବ୍ୟକ୍ତିଗତ ପ୍ରୀତି (ସମ୍ପର୍କ) ରହିଥାଏ, ଅନ୍ୟ ପକ୍ଷେ ମାନବଜାତି ପ୍ରତି ସହାନୁଭୂତି ତଥା ସୁଧାର କରିବାର ଅପାର ଶ୍ରଦ୍ଧା ରହିଥାଏ । ଏହି କାରଣରୁ ଗୋଟିଏ ଦିଗରୁ ଦେଖିଲେ ତ ଈଶ୍ୱରଙ୍କ ସହିତ ତାହାର ଏପରି ନିବିଡ଼ ସମ୍ପର୍କ ହୋଇଯାଏ ଯାହା ତାହାରି ଆଡକୁ କ୍ଷଣ ପ୍ରତିକ୍ଷଣ ଆକର୍ଷିତ ହୋଇ ଚାଲିଯାଏ, ଅନ୍ୟ ଦିଗରୁ ଦେଖିଲେ ମାନବଜାତି ସହିତ ମଧ୍ୟ ତାହାର ଏପରି ସମ୍ପର୍କ ସୃଷ୍ଟି ହୋଇଯାଏ, ଯାହା ସେମାନଙ୍କ ତତ୍ପର ସ୍ୱଭାବକୁ ନିଜ ଆଡକୁ ଟାଣି ଆଣେ । ଯେପରିକି ସୂର୍ଯ୍ୟ ଭୂପୃଷ୍ଠର ସକଳ (ଭୌଗୋଳିକ ଓ ସାମାଜିକ) ଶ୍ରେଣୀକୁ ନିଜ ଆଡ଼କୁ ଆକର୍ଷିତ କରୁଅଛି ତଥା ନିଜେ ମଧ୍ୟ ଗୋଟିଏ ଦିଗକୁ ଆକର୍ଷିତ ହୋଇଯାଉଛି । ଠିକ ଏହି ଅବସ୍ଥା ସେହି ବ୍ୟକ୍ତିର ହୋଇଥାଏ । ଏପରି ବ୍ୟକ୍ତିମାନଙ୍କୁ ଇସଲାମର ପରିଭାଷାରେ ନବୀ (ଅବତାର) ରସୁଲ୍ (ବାର୍ତ୍ତାବହ) ଏବଂ ମୁହଦ୍ଧିସ୍ (ଅଲ୍ଲାଃଙ୍କ ସହ ବାର୍ତ୍ତାଳାପକାରୀ) କୁହାଯାଏ । ସେମାନେ ଈଶ୍ୱରଙ୍କ ପବିତ୍ର ବାର୍ତ୍ତାଳାପ ଓ ଦିବ୍ୟ ସମ୍ଭାଷଣ ଦ୍ୱାରା ବିଭୂଷିତ ହୁଅନ୍ତି ଏବଂ ଦୈବୀ ଚମତ୍କାରମାନ ସେମାନଙ୍କ ହସ୍ତରେ ପ୍ରକଟିତ ହୋଇଥାଏ । ସେମାନଙ୍କର ଅଧିକାଂଶ ପ୍ରାର୍ଥନା ଗୃହୀତ ହୁଏ ଏବଂ ନିଜ ପ୍ରାର୍ଥନା ଅବଧିରେ ଈଶ୍ୱରଙ୍କ ଠାରୁ ବହୁଳ ମାତ୍ରାରେ ଉତ୍ତର ପାଇଥାନ୍ତି । କେତେକ ନିର୍ବୋଧ ବ୍ୟକ୍ତି ଏହି ସନ୍ଦର୍ଭରେ କହିବାକୁ ପଛାନ୍ତି ନାହିଁ ଯେ, ଆମକୁ ବି ସତ୍ୟ ସ୍ୱପ୍ନ ଆସେ, କେବେ (ଆମର) ପ୍ରାର୍ଥନା ମଧ୍ୟ ଗୃହୀତ ହୋଇଯାଉଛି ଏବଂ କେବେ ପୁଣି (ଆମକୁ) ଦୈବୀ ବାଣୀ ମଧ୍ୟ ହୋଇଯାଉଛି । ଏପରି ସ୍ଥଳେ ଆମ ଓ ରସୁଲଙ୍କ ଭିତରେ ଆଉ କି ପ୍ରଭେଦ ରହିଲା ? ସୁତରାଂ ସେମାନଙ୍କ ନିକଟରେ ଈଶ୍ୱର

ପ୍ରେରିତ ଅବତାର ପ୍ରତାରକ ଅଥବା ଧୋକା ଖାଇଥିବା ବ୍ୟକ୍ତି, ଯେଉଁମାନେ ଏକ ସାଧାରଣ ପ୍ରସଙ୍ଗରେ ଗର୍ବ କରନ୍ତି ଏବଂ ସେମାନେ ଓ ତାଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ କୌଣସି ପ୍ରକାର ପାର୍ଥକ୍ୟ ନାହିଁ । ଏହା ଏପରି ଏକ ଅହଙ୍କାରୀ ବିଚାରଧାରା, ଯଦ୍ଵାରା ଚଳିତ ଯୁଗରେ ଅନେକ ଲୋକ ବିନାଶ ହେଉଛନ୍ତି । ମାତ୍ର ସତ୍ୟାଭିଳାଷୀମାନଙ୍କ ସକାଶେ ଏହି ଭ୍ରମ ଧାରଣାର ସ୍ପଷ୍ଟ ଉତ୍ତର ରହିଛି ଏବଂ ତାହା ଏହିକି ଯେ, ନିଃସନ୍ଦେହରେ ଏହି କଥା ସତ ଯେ ପରମେଶ୍ୱର ଏକ ଦଳକୁ ନିଜର ବିଶେଷ କୃପା ଓ ଆଶିଷ ଦ୍ୱାରା ମନୋନୀତ କରି ଆପଣା ନୈସର୍ଗିକ ପୁରସ୍କାରର ବହୁ ଭାଗ ସେମାନଙ୍କୁ ପ୍ରଦାନ କରିଛନ୍ତି । ସେଥିପାଇଁ ଏପରି ବିରୁଦ୍ଧାଚରଣକାରୀ ନିନ୍ଦୁକ ଓ ଧର୍ମାନ୍ଧ ଗୋଷ୍ଠୀ ସର୍ବଦା ଅବତାରମାନଙ୍କର ଅମାନ୍ୟ କରୁଥିବା ସତ୍ତ୍ୱେ ଈଶ୍ୱର ପ୍ରେରିତ ଅବତାରଗଣ ସେମାନଙ୍କ ଉପରେ ବିଜୟ ଲାଭ କରି ଆସୁଛନ୍ତି । ସେମାନଙ୍କର ବିସ୍ମୟକର ଜ୍ୟୋତି ଏପରି ପ୍ରକାଶିତ ହୋଇ ଆସୁଛି ଯେ, ଶେଷରେ ବୁଦ୍ଧିମାନ ବ୍ୟକ୍ତିଙ୍କୁ ସ୍ୱୀକାର କରିବାକୁ ପଡିଥାଏ ଯେ, ସେମାନେ ତଥା ଅନ୍ୟମାନଙ୍କ ମଧ୍ୟରେ ଏକ ମହାନ ଅନ୍ତର ରହିଛି । ଯେପରିକି ଏହା ପ୍ରକାଶ୍ୟ ଯେ, ଜଣେ ଗରିବ ଭିକାରି ପାଖରେ ବି କିଛି ପଇସା ଥାଏ ଓ ଜଣେ ସମ୍ରାଟଙ୍କ ରାଜକୋଷ ମଧ୍ୟ ଟଙ୍କାରେ ପରିପୂର୍ଣ୍ଣ ରହିଥାଏ କିନ୍ତୁ ସେହି ଗରିବ ଲୋକଟି କହି ପାରିବ ନାହିଁ ଯେ, ମୁଁ ସମ୍ରାଟ ସହିତ ସମାନ ଅଥବା ଉଦାହରଣ ସ୍ୱରୂପ ଏକ ଜୁଳୁଜୁଳିଆ ପୋକ ଭିତରେ ଆଲୁଅ ଥାଏ, ଯାହା ରାତିରେ ଚମକୁଥାଏ । ଏବଂ ସୂର୍ଯ୍ୟର ମଧ୍ୟ ଆଲୋକ ରହିଛି କିନ୍ତୁ ପୋକଟି କହିପାରିବ ନାହିଁ ଯେ, ମୁଁ ସୂର୍ଯ୍ୟ ସହ ସମାନ । ଈଶ୍ୱର ଯେଉଁ ସାଧାରଣ ବ୍ୟକ୍ତିଙ୍କ ଠାରେ ଦିବ୍ୟସ୍ୱପ୍ନ ଦେଖିବା ଓ ଅର୍ଦ୍ଧ ଚେତନ ଅବସ୍ଥାରେ ସ୍ୱପ୍ନାଦେଶ ତଥା ଦୈବୀବାଣୀ ପ୍ରକଟନର କିଛି କିଛି ବୀଜ ବପନ କରିଛନ୍ତି, ତାହା କେବଳ ଏଥିପାଇଁ ଯେ ସେହି ଲୋକମାନେ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଦ୍ୱାରା ଅବତାରମାନଙ୍କୁ ଚିହ୍ନି ପାରିବେ ଏବଂ ଏହି ପଥରୁ ମଧ୍ୟ ସେମାନଙ୍କ ପ୍ରତି ପ୍ରମାଣ ସିଦ୍ଧ ହେବ ଓ (ସେମାନଙ୍କ ନିକଟରେ) କୌଣସି ପ୍ରକାରର ଆଳ କରିବା ଯେପରି ବାକି ରହିବ ନାହିଁ ।

ପୁନଶ୍ଚ ଈଶ୍ୱରଙ୍କ ମନୋନୀତ ଭକ୍ତମାନଙ୍କ ମଧ୍ୟରେ ଆଉ ଏକ ବିଶେଷତ୍ୱ ହେଉଛି ଯେ, ସେମାନେ ପ୍ରଭାବଶାଳୀ ଓ ଅନ୍ୟକୁ ଆକୃଷ୍ଟକାରୀ ହୋଇଥାନ୍ତି ।

ସେମାନେ ସଂସାରରେ ଆଧାତ୍ମିକ (ସନ୍ତାନରୂପୀ) ବଂଶଜଙ୍କୁ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥାନ୍ତି । ଯେହେତୁ ସେମାନେ ଆଧାତ୍ମିକ ସନ୍ତାନରୂପୀ ବଂଶଙ୍କୁ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥାନ୍ତି । ଯେହେତୁ ସେମାନେ (ସ୍ୱଷ୍ଟ ଉକ୍ତିରେ) ସିଧାସଳଖ ମାର୍ଗଦର୍ଶନ କରନ୍ତି ଏବଂ ସୃଷ୍ଟଜଙ୍କର ଅଜ୍ଞତା ରୂପକ ତମସାର ପରଦାକୁ ମଝିରୁ ଉଠାଇ ଦିଅନ୍ତି, ତେଣୁ ଈଶ୍ୱରଙ୍କର ବିଶୁଦ୍ଧ ପରିଚୟ ଓ ଈଶ୍ୱରଙ୍କର ସଚ୍ଚୋଟ ପ୍ରେମ, ନିର୍ମଳ ଭକ୍ତି ଓ ନିଷ୍ଠାପର ଈଶ୍ୱରଭୟ, ତାଙ୍କ ପ୍ରତି ସ୍ପୃହା ତଥା (ସ୍ୱର୍ଗୀୟ ସୁଖର) ମଧୁର ଅନୁଭବ ସେହିମାନଙ୍କ ଦ୍ୱାରା ହିଁ ହୃଦୟରେ ଉତ୍ପନ୍ନ ହୋଇଥାଏ । ସେମାନଙ୍କ ଠାରୁ ସମ୍ପର୍କ ଛିନ୍ନ କରିବା ଏପରି ହୋଇଥାଏ, ଯେପରିକି ଏକ ଶାଖା ନିଜ ବୃକ୍ଷ ଠାରୁ ସମ୍ପର୍କ ତୁଟାଇ ଦେଇଥାଏ । ତେବେ ଏପରି ସମ୍ପର୍କ ରକ୍ଷା କରିବା ମଧ୍ୟରେ କେତେକ ଏପରି ବିଶେଷ ଦୃଷ୍ଟିଭଙ୍ଗୀ ରହିଛି ଯେ, ସମ୍ପର୍କ ଯୋଡ଼ିବା ସଙ୍ଗେ ସଙ୍ଗେ ହିଁ ତାହାର ଆଧାତ୍ମିକ ସ୍ତର (ଅନୁପାତ) ରେ ବିକାଶ ଆରମ୍ଭ ହୋଇଯାଏ ଏବଂ ସମ୍ପର୍କ ବିଛିନ୍ନ ହେବା ମାତ୍ରେ ଆସ୍ଥା ଓ ବିଶ୍ୱାସର ଅବସ୍ଥା ଉପରେ ଧୂଳିମାଟି ପଡିବା ଆରମ୍ଭ ହୋଇଯାଏ । ସୁତରାଂ ଏହା ଏକ ଅହଂକାର ପୂର୍ଣ୍ଣ ଚିନ୍ତାଧାରା ଯେପରିକି କେହି ବ୍ୟକ୍ତି ଏପରି କହିବ ଯେ, ମୋତେ ଈଶ୍ୱର ପ୍ରେରିତ ଅବତାର ଓ ବାର୍ତ୍ତାବହମାନଙ୍କର ଆବଶ୍ୟକତା ନାହିଁ, ନା ଏହାର କୌଣସି ଅଭିଳାଷ । ଏହା ବିଶ୍ୱାସକୁ ନଷ୍ଟ କରି ଦେବାର ଏକ ଲକ୍ଷଣ ଏବଂ ଏପରି ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତି ନିଜକୁ ହିଁ ଧୋକା ଦେଇଥାଏ । ଯେତେବେଳେ ସେ କୁହେ ଯେ, କ'ଣ ମୁଁ ନମାଜ ପଢୁନାହିଁ, ରୋଜା ରଖୁ ନାହିଁ କିମ୍ବା କଲ୍‌ମା ପାଠ କରୁନାହିଁ ? ଯେହେତୁ ସେ ପ୍ରକୃତ ବିଶ୍ୱାସ ଓ ନିଷ୍ଠାପର ଆଗ୍ରହ ସଂକ୍ରାନ୍ତରେ ଅଜ୍ଞାତ ଥାଏ, ସେଥିପାଇଁ ଏପରି କୁହେ । ତାହାକୁ ଚିନ୍ତା କରିବା ଆବଶ୍ୟକ ଯେ, ମନୁଷ୍ୟକୁ ଈଶ୍ୱର ହିଁ ସୃଷ୍ଟି କରିଥାନ୍ତି, କିନ୍ତୁ କିପରି ଭାବରେ ସେ ଜଣେ ମଣିଷକୁ ଅନ୍ୟ ଏକ ମଣିଷ ଜାତ କରିବାର ସାଧନ କରି ଦେଇଛନ୍ତି । ତେଣୁ ଯେପରି ଭାବେ ଶାରୀରିକ ପ୍ରକ୍ରିୟାରେ ଜଣେ ପିତାର ଭୂମିକା ରହିଥାଏ, ଯାହାଙ୍କ ଦ୍ୱାରା ମନୁଷ୍ୟ ଜନ୍ମ ଲାଭ କରିଥାଏ । ସେହି ପ୍ରକାରେ ଆଧାତ୍ମିକ ପ୍ରକ୍ରିୟାରେ ଆଧାତ୍ମିକ ପିତା ମଧ୍ୟ ରହିଛନ୍ତି, ଯାହାଙ୍କ ଦ୍ୱାରା ଆଧାତ୍ମିକତା ଜନ୍ମ ହୋଇଥାଏ । ସାବଧାନ ହୋଇଯାଅ, ନିଜେ ନିଜକୁ କେବଳ ଇସଲାମର ପ୍ରକାଶ୍ୟ ରୂପରେଖ ଦ୍ୱାରା ଧୋକା ଦିଅ ନାହିଁ ଏବଂ ଈଶ୍ୱରଙ୍କ ଦିବ୍ୟ ବାଣୀକୁ ଧ୍ୟାନ ପୂର୍ବକ ପାଠ କର

ଯେ, ସେ ତୁମ ଠାରୁ କ'ଣ ଚାହୁଁଛନ୍ତି । ସେ ତୁମ ଠାରୁ ସେହି ପ୍ରସଙ୍ଗ ଚାହୁଁଛନ୍ତି, ଯାହା ସଂକ୍ରାନ୍ତରେ ସୁରଃ ଫାତିହାରେ ତୁମମାନଙ୍କୁ ଦୁଆ (ପ୍ରାର୍ଥନା) ଶିଖାଯାଇଛି । ଅର୍ଥାତ ଏହି ପ୍ରାର୍ଥନା:

اِهۡدِنَا الصِّرَاطَ الۡمُسۡتَقِيۡمَ ۙ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ

ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକୀମା ସିରାତଲ୍ଲଜିନା ଅନ୍‌ଅମ୍‌ତା ଆଲୈହିମ୍ (ଅଲ୍ ଫାତିହା 1:6,7) ଅର୍ଥାତ "ଆମମାନଙ୍କୁ ସତ୍‌ପଥରେ ପରିଚାଳିତ କରାଅ, ସେହିମାନଙ୍କ ମାର୍ଗରେ ଯେଉଁମାନଙ୍କୁ ତୁମ୍ଭେ ପୁରସ୍କୃତ କରିଅଛ" ସୁତରାଂ ଯେବେ କି ଈଶ୍ୱର ତୁମମାନଙ୍କୁ ଆକଟ କରୁଛନ୍ତି ଯେ, ପାଞ୍ଚ ବେଳା ଏହି ପ୍ରାର୍ଥନା କର କି ସେହି ପୁରସ୍କାର ଯାହା ଅବତାର ଓ ବାର୍ତ୍ତାବହମାନଙ୍କ ପାଖରେ ଅଛି, ସେସବୁ ତୁମମାନଙ୍କୁ ମଧ୍ୟ ମିଳୁ । ସୁତରାଂ ତୁମେ ଅବତାର ଓ ବାର୍ତ୍ତାବହଙ୍କ ବିନା ମାଧ୍ୟମରେ ସେହି ପୁରସ୍କାର କିପରି ପ୍ରାପ୍ତ କରିପାରିବ ? ତେଣୁ ଏହା ଜରୁରୀ ହୋଇପଡ଼ିଲା ଯେ, ତୁମମାନଙ୍କୁ ଆତ୍ମବିଶ୍ୱାସ ଓ ପ୍ରେମର ଉପଯୁକ୍ତ ସ୍ତରରେ ପହଞ୍ଚାଇବା ସକାଶେ ଈଶ୍ୱର ପ୍ରେରିତ ଅବତାର ବିଭିନ୍ନ ସମୟରେ ଆସିଛନ୍ତି । ଯେଉଁମାନଙ୍କ ଠାରୁ ତୁମେମାନେ ସେହି ସବୁ ପୁରସ୍କାର ହାସଲ କରିବ । ଏବେ କ'ଣ ତୁମେ ଈଶ୍ୱରଙ୍କର ମୁକାବିଲା କରିବ ଓ ତାଙ୍କର ଚିରନ୍ତନ ବିଧାନକୁ ଭାଙ୍ଗି ଦେବ ? କ'ଣ ଶୁକ୍ରାଣୁ କହିପାରିବ ଯେ, ମୁଁ ପିତା ମାଧ୍ୟମରେ ସୃଷ୍ଟି ହେବାକୁ ଚାହୁଁ ନଥିଲି ? କ'ଣ କାନ କହିପାରିବ ଯେ, ଆମେ ବାୟୁ ମାଧ୍ୟମରେ ଶବ୍ଦ ଶୁଣିବାକୁ ଚାହୁଁ ନାହୁଁ ? ଏହାଠାରୁ ବଳି ଆଉ କ'ଣ ଅଧିକ ମୂର୍ଖତା ହେବ ଯେ, ଈଶ୍ୱରଙ୍କର ଏହି ଅତି ପୁରାତନ ନିୟମ ଉପରେ ଆକ୍ରମଣ ହେଉ ?

ପରିଶେଷରେ ଏହା ମଧ୍ୟ ସ୍ୱଷ୍ଟ ହେଉ ଯେ, ଚଳିତ ଯୁଗରେ ମୋ। ଈଶ୍ୱର ପ୍ରେରିତ ହୋଇ ଆସିବା କେବଳ ମୁସଲମାନମାନଙ୍କ ସୁଧାର ପାଇଁ ଅଭିପ୍ରେତ ନୁହେଁ, ବରଂ ମୁସଲମାନ, ହିନ୍ଦୁ, ଏବଂ ଖ୍ରୀଷ୍ଟିୟାନ ଏହି ତିନି (ପ୍ରମୁଖ) ଧର୍ମର ସୁଧାର ସକାଶେ ନିର୍ଦ୍ଦିଷ୍ଟ (ପ୍ରେରଣ) କରାଯାଇଛି । ଆଉ ଯେପରି ପରମାତ୍ମା ମୋତେ ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କ ନିମନ୍ତେ ମସିହ ମଉଦ୍ କରି ପଠାଇଛନ୍ତି, ସେହିପରି ମୁଁ ହିନ୍ଦୁଙ୍କ ପାଇଁ (କୃଷ୍ଣ) ଅବତାର ରୂପରେ ଆସିଛି । ମୁଁ କୋଡ଼ିଏ ବର୍ଷ ବା ତତୋଧିକ

ବର୍ଷ ହେଲା ଏହି କଥାକୁ ବିଖ୍ୟାତ କରିଆସୁଛି ଯେ, ମୁଁ ସେହି ପାପଗୁଡ଼ିକୁ ଦୂର କରିବା ସକାଶେ (ଆସିଛି) ଯେଉଁଥିରେ ଧରଣୀବକ୍ଷ ଭରିଯାଇଛି, ଯେପରି ମରିୟମ ପୁତ୍ର ଯୀଶୁଙ୍କ ରୂପରେ ଆବିର୍ଭୂତ ହୋଇଛି । ସେହିପରି ରାଜା କୃଷ୍ଣଙ୍କ ରଙ୍ଗରେ ମଧ୍ୟ ବିଭୂଷିତ ହୋଇଛି, ଯିଏକି ହିନ୍ଦୁ ଧର୍ମର ସକଳ ଅବତାରମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ଅବତାର ଥିଲେ ଅଥବା ଏହା କହିବା ସମୀଚୀନ ହେବ ଯେ, ଆଧ୍ୟାତ୍ମିକ ବାସ୍ତବିକତା ଦୃଷ୍ଟିକୋଣରୁ ମୁଁ ହେଉଛି ସେହି ଅବତାର । ଏହା ମୁଁ ନିଜ ବିଚାରଧାରା କିମ୍ବା ଅନୁମାନ ଆଧାରରେ କହୁ ନାହିଁ । ବରଂ ପୃଥିବୀ ଓ ଆକାଶର ସ୍ରଷ୍ଟା, ସର୍ବବ୍ୟାପୀ ପରମାତ୍ମା ଏହାକୁ ମୋ ଉପରେ ପ୍ରକଟିତ କରିଛନ୍ତି ଏବଂ ଥରେ ନୁହେଁ, ବରଂ ଅନେକ ଥର (ପରମେଶ୍ୱର) ମୋତେ ଅବଗତ କରାଇଛନ୍ତି ଯେ "ତୁମେ ହିନ୍ଦୁଙ୍କ ପାଇଁ ଶ୍ରୀକୃଷ୍ଣ ଏବଂ ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କ ପାଇଁ ମସିହ ମଉଦ୍ ।" ମୁଁ ଜାଣିଛି ଯେ, ନିର୍ବୋଧ ମୁସଲମାନ ଏହାକୁ ଶୁଣି ତୁରନ୍ତ କହିବେ ଯେ, ଜଣେ କାଫିର୍ (ଅବିଶ୍ୱାସକାରୀ)ର ନାମ ନିଜ ଉପରକୁ ନେଇ ଅବିଶ୍ୱାସର କାଳିମାକୁ ବିଶଦ ରୂପେ ସ୍ୱୀକାର କରି ନେଇଛି । କିନ୍ତୁ ଏହା ଈଶ୍ୱରଙ୍କର ଐଶୀବାଣୀ, ଯାହାକୁ ଘୋଷଣା କରିବା ବିନା ମୁଁ ରହିପାରୁ ନାହିଁ । ଆଜି ମୋର ଏହା ପ୍ରଥମ ଦିନ ଯେ, ଏପରି ବଡ଼ ଧରଣର ଜନସମାଗମରେ ମୁଁ ଏହି ବିଷୟକୁ ଉପସ୍ଥାପନ କରୁଅଛି, କାରଣ ଯେଉଁ ଲୋକମାନେ ଈଶ୍ୱର ପ୍ରେରିତ ହୋଇଥାନ୍ତି, ସେମାନେ କୌଣସି ନିନ୍ଦୁକର ଅପନିନ୍ଦାକୁ ଭୟ କରନ୍ତି ନାହିଁ ।

ଏବେ ମୁଁ ସ୍ପଷ୍ଟ ରୂପେ କହୁଅଛି; ଯେପରି ମୋତେ ସୂଚୀତ କରାଯାଇଛି ଯେ, ରାଜା ଶ୍ରୀକୃଷ୍ଣ ବାସ୍ତବରେ ଜଣେ ଏପରି ସମ୍ପୂର୍ଣ୍ଣ ମାନବ ଥିଲେ, ଯାହାଙ୍କ ଦୃଷ୍ଟାନ୍ତ ହିନ୍ଦୁମାନଙ୍କର ଅନ୍ୟ କୌଣସି ଋଷି ଓ ଅବତାରଙ୍କ ଠାରେ ଦେଖିବାକୁ ମିଳେ ନାହିଁ ଏବଂ ସେ ନିଜ ଯୁଗର ଅବତାର ଅର୍ଥାତ ନବୀ ଥିଲେ । ଯାହାଙ୍କ ପ୍ରତି ଈଶ୍ୱରଙ୍କ ନିକଟରୁ ରୁହୁଲ କୁଦ୍ଦୁସ୍ (ପବିତ୍ର ଆତ୍ମା) ଅବତରିତ ହେଉଥିଲା । ସେ ପରମେଶ୍ୱରଙ୍କ ତରଫରୁ ଅପରାଜେୟ ଓ ମହାପ୍ରତାପୀ ତଥା ସୌର୍ଯ୍ୟବାନ ଥିଲେ, ଯିଏ କି ଆର୍ଯ୍ୟାବର୍ତ୍ତ ଭୂମିକୁ ପାପମୁକ୍ତ କରିଥିଲେ । ବାସ୍ତବରେ ସେ ନିଜ ସମୟର ଅବତାର ଥିଲେ, ଯାହାଙ୍କ ଶିକ୍ଷାକୁ ପରବର୍ତ୍ତୀ ସମୟରେ ଅନେକ କ୍ଷେତ୍ରରେ ବିଗାଡ଼ି ଦିଆଗଲା । ସେ ଈଶ୍ୱରଙ୍କ ପ୍ରେମରେ ପରିପୂର୍ଣ୍ଣ ଥିଲେ ଏବଂ ସେ ପୁଣ୍ୟ ସହିତ

ମିତ୍ରତା ଓ ପାପ ସହିତ ଶତ୍ରୁତା ରଖୁଥିଲେ । ପରମାତ୍ମାଙ୍କର ଏହା ପ୍ରତିଜ୍ଞା ଥିଲା ଯେ, ଅନ୍ତିମ ଯୁଗରେ ତାଙ୍କର ଅନୁରୂପ ଅର୍ଥାତ ଅବତାର ଜନ୍ମ ଗ୍ରହଣ କରାଇବେ । ଅତଏବ ପରମେଶ୍ୱରଙ୍କ ଏହି ପ୍ରତିଜ୍ଞା ମୋହର ଆବିର୍ଭାବ ଦ୍ୱାରା ପୂରଣ ହେଲା । ମୋତେ ହୋଇଥିବା ଅନ୍ୟ ସମସ୍ତ ଦୈବୀବାଣୀ ସହିତ ନିଜ ସମ୍ବନ୍ଧରେ ଗୋଟିଏ ଏହା ମଧ୍ୟ ଐଶୀବାଣୀ ହୋଇଥିଲା ଯେ "ହେ କୃଷ୍ଣ ରୁଦ୍ର ଗୋପାଲ୍ ! ତେରି ମହିମା ଗୀତା ମେଁ ଲିଖି ଗୟୀ ହୈ" ଅତଃ ମୁଁ ଶ୍ରୀକୃଷ୍ଣଙ୍କୁ ପ୍ରେମ କରୁଅଛି । କାରଣ ମୁଁ ତାହାଙ୍କ ସ୍ୱରୂପରେ ରୂପାୟିତ ହୋଇ ଆସିଅଛି । ତେବେ ଏହି ପ୍ରସଙ୍ଗରେ ଆଉ ଏକ ରହସ୍ୟ ରହିଛି ଯେ, ଯେଉଁ ବିଶେଷ ଗୁଣାବଳୀ ଶ୍ରୀକୃଷ୍ଣଙ୍କ ସହିତ ସମ୍ବନ୍ଧିତ କରାଯାଇଛି (ଅର୍ଥାତ ପାପ ବିନାଶକ ଓ ଦୀନ ଦରିଦ୍ରଙ୍କ ପୃଷ୍ଠପୋଷକ ତଥା ପ୍ରତିପାଳକ) ଏହି ବୈଶିଷ୍ଟ୍ୟ ପ୍ରତିଶ୍ରୁତ ମସିହ୍‌ଙ୍କର ମଧ୍ୟ ରହିଛି । ତେଣୁ ଅନ୍ୟ ଅର୍ଥରେ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ କୃଷ୍ଣ ଓ ମସିହ ମଉଦ୍ ଏକ, ଅଭିନ୍ନ । କେବଳ ଜାତିଗତ ପରିଭାଷାରେ ଭିନ୍ନତା ରହିଛି ।

ବର୍ତ୍ତମାନ ମୁଁ କୃଷ୍ଣ ହେବାର ମର୍ଯ୍ୟାଦା ବହନ କରିଥିବା ଆଧାରରେ ଆର୍ଯ୍ୟ ସମାଜୀମାନଙ୍କୁ ସେମାନଙ୍କର କେତେକ ଭୁଲ (ରୀତିନୀତି) ପ୍ରତି ସତର୍କ କରାଉଛି । ସେଥି ମଧ୍ୟରୁ ଗୋଟିଏ ତ ତାହା ହିଁ ଯାହାର ବର୍ଣ୍ଣନା ମୁଁ ପୂର୍ବରୁ ମଧ୍ୟ କରିଆସିଛି ଯେ, ଏହି ଶୈଳୀ ଓ ସିଦ୍ଧାନ୍ତ ସତ୍ୟ ନୁହେଁ ଯେ ଆତ୍ମା ଏବଂ ବିଶ୍ୱ ବ୍ରହ୍ମାଣ୍ଡର କ୍ଷୁଦ୍ରକଣିକା ଯାହାକୁ ପ୍ରକୃତି ବା ପରମାଣୁ ବି କୁହାଯାଏ, ସେଗୁଡ଼ିକୁ ଅଜନ୍ମା ଓ ଅନାଦି ହୋଇଥିବାର ବିଶ୍ୱାସ କର । ଅଥଚ କେବଳ ପରମେଶ୍ୱରଙ୍କୁ ଛାଡିଦେଲେ ଅନ୍ୟ କେହିହେଲେ ଅସୃଷ୍ଟ, ଅଜନ୍ମା ନୁହନ୍ତି, ଯେଉଁ ପରମସତା ଅନ୍ୟ କାହାରି ସାହାରା ଦ୍ୱାରା ଜୀବିତ ନୁହନ୍ତି । କିନ୍ତୁ ସେହି ବସ୍ତୁ ଯାହା ଅନ୍ୟ କେଉଁ ବସ୍ତୁର ସାହାରାରେ ଜୀବିତ ରହିଛି, ତାହା କେବେହେଲେ ଅସୃଷ୍ଟ ହୋଇପାରିବ ନାହିଁ । କ'ଣ ଆତ୍ମାର ଗୁଣ ସ୍ୱତଃ (ଉତ୍ପନ୍ନ) ହୋଇଯାଇଛି ? ସେମାନଙ୍କର ସୃଷ୍ଟିକର୍ତ୍ତା କେହି ନାହିଁ ? ଯଦି ଏହା ଯଥାର୍ଥ, ତେବେ ଆତ୍ମାର ଶରୀର ମଧ୍ୟରେ ପ୍ରବେଶ କରିବା ମଧ୍ୟ ଆପଣା ଛାଏଁ ହୋଇପାରିବ ? ସେହିପରି କ୍ଷୁଦ୍ର କଣିକାର ଏକତ୍ର ଠୁଳ ହେବା ଏବଂ ବିଭାଜିତ ହେବା ମଧ୍ୟ ଆପେ ଆପେ ହୋଇପାରିବ । ଏହି ଉପାୟରେ ତ ପରମେଶ୍ୱରଙ୍କ ଅସ୍ତିତ୍ୱକୁ ମାନିବା ସକାଶେ ଆପଣଙ୍କ ହାତରେ କୌଣସି ବୌଦ୍ଧିକ

ପ୍ରମାଣ ରହିବ ନାହିଁ । କାରଣ ଯଦି ଆମର ବୁଦ୍ଧି ବିବେକ ଏହି କଥାକୁ ଗ୍ରହଣ କରିପାରୁଛି ଯେ ସବୁରି ଆତ୍ମା ନିଜର ସକଳ ଗୁଣାବଳୀ ସମେତ ଯାହା ସେମାନଙ୍କ ଠାରେ ରହିଛି, ସେସବୁ ସ୍ୱୟଂକୃତ । ତା'ହେଲେ ଏହି ଦ୍ୱିତୀୟ ବିଷୟକୁ ବି ଅତ୍ୟନ୍ତ ଆନନ୍ଦ ସହକାରେ ସ୍ୱୀକାର କରିନେବ ଯେ, ଆତ୍ମା ଓ ଶରୀରର ଆପୋଷରେ ଯୋଡ଼ି ହେବା କିମ୍ବା ଅଲଗା ହେବା ମଧ୍ୟ ସ୍ୱୟଂକୃତ ଏବଂ ଯେବେ କି ଆପଣାଛାଏଁ ସବୁକିଛି ଘଟିବାର ପଥ ମଧ୍ୟ ଉନ୍ମୁକ୍ତ ହୋଇ ରହିଛି, ତା'ହେଲେ କୌଣସି କାରଣ ନାହିଁ ଯେ, ଗୋଟିଏ ବାଟ ଖୋଲା ରଖାଯିବ ଓ ଅନ୍ୟ ବାଟକୁ ବନ୍ଦ କରାଯିବ । ଏହି ନିୟମ କୌଣସି ଯୁକ୍ତି ଦ୍ୱାରା ସିଦ୍ଧ ହୋଇପାରିବ ନାହିଁ ।

ପୁନଶ୍ଚ ଏହି ଭୁଲ ଆର୍ଯ୍ୟ ସମାଜୀମାନଙ୍କୁ ଅନ୍ୟ ଏକ ଭୁଲରେ ନେଇ ଫସାଇ ଦେଇଛି, ଯହିଁରେ ସ୍ୱୟଂ ସେମାନଙ୍କର ହିଁ କ୍ଷତି ହୋଇଥାଏ, ଠିକ୍ ଯେପରି ପୂର୍ବ ଭୁଲରେ ପରମେଶ୍ୱରଙ୍କ କ୍ଷତି ହୋଇଛି । ତେବେ ତାହା ହେଉଛି ଯେ, ଆର୍ଯ୍ୟ ସମାଜୀମାନେ ମୋକ୍ଷକୁ ଦୀର୍ଘ ମିଆଦି ରୂପେ ଧାର୍ଯ୍ୟ କରି ଦେଇଛନ୍ତି ଏବଂ ତନାସୁଖ୍ (ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରରେ ପ୍ରବେଶ କରିବା) ଧାରଣାକୁ ସଦାସର୍ବଦା ପାଇଁ ଗଳାର ହାର ବୋଲି ଆଖ୍ୟା ଦିଆଯାଇଛି, ଯେଉଁଥିରୁ କେବେ ବି ମୁକ୍ତି ମିଳିବ ନାହିଁ । ଏହି ସଂକୀର୍ଣ୍ଣ ଚିନ୍ତାଧାରା ଓ କୃପଣ ହୃଦୟୀ ଭାବନାକୁ ଦୟାଳୁ ଓ କୃପାଳୁ ଈଶ୍ୱରଙ୍କ ପ୍ରତି ଅଭିପ୍ରେତ କରିବା ଆମର ଉଚ୍ଚ ବିଚାର ବୁଦ୍ଧି ଉଚିତ୍ ବୋଲି ବିବେଚନା କରିପାରିବ ନାହିଁ । ଯେଉଁ ଅବସ୍ଥାରେ ପରମେଶ୍ୱରଙ୍କ ଠାରେ ଚିରସ୍ଥାୟୀ ମୋକ୍ଷ ପ୍ରଦାନ କରିବାର ଶକ୍ତି ରହିଥିଲା ତଥା ସେ ସର୍ବଶକ୍ତିମାନ ଥିଲେ, ସେପରି ସ୍ଥିତିରେ କିଛି ବୁଝାପଡୁ ନାହିଁ ଯେ, ଏପରି କୃପଣତା ସେ କାହିଁକି କଲେ । ଯାହା ଫଳରେ କି ସେ ନିଜ ଶକ୍ତିର ମହିମାରୁ ଭକ୍ତଗଣଙ୍କୁ ବଞ୍ଚିତ କରି ରଖିଲେ । ପୁଣି ଏପରି ଅଭିଯୋଗ ଆହୁରି ଦୃଢ଼ୀଭୂତ ହୋଇଯାଉଛି, ଯେବେକି ଏହା ଦେଖାଯାଉଛି ଯେ, ଯେଉଁ ଆତ୍ମାମାନଙ୍କୁ ଏକ ଦୀର୍ଘ କାଳୀନ ଶାସ୍ତିରେ ଦଣ୍ଡିତ କରାଯାଉଛି ଏବଂ ଚିରଦିନ ପାଇଁ ସେମାନଙ୍କ ଭାଗ୍ୟରେ ଯୋନ (ଚକ୍ର)ର ଦୁର୍ଦ୍ଦଶା ଭୋଗ କରିବା ଲେଖି ଦିଆଯାଇଛି; ସେହି ଆତ୍ମାମାନେ ପରମେଶ୍ୱରଙ୍କର ସୃଷ୍ଟଜ ମଧ୍ୟ ନୁହନ୍ତି । ଏହାର ଉତ୍ତର ଆର୍ଯ୍ୟ ସମାଜୀ ବନ୍ଧୁମାନଙ୍କ ତରଫରୁ ଏହା ଶୁଣାଯାଉଛି ଯେ, ପରମେଶ୍ୱର ଚିରଦିନ ପାଇଁ ମୁକ୍ତି ଦେବାରେ

ସାମର୍ଥ୍ୟ ତ ରଖିଥିଲେ, ଯେହେତୁ ସେ ସର୍ବଶକ୍ତିମାନ । କିନ୍ତୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ମୁକ୍ତି ପ୍ରଦାନର ପ୍ରସ୍ତାବ ଏଥିଯୋଗୁଁ ଗୃହୀତ ହେଲା ଯଦ୍ଦ୍ୱାରା ତନାସୁଖ୍ ପ୍ରକ୍ରିୟା ଭାଙ୍ଗି ନଯାଉ । କାରଣ ଯେଉଁ ଅବସ୍ଥାରେ ଆତ୍ମାମାନେ ଏକ ନିର୍ଦ୍ଧାରିତ ସଂଖ୍ୟାରେ ସୀମିତ ଅଛନ୍ତି ଏବଂ ସେଥିରୁ ସେମାନଙ୍କ ସଂଖ୍ୟାବୃଦ୍ଧି ହୋଇ ପାରିବ ନାହିଁ । ତେଣୁ ଏପରି ସ୍ଥିତିରେ ଯଦି ଚିରସ୍ଥାୟୀ ମୁକ୍ତି ହୁଅନ୍ତା, ତା'ହେଲେ ଯୋନର ଧାରାବାହିକ ପ୍ରକ୍ରିୟା ତିଷ୍ଠି ରହିପାରି ନଥାଆନ୍ତି । କାରଣ ଯେଉଁ ଆତ୍ମା ଚିରସ୍ଥାୟୀ ମୋକ୍ଷ ଲାଭ କରି ମୁକ୍ତି ନିବାସକୁ ଥରେ ଚାଲିଗଲା, ତେବେ ସେ ତ ସତେ ଯେପରି ପରମେଶ୍ୱରଙ୍କ ହାତରୁ ଖସିଗଲା । ସୁତରାଂ ଏହି ଦୈନିକ ବ୍ୟୟ କାରବାରର ଶେଷ ପରିଣାମ ଏହା ଅବଶ୍ୟ ହେବାର ଥିଲା ଯେ, ଏକଦା ଗୋଟିଏ ଆତ୍ମାକୁ ମଧ୍ୟ ଯୋନ (ଚକ୍ର)ରେ ପକାଇବା ପାଇଁ ପରମେଶ୍ୱରଙ୍କ ହାତରେ କିଛି ବି ବଳକା ନଥାନ୍ତା ଏବଂ କୌଣସି ଦିନ ଏହି କାର୍ଯ୍ୟ ସମାପ୍ତ ହୋଇ ପରମେଶ୍ୱର ବେକାର ହୋଇ ବସି ଯାଆନ୍ତେ । ସୁତରାଂ ଏହି ବିବଶତା ଯୋଗୁଁ ପରମେଶ୍ୱର ଏହି ବ୍ୟବସ୍ଥା କଲେ ଯେ, ମୁକ୍ତି ପ୍ରାପ୍ତି ବିଷୟକୁ ଏକ ସୀମା ପର୍ଯ୍ୟନ୍ତ ସୀମିତ ରଖିଲେ । ଏହାପରେ ପୁଣି ଏହି ସ୍ଥାନରେ ଅନ୍ୟ ଏକ ଆପତ୍ତି ହେଉଥିଲା ଯେ, ପରମେଶ୍ୱର ଥରେ ମୁକ୍ତି ପାଇଥିବା ନିଷ୍ପାପ ଲୋକକୁ ଯେଉଁମାନଙ୍କ ପାପର କଳଙ୍କ ଧୋଇ ହୋଇ ଯାଇଥିଲା । ପୁଣି ଥରେ ମୁକ୍ତି ନିବାସରୁ କାହିଁକି ବାରମ୍ବାର ବାହାର କରନ୍ତି ? ଏହି ଅଭିଯୋଗକୁ ପରମେଶ୍ୱର ଏହିପରି ଦୂର କଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଯାହାକୁ ମୁକ୍ତି ନିବାସରେ ପ୍ରବେଶ କରାଇଲେ, ଗୋଟିଏ ପାପ ତାହା ଭାଗ୍ୟରେ ରଖିଦେଲେ । ସେହି ପାପର ଶାସ୍ତିରେ ଶେଷକୁ ପ୍ରତ୍ୟେକ ଆତ୍ମା ମୁକ୍ତିଖାନାରୁ ବାହାର କରାଯାଉଛି ।

ଏହି ସିଦ୍ଧାନ୍ତ ହେଉଛି ଆର୍ଯ୍ୟ ସମାଜୀଙ୍କର । ବର୍ତ୍ତମାନ ନ୍ୟାୟ କରିବା ଉଚିତ ଯେ, ଯେଉଁ ବ୍ୟକ୍ତି ଏହି ବାଧ୍ୟ ବାଧକତା ମଧ୍ୟରେ ଫସି ରହିଛି, ତାଙ୍କୁ ପ୍ରଭୁ ପରମେଶ୍ୱର ବୋଲି କିପରି କୁହାଯାଇ ପାରିବ ? ବଡ଼ ପରିତାପର ବିଷୟ ଯେ, ଆର୍ଯ୍ୟ ସମାଜୀ ନିଜ ସ୍ରଷ୍ଟାଙ୍କର ଏକ ସ୍ୱଚ୍ଛ ଉତ୍ପତ୍ତି ପ୍ରକ୍ରିୟାକୁ ଅସ୍ୱୀକାର କରି ନିଜେ ହିଁ ନିଜକୁ ଅଡୁଆରେ ପକାଇ ଦେଇଛନ୍ତି । ପରମେଶ୍ୱରଙ୍କ କାର୍ଯ୍ୟବିଧିକୁ ନିଜର ସ୍ୱାର୍ଥ ଓ ମନସ୍କାମନା ପୂରଣ ଉପରେ ଅନୁମାନ ଲଗାଇ ତାଙ୍କର ତିରସ୍କାର ବି କଲେ ଏବଂ ଏହା ମଧ୍ୟ ଭାବିଲେ ନାହିଁ ଯେ, ଈଶ୍ୱର ପ୍ରତ୍ୟେକ ବିଶେଷ ଗୁଣାବଳୀରେ

(ନିଜ) ସୃଷ୍ଟଜ ଠାରୁ ଭିନ୍ନ ଓ ଅନନ୍ୟ । ସୃଷ୍ଟଜ ପ୍ରାଣୀର ଭୌତିକ ଗୁଣାବଳୀର ମାନଦଣ୍ଡ ଦ୍ୱାରା ଈଶ୍ୱରଙ୍କୁ ମାପିବା ଏକ ଏପରି ଭୁଲ, ଯାହାକୁ ଧାର୍ମିକ ଯୁକ୍ତି ବାଢୁଥିବା ବ୍ୟକ୍ତି ଏହି ଦୁଇ ବିଷୟର ପୃଥକକାରୀଙ୍କ ମନର ଏକ କଳ୍ପନା ବୋଲି କହନ୍ତି । ପୁଣି ଏହା କହିବା ଯେ, ଶୂନ୍ୟରୁ ଅସ୍ତିତ୍ୱ (ଆକାର) ଧାରଣ ହୋଇପାରିବ ନାହିଁ, ଏହା ତ ପ୍ରାଣୀର କର୍ମ ସମ୍ବନ୍ଧରେ ବୁଦ୍ଧିଜ୍ଞାନର ଏକ ଅସମ୍ପୂର୍ଣ୍ଣ ଅନୁଭୂତି । ସୁତରାଂ ଏହି ନିୟମ ଅଧୀନରେ ଈଶ୍ୱରଙ୍କ ବୈଶିଷ୍ଟ୍ୟକୁ ମଧ୍ୟ ସମ୍ମିଳିତ କରିବା ଯଦି, (ଏହା) ଅବୁଝାପଣିଆ ନୁହେଁ ତ ଆଉ କ'ଣ ହୋଇପାରେ ? ପରମେଶ୍ୱର ବିନା ଭୌତିକ ଜିହ୍ୱାରେ କଥା କୁହନ୍ତି । ଭୌତିକ କର୍ଣ୍ଣ ନଥାଇ ସେ ଶୁଣନ୍ତି ଏବଂ ଭୌତିକ ଚକ୍ଷୁ ନଥାଇ ସେ ଦେଖନ୍ତି । ଏହିପରି ଶାରୀରିକ ଉପାଦାନ ବ୍ୟତିରେକେ ମଧ୍ୟ ସେ ସୃଷ୍ଟି କରନ୍ତି । ତେଣୁ ତାହାଙ୍କୁ ପଦାର୍ଥ ଜନିତ ଉପାଦାନ ସକାଶେ ବାଧ୍ୟ କରିବା ଅର୍ଥ ହେଉଛି ଯେପରିକି ତାଙ୍କ ଐଶ୍ୱରୀୟ ଗୁଣାବଳୀକୁ ଅପାରଗ କରିଦେବା । ପୁନଶ୍ଚ ଏହି ଆସ୍ଥାରେ ଅନ୍ୟ ଏକ ବଡ଼ ବିବାଦ ହେଉଛି ଯେ- ଏହି ଆସ୍ଥା, ଅନାଦି ହେବାର ବୈଶିଷ୍ଟ୍ୟ ଦ୍ୱାରା ସୃଷ୍ଟିର କ୍ଷୁଦ୍ରାତି କ୍ଷୁଦ୍ର ପ୍ରତ୍ୟେକ କଣିକାକୁ ଈଶ୍ୱରଙ୍କ ସହିତ ସମକକ୍ଷ କରୁଅଛି । ମୂର୍ତ୍ତିପୂଜକ ତ କେତେକ ପ୍ରତିମାକୁ ଈଶ୍ୱରଙ୍କ ସହିତ ସମକକ୍ଷ ହେବାର ଆଖ୍ୟା ଦେଉଥିଲେ । ମାତ୍ର ଏହି ଆସ୍ଥା ଦୃଷ୍ଟିରୁ ସମଗ୍ର ଜଗତ ହିଁ ଈଶ୍ୱରଙ୍କ ସମକକ୍ଷ ସାବ୍ୟସ୍ତ ହେଉଅଛି । କାରଣ ଏହି ଆସ୍ଥା ପୋଷଣ କରିବା ଫଳରେ ପ୍ରତ୍ୟେକ କଣିକା ନିଜ ଅସ୍ତିତ୍ୱର ନିଜେ ହିଁ ଈଶ୍ୱର ହେଉଛି । ପରମେଶ୍ୱର ଜାଣନ୍ତି ଯେ, ମୁଁ ଏହି ବିଷୟ କୌଣସି ବିଦ୍ୱେଷ ଭାବ (ଶତ୍ରୁତା) ରଖି କହୁ ନାହିଁ । ବରଂ ମୋର ଦୃଢ ବିଶ୍ୱାସ ଯେ, ଏହା ଆଦୌ ବେଦର ବାସ୍ତବ (ମୌଳିକ) ଶିକ୍ଷା ହୋଇ ନଥିବ । ମୋତେ ଜଣାଅଛି ଯେ, ଅବାଧ ଦାର୍ଶନିକମାନଙ୍କର ଏଭଳି ଆସ୍ଥା ରହିଥିଲା, ଯେଉଁମାନଙ୍କ ମଧ୍ୟରୁ ଅନେକ ଲୋକ ଶେଷରେ ନାସ୍ତିକବାଦୀ ହୋଇଗଲେ । ତେଣୁ ମୋର ଭୟ ରହିଛି ଯେ, ଯଦି ଆର୍ଯ୍ୟ ସମାଜୀମାନେ ଏହି ମତବାଦକୁ ପରିତ୍ୟାଗ କରିବେ ନାହିଁ, ତା'ହେଲେ ସେମାନଙ୍କ ପରିଣାମ ମଧ୍ୟ ଏହିପରି ହେବ । ଏହି ସିଦ୍ଧାନ୍ତର ଶାଖା ହେଉଛି ଆତ୍ମାର ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରରେ ପ୍ରବେଶ କରିବା । ତାହା ମଧ୍ୟ ଈଶ୍ୱରଙ୍କ ଦୟା ଓ କରୁଣା ଉପରେ ଶକ୍ତ ଦାଗ ଲଗାଇଥାଏ । କାରଣ ଯେବେକି ଆମେ ଦୃଷ୍ଟାନ୍ତ ସ୍ୱରୂପ ଦେଖୁଛୁ ଯେ, ଦୁଇ କି ତିନି ଚାଖଣ୍ଡ ଜାଗାରେ ପିମ୍ପୁଡ଼ି ଏତେ ମାତ୍ରାରେ (ଜନ୍ମ) ହୋଇଯାଆନ୍ତି

ଯେ, କେତେ କୋଟି ଅର୍ବ ଠାରୁ ଅଧିକ ସଂଖ୍ୟାରେ ଜମା ହୋଇଯା'ନ୍ତି ଏବଂ ପ୍ରତ୍ୟେକ ଜଳବିନ୍ଦୁ ମଧ୍ୟରେ କେତେ ହଜାର କୀଟ ରହିଥାନ୍ତି । ସମୁଦ୍ର, ନଦୀ ଓ ଜଙ୍ଗଲ ନାନା ପ୍ରକାର ଜୀବଜନ୍ତୁ ଓ କୀଟପତଙ୍ଗରେ ଭରି ରହିଛି, ଯାହା ପ୍ରତି ଆମ ମନୁଷ୍ୟମାନଙ୍କ ସଂଖ୍ୟା (ଅନୁପାତ)ର କୌଣସି ତୁଳନା କରାଯାଇ ପାରିବ ନାହିଁ । ଏହି ପରିସ୍ଥିତିରେ ମନରେ ଭାବନା ଉଦ୍ରେକ ହେଉଛି ଯେ, ଯଦି ତନାସୁଖ୍ (ଆତ୍ମାର ଦେହାନ୍ତର ଚକ୍ର)ର ଅସାଧ ଆସ୍ଥାକୁ ଉଚିତ୍ ବୋଲି ମନେ କରାଯାଏ, ତା'ହେଲେ ଆଜି ପର୍ଯ୍ୟନ୍ତ ପରମେଶ୍ୱର ଗଢିଛନ୍ତି କ'ଣ ? ଏପରି ସ୍ଥଳେ ସେ କାହାକୁ ମୁକ୍ତି ଦେଲେ ଓ ଆସନ୍ତାକୁ ତାହାଙ୍କ ଠାରୁ କ'ଣ ଆଶା ରଖାଯିବ ?

ଏତଦ୍‌ଭିନ୍ନ ଅନ୍ୟ ଗୋଟିଏ ନିୟମ ମଧ୍ୟ ବୁଝି ହେଉନାହିଁ ଯେ ଦଣ୍ଡ ତ ଦିଆଯାଉ, ମାତ୍ର ଦଣ୍ଡିତ ବ୍ୟକ୍ତିକୁ ତାହାର ଅପରାଧ ବିଷୟରେ କୌଣସି ସୂଚନା ଦିଆ ନଯାଉ । ପୁଣି ଏକ ଅତ୍ୟଧିକ ବିପଦଜନକ କଥା ହେଉଛି ଯେ, ଏହି ମୁକ୍ତି ତ ଜ୍ଞାନ ଉପରେ ନିର୍ଭରଶୀଳ ଏବଂ ସେହି ଜ୍ଞାନ ତାହା ସହିତ ନଷ୍ଟଭ୍ରଷ୍ଟ ହେଉଥାଏ । ଏବଂ କେହି କୌଣସି ଯୋନ ମଧ୍ୟରେ ଆସୁଥିବା ବ୍ୟକ୍ତି ସେ ଯେତେ ବଡ଼ ପଣ୍ଡିତ ହୋଇଥାଉ ପଛକେ ବେଦ'ର କୌଣସି ଅଂଶ ମନେ ରଖି ନଥାଏ । ଅତଃ ଏଥିରୁ ଜଣାପଡିଲା ଯେ, ଯୋନ (ଚକ୍ର) ଜରିଆରେ ମୁକ୍ତି ପାଇବା ହିଁ ଅସମ୍ଭବ ଏବଂ ଯିଏ ଯୋନ (ଚକ୍ର)ରେ ପଡ଼ି ପୁରୁଷ ଓ ନାରୀ (ହୋଇ) ଦୁନିଆକୁ ଆସନ୍ତି । ସେମାନଙ୍କ ସହିତ ସେପରି କୌଣସି ସୂଚୀ (ପୂର୍ବ ସମ୍ପର୍କର ତାଲିକା) ଆସି ନଥାଏ, ଯେଉଁଥିରେ ସେମାନଙ୍କ ସମ୍ପର୍କର ସ୍ଥିତି ସମ୍ବନ୍ଧରେ ଜଣାପଡିବ, ଯଦ୍ୱାରା କେହି ବିଚରା ଏପରି ନବଜାତ ସହିତ ବିବାହ କରି ନବସନ୍ତୁ ଯେକି ପ୍ରକୃତରେ (ପୂର୍ବ ଜନ୍ମରେ) ତାହାର ଭଉଣୀ କି ମାଆ ହୋଇଥିବ ।

ତଦନୁରୂପ ନିୟୋଗର ସମସ୍ୟା ଯାହା ଆଜିକାଲି ଆର୍ଯ୍ୟ ସମାଜୀଙ୍କ ମଧ୍ୟରେ ପ୍ରଚଳିତ ଅଛି । ସେ ସମ୍ବନ୍ଧରେ ତ ଆମେ ବାରମ୍ବାର ଏହି ଉପଦେଶ ଦେଉଛୁ ଯେ, ସେହି ପ୍ରଥାକୁ ଯେତେ ଦୂର ସମ୍ଭବ ଛାଡିଦେବା ଉଚିତ । ମାନବୀୟ ପ୍ରବୃତ୍ତି ଏହାକୁ କସ୍ମିନ କାଳେ ଗ୍ରହଣ କରିବ ନାହିଁ ଯେ, ଜଣେ ବ୍ୟକ୍ତି ନିଜର ସତୀ ସଦାଚାରୀ ପତ୍ନୀ ଯାହା ଉପରେ ତାହାର ସମସ୍ତ ମାନମର୍ଯ୍ୟାଦା ନିର୍ଭର, ଆଉ ନିଜେ ଜଣେ ବିଧିସଙ୍ଗତ ପତି ହେବା ସତ୍ତ୍ୱେ ଏବଂ ଉଭୟଙ୍କ ମଧ୍ୟରେ ପତିପତ୍ନୀର ସମ୍ପର୍କ

ସ୍ଥାପିତ ହେବା ପରେ ନିଜ ପବିତ୍ର ପତିବ୍ରତା ସ୍ତ୍ରୀକୁ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ପର ପୁରୁଷ ସହିତ ସହବାସ କରାଇବ । ଏଥି ସଂକ୍ରାନ୍ତରେ ଆମେ ଅଧିକ କିଛି ଲେଖିବାକୁ ଚାହୁଁ ନାହୁଁ, କେବଳ ଭଦ୍ର ଲୋକଙ୍କ ବିବେକ ଉପରେ ଛାଡ଼ି ଦେଉଛୁ । ଏପରି (ନିନ୍ଦନୀୟ ପରମ୍ପରା) ସତ୍ତ୍ୱେ ଆର୍ଯ୍ୟ ସମାଜୀ ଲୋକମାନେ ଏହି ଚେଷ୍ଟାରେ ଲାଗିଥାନ୍ତି ଯେ, ମୁସଲମାନମାନଙ୍କୁ ନିଜ ଧର୍ମ ଆଡ଼କୁ ଆମନ୍ତ୍ରିତ କରାଯାଉ । ଅତଃ ଆମେ କହୁଛୁ ଯେ, ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ସତ୍ୟକୁ ଗ୍ରହଣ କରିବା ପାଇଁ ସବୁବେଳେ ପ୍ରସ୍ତୁତ ରହିଥାଏ । କିନ୍ତୁ ଏହା ସତ୍ୟ ନୁହେଁ ଯେ, ସେହି ଈଶ୍ୱରକୁ ଯିଏକି ନିଜର ଶ୍ରେଷ୍ଠ ଶକ୍ତି ଓ ବଦାନ୍ୟତା ଦ୍ୱାରା ନିଜର ଅସ୍ତିତ୍ୱକୁ ପ୍ରକାଶ କରିଛନ୍ତି, ତାଙ୍କରି ସୃଜନ ଶକ୍ତି ଦ୍ୱାରା ଉତ୍ତର ଦିଆଯିବ, ଅଥଚ ତାହାଙ୍କୁ ସକଳ ଅନୁଗ୍ରହର ଉତ୍ସ (ପ୍ରଦାନକାରୀ) ବିବେଚନା କରାଯିବ ନାହିଁ । ଏପରି ପରମେଶ୍ୱର କଦାପି ପରମେଶ୍ୱର ହୋଇପାରିବେ ନାହିଁ । ମନୁଷ୍ୟ ଈଶ୍ୱରଙ୍କୁ ତାଙ୍କରି ଶକ୍ତି ଓ ପରାକ୍ରମତା ଯୋଗୁଁ ଚିହ୍ନିଛି । ଯଦି କୌଣସି ଶକ୍ତି ଓ କର୍ତ୍ତୃତ୍ୱ ତାଙ୍କ ଠାରେ ରହିଲା ନାହିଁ ଏବଂ ସେ ମଧ୍ୟ ଆମମାନଙ୍କ ପରି (ବଞ୍ଚିବା ପାଇଁ) ସାଧନ ଆବଶ୍ୟକ କରୁଛନ୍ତି, ତା'ହେଲେ ତ ତାହାଙ୍କୁ ଚିହ୍ନିବାର ଦ୍ୱାର ବନ୍ଦ ହୋଇଯିବ ।

ତଦୁପରାନ୍ତେ ଈଶ୍ୱର ନିଜର ଅପାର ଅନୁଗ୍ରହ ଓ ଜଗତର ହିତ ସାଧନ ଯୋଗୁଁ ଉପାସନାର ଯୋଗ୍ୟ ବିବେଚିତ ହୋଇଥାନ୍ତି । ମାତ୍ର ଯେବେକି ସେ ଆତ୍ମାକୁ ସୃଷ୍ଟି ହିଁ କରି ନାହାନ୍ତି ଏବଂ ନା ତାଙ୍କ ଠାରେ କୌଣସି କର୍ତ୍ତାର ବିନା କର୍ମରେ କୃପା ଓ ଅନୁଗ୍ରହ କରିବାର ବୈଶିଷ୍ଟ୍ୟ ରହିଛି, ତା'ହେଲେ ଏପରି ପରମେଶ୍ୱର କେଉଁ କାରଣରୁ ଉପାସନା ଯୋଗ୍ୟ ହେବେ ? ଯେତେଦୂର ଆମେ ଚିନ୍ତା କରୁଅଛୁ ଆମକୁ ଏହା ଜଣାପଡୁଛି ଯେ, ଆର୍ଯ୍ୟ ସମାଜୀମାନେ ନିଜ ସମ୍ପ୍ରଦାୟର ଉତ୍ତମ ନମୁନା ଉପସ୍ଥାପନ କରିନାହାନ୍ତି । ପରମେଶ୍ୱରଙ୍କୁ ଏପରି ଦୁର୍ବଳ ଓ ବିଦ୍ୱେଷକାରୀ ରୂପେ ଆଖ୍ୟାୟିତ କରିଛନ୍ତି ଯେ, ସେ କେତେ କେତେ ଅର୍ବ ଓ କୋଟି ଥର ଶାସ୍ତି ଦେଲା ପରେ ମଧ୍ୟ ଚିରସ୍ଥାୟୀ ମୁକ୍ତି ଦିଅନ୍ତି ନାହିଁ ଏବଂ ତାଙ୍କର କ୍ରୋଧ କେବେ ବି ଥଣ୍ଡା (ଶାନ୍ତ) ହୁଏ ନାହିଁ । ତା'ପରେ ଆର୍ଯ୍ୟ ସମାଜୀମାନେ ସାମାଜିକ ସଂସ୍କୃତି ଓ ଶିଷ୍ଟାଚାର ଉପରେ ନିୟୋଗ୍'ର ଏକ କଳା ଦାଗ ଲଗାଇ ଦେଇଛନ୍ତି । ଏପରି ଭାବରେ ସେମାନେ ଗରିବ ମହିଳାଙ୍କ ଇଜ୍ଜତ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି ।

ତତ୍‌ସହିତ ଦୁଇଟି ଦୃଷ୍ଟିକୋଣ ଯଥା ହକୁକୁଲ୍ଲାଃ ଓ ହକୁକୁଲ୍ ଇବାଦ୍ (ଅଲ୍ଲାଃଙ୍କର ଓ ତାଙ୍କ ଭକ୍ତମାନଙ୍କର ଅଧିକାର) ମଧ୍ୟରେ ଲଜ୍ଜାଜନକ ବିଶୃଙ୍ଖଳା ଭିଆଇ ଦେଲେ । ତେଣୁ ଏହି ଧାର୍ମିକ ସମ୍ପ୍ରଦାୟ ପରମେଶ୍ୱରଙ୍କୁ ନିଷ୍କ୍ରିୟ କରିଦେବା ଦୃଷ୍ଟିରୁ ନାସ୍ତିକ ମତବାଦୀମାନଙ୍କର ଅତି ନିକଟତର ହୋଇଯାଇଛି ଏବଂ ନିୟୋଗ ପ୍ରଥା ଦୃଷ୍ଟିରୁ (ତାହା) ଏପରି ଏକ ଜାତିର ନିକଟତର ହୋଇଯାଇଛି, ଯାହାର ଚର୍ଚ୍ଚା କରିବା ଯୋଗ୍ୟ ନୁହେଁ ।

ଏହି ସ୍ଥାନରେ ମୋତେ ଅତ୍ୟନ୍ତ ଦରଦ ପୂର୍ଣ୍ଣ ହୃଦୟରେ ଏହା କହିବାର ମଧ୍ୟ ଆବଶ୍ୟକତା ପଡୁଛି ଯେ, ଏମିତି ତ ଅଧିକାଂଶ ଆର୍ଯ୍ୟ ସମାଜୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଇସଲାମ ଧର୍ମର ସତ୍ୟ ଓ ସମ୍ପୂର୍ଣ୍ଣ ନୀତି ନିୟମ ଉପରେ ଅଯଥାଟାରେ ଆକ୍ରମଣ କରିବାର ବହୁତ ଅଭ୍ୟାସ ରହିଛି । ମାତ୍ର ସେମାନେ ନିଜ ଧର୍ମରେ ଆଧ୍ୟାତ୍ମିକତାକୁ ଜାଗ୍ରତ କରିବାରେ ବହୁତ ଅବହେଳା ପ୍ରଦର୍ଶନ କରିଛନ୍ତି । ଧର୍ମ ଏହି କଥାର ନାମ ନୁହେଁ ଯେ, ମନୁଷ୍ୟ ଦୁନିଆର ସମସ୍ତ ମହାତ୍ମା, ବିଦୁଷୀ, ଅବତାର ଓ ବାର୍ତ୍ତାବହମାନଙ୍କୁ ନିନ୍ଦା ଓ ଅସଭ୍ୟ ଭାଷାରେ ସ୍ମରଣ କରନ୍ତୁ । ଏପରି କରିବା ତ ଧର୍ମର ଅସଲ ଉଦ୍ଦେଶ୍ୟର ପରିପନ୍ଥୀ । ଅଥଚ ଧର୍ମକୁ (ସ୍ଥାପନ କରିବାର) ଉଦ୍ଦେଶ୍ୟ ଏହିକି ଯେ, ମନୁଷ୍ୟ ନିଜ ମନକୁ ପ୍ରତ୍ୟେକ ମନ୍ଦକର୍ମରୁ ପବିତ୍ର କରି ଏପରି ଦକ୍ଷ କରିଦେଉ ଯେ, ତାହାର ଆତ୍ମା ପ୍ରତି କ୍ଷଣ ଈଶ୍ୱରଙ୍କ ଛାମୁରେ ପଡି ରହୁ ଏବଂ (ସେ) ବିଶ୍ୱାସ, ପ୍ରେମ, ନିଷ୍ଠା, ଈଶ୍ୱରଙ୍କୁ ଚିହ୍ନିବା ତଥା ସତ୍ୟତା ଓ ଅନୁରକ୍ତିରେ ଭରିଯାଉ । ତାହାର ଅନ୍ତରରେ ଏକ ନିର୍ମଳ ପରିବର୍ତ୍ତନ ସୃଷ୍ଟି ହୋଇଯାଉ, ଯଦ୍ଦ୍ୱାରା ଏହି ଦୁନିଆରେ ତାକୁ ସ୍ୱର୍ଗୀୟ ଜୀବନ ପ୍ରାପ୍ତ ହେଉ । କିନ୍ତୁ ଏପରି ଆସ୍ଥା ପୋଷଣ କରିବା ଦ୍ୱାରା ପ୍ରକୃତ ପୁଣ୍ୟ କେବେ ଓ କେଉଁ ପ୍ରକାରେ ପ୍ରାପ୍ତ ହୋଇପାରିବ, ଯହିଁରେ ମନୁଷ୍ୟମାନଙ୍କୁ ଏହି ଶିକ୍ଷା ଦିଆଯାଇଛି ଯେ, କେବଳ ଖୁନେ ମସିହ୍ (ମସିହ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ଖ୍ରୀଷ୍ଟଧର୍ମୀଙ୍କୁ ପାପମୁକ୍ତ କରିଦେବା ଉପରେ) ବିଶ୍ୱାସ ଆଣ, ତା'ପରେ ପୁଣି ନିଜ ହୃଦୟରେ ବୁଝିନିଅ ଯେ ପାପରୁ ପବିତ୍ର ହୋଇଗଲ । ଏହା କି ପ୍ରକାରର ପବିତ୍ର ହେବା, ଯେଉଁଥିରେ ଆତ୍ମଶୁଦ୍ଧିର କିଛି ବି ହେଲେ ଆବଶ୍ୟକତା ନାହିଁ? ବରଂ ପ୍ରକୃତ ପବିତ୍ରତା ସେହି ସମୟରେ ପ୍ରାପ୍ତ ହୋଇଥାଏ, ଯେତେବେଳେ ମନୁଷ୍ୟ କୁତ୍ସିତ ଜୀବନରୁ ପ୍ରାୟଶ୍ଚିତ କରି ଏକ ଶୁଦ୍ଧପୂତ ଜୀବନର କାମନା କରେ । ତାକୁ

ପାଇବା ପାଇଁ କେବଳ ତିନୋଟି ବିଷୟ ଜରୁରୀ ହୋଇଥାଏ ।

**ପ୍ରଥମତଃ–** ଉପାୟ ଓ ସଂଘର୍ଷ : ଅର୍ଥାତ ଯେତେଦୂର ସମ୍ଭବ କଳୁଷିତ ଜୀବନରୁ ମୁକୁଳି ଆସିବା ପାଇଁ ପ୍ରୟାସ କରିବା ।

**ଦ୍ୱିତୀୟତଃ–** ପ୍ରାର୍ଥନା : ପ୍ରତ୍ୟେକ ସମୟରେ ଅଲ୍ଲାହ୍‌ଙ୍କ ଛାମୁରେ ଗୁହାରି କରୁଥିବ, ଯଦ୍ଦ୍ୱାରା ସେ କଳୁଷିତ ଜୀବନରୁ ତାକୁ ସ୍ୱହସ୍ତରେ ବାହାର କରି ଆଣିବେ ଏବଂ ଏପରି ଏକ ଅଗ୍ନିର ଜ୍ୱାଳା ତାହା ଭିତରେ ସୃଷ୍ଟି କରିବେ, ଯାହା ମନ୍ଦକର୍ମର ଅନାବଶ୍ୟକ ତତ୍ତ୍ୱଗୁଡ଼ିକୁ ଜାଳି ଭସ୍ମ କରିଦେବ ତଥା ଏପରି ଏକ ଶକ୍ତି ପ୍ରଦାନ କରିଦେବେ, ଯାହା ମାନସିକ ଉତ୍ତେଜନାକୁ ଗ୍ରାସ କରି ସ୍ୱାର୍ଥ ଲାଳସା ଉପରେ ବିଜୟୀ ହେବ । ପ୍ରାର୍ଥନାରେ ଏପରି ମଗ୍ନ ରହିଥାଉ କି ଯେପର୍ଯ୍ୟନ୍ତ ସେହି ସମୟ ନଆସିଯିବ ଯେ, ଏକ ଐଶ୍ୱରିକ ଜ୍ୟୋତି ତାହାର ମନମସ୍ତିଷ୍କ ଉପରେ ଅବତୀର୍ଣ୍ଣ ହେବ ତଥା ଏକ ଝଟକୁଥିବା କିରଣ ତାହାର ପ୍ରାଣ ଉପରେ ପଡି ସମସ୍ତ ଅନ୍ଧକାରକୁ ଦୂର କରିଦେବ ଓ ତାହାର ସମସ୍ତ ଦୋଷ ଦୁର୍ବଳତାକୁ ଅପସାରଣ କରିଦେବ ତଥା ତାହାର ଅନ୍ତରରେ ପବିତ୍ର ପରିବର୍ତ୍ତନ ଆଣିଦେବ । କାରଣ ନିଃସନ୍ଦେହ ରୂପେ ପ୍ରାର୍ଥନାରେ ପ୍ରଭାବ ରହିଛି । ଯଦି ମୃତକ ଜୀବିତ ହେବା ସମ୍ଭବ ତେବେ କେବଳ ପ୍ରାର୍ଥନା ବଳରେ । ଯଦି କଏଦୀ ଜେଲର ବନ୍ଧନରୁ ମୁକ୍ତି ପାଇପାରନ୍ତି, ତେବେ ପ୍ରାର୍ଥନା ବଳରେ । ଯଦି ଅପବିତ୍ର ପବିତ୍ର ହୋଇପାରନ୍ତି, ତା'ହେଲେ ପ୍ରାର୍ଥନା ଯୋଗେ । ମାତ୍ର ପ୍ରାର୍ଥନା କରିବା ଓ ମରିବା ପାଖାପାଖି ବିଷୟ ।

**ତୃତୀୟ ପନ୍ଥା–** ମହାତ୍ମାଙ୍କ ଓ ସାଧୁସନ୍ଥଙ୍କ ସଙ୍ଗତରେ ରହିବା: କାରଣ ଗୋଟିଏ ଦୀପ ଜଳିଆରେ ଆଉ ଗୋଟିଏ ଦୀପ ଆଲୋକିତ ହୋଇପାରେ । ସୁତରାଂ ପାପରୁ ନିସ୍ତାର ପାଇବା ସକାଶେ ଏହି ତିନୋଟି ପନ୍ଥା ପ୍ରଣୀତ ରହିଛି । ଯାହା ମିଳିତ ହେବା ଫଳରେ ଶେଷରେ ଐଶୀ କୃପାର ସୌଭାଗ୍ୟ ଲାଭ ହୋଇଥାଏ । କିନ୍ତୁ ଏହା ନୁହେଁ ଯେ, କ୍ରୁଶରେ ମସିହଙ୍କ ମୃତ୍ୟୁଜନିତ ରକ୍ତ ବହିବାରେ ମୋକ୍ଷପ୍ରାପ୍ତିର ସିଦ୍ଧାନ୍ତକୁ ଗ୍ରହଣ କରି ଆପଣା ମନରେ ବୁଝିନେବେ ଯେ, ଆମେମାନେ ପାପରୁ ମୁକ୍ତି ପାଇଗଲୁ । ଏହା ତ ନିଜକୁ ନିଜେ ଧୋକା ଦେବା କଥା । ମନୁଷ୍ୟକୁ ଏକ ମହାନ ଉଦ୍ଦେଶ୍ୟ ସକାଶେ ସୃଷ୍ଟି କରାଯାଇଛି ଏବଂ ତାହାର ଉତ୍କର୍ଷତା କେବଳ ଏତିକି ନୁହେଁ ଯେ, ପାପକୁ ବର୍ଜନ କରିଦେବ । ଅନେକ ପଶୁ କିଛି ବି ପାପ କରନ୍ତି

ନାହିଁ, ତେବେ କ'ଣ ସେମାନେ ନିଜକୁ ଶ୍ରେଷ୍ଠ ବୋଲି ବୋଲାଇ ପାରିବେ ? ଏବଂ କ'ଣ ଆମେମାନେ କାହାଠାରୁ ଏଥି ସକାଶେ କୌଣସି ପୁରସ୍କାର ପାଇପାରିବା ଯେ, ଆମେ ତୋ'ର କୌଣସି ଅନିଷ୍ଟ କରିନାହୁଁ । ବରଂ ନିଃସ୍ୱାର୍ଥପର ସେବା ଦ୍ୱାରା ହିଁ ପୁରସ୍କାର ଲାଭ ହୋଇଥାଏ ଏବଂ ସେହି ସେବା ଈଶ୍ୱରଙ୍କ ମାର୍ଗରେ ଏହିକି ଯେ, ମନୁଷ୍ୟ କେବଳ ତାହାଙ୍କର ହିଁ ହୋଇଯାଉ । ତାଙ୍କରି ପ୍ରେମ ବଳରେ ସକଳ ପ୍ରେମକୁ ଭଗ୍ନ କରିଦେଉ ତଥା ତାଙ୍କରି ଇଚ୍ଛା ଓ ପ୍ରସନ୍ନତା ଲାଭ ସକାଶେ ଆପଣା ଇଚ୍ଛା ଓ ଖୁସିକୁ ଜଳାଞ୍ଜଳି ଦେଉ । ଏହି ପରିପ୍ରେକ୍ଷୀରେ ପବିତ୍ର କୁରଆନ ଅତି ସୁନ୍ଦର ଦୃଷ୍ଟାନ୍ତ ଦେଇଛି । ତାହା ହେଉଛି ଯେ, କୌଣସି ବିଶ୍ୱାସକାରୀ ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବୋଲାଇ ପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଦୁଇଟି ସର୍ବତ (ପଣା) ପାନ କରି ନ ନେଇଛି । ପ୍ରଥମ ସର୍ବତ : ପାପ ପ୍ରତି ସ୍ପୃହା ଓ ଅନୁରାଗ ଶୀତଳ ହେବା, ଯାହାର ନାମ ପବିତ୍ର କୁରଆନ କାଫୁରୀ ସର୍ବତ (କର୍ପୁର ପଣା) ରଖିଛି । ଦ୍ୱିତୀୟ ସର୍ବତ : ପରମେଶ୍ୱରଙ୍କ ପ୍ରେମ ହୃଦୟରେ ଭରିଦେବା, ଯାହାର ନାମ ପବିତ୍ର କୁରଆନରେ ଜଞ୍ଜାଯବିଲୀ ସର୍ବତ (ଶୁଣ୍ଠିକା ପଣା) ରଖାଯାଇଛି । କିନ୍ତୁ ପରିତାପର ବିଷୟ ଯେ ଖ୍ରୀଷ୍ଟସମାଜ ଓ ଆର୍ଯ୍ୟସମାଜର ଲୋକମାନେ ଏହି ପଥ ଅବଲମ୍ବନ କଲେ ନାହିଁ । ଆର୍ଯ୍ୟ ସମାଜୀଗଣ ଏହା ଆଡ଼କୁ ଢଳି ପଡ଼ିଛନ୍ତି ଯେ, ପାପ ପ୍ରତ୍ୟେକ ଅବସ୍ଥାରେ (ପାପ) ତେଣିକି ପ୍ରାୟଶ୍ଚିତ କର କି ନକର ଶାସ୍ତି ନିଧାର୍ଯ୍ୟ ପାଇବ । ଯେଉଁ କାରଣ ପାଇଁ ଅଗଣିତ ଆତ୍ମମାନଙ୍କୁ ଯୋନ (ଚକ୍ର) ଭୋଗିବାକୁ ପଡ଼ିବ । ତଦନୁରୂପ ଖ୍ରୀଷ୍ଟିୟାନ ଭାଇମାନେ ପାପରୁ ମୁକ୍ତି ପାଇବାର ଏହି ବାଟ ବତାଉଛନ୍ତି, ଯାହାର ଉଲ୍ଲେଖ ମୁଁ ଏବେ କରିସାରିଛି । ଦୁଇଟିଯାକ ସମ୍ପ୍ରଦାୟ ବାସ୍ତବିକତା ଠାରୁ ବହୁ ଦୂରକୁ ଚାଲି ଯାଇଛନ୍ତି ଏବଂ ଯେଉଁ ଦ୍ୱାର ମଧ୍ୟ ଦେଇ ପ୍ରବେଶ କରିବାର ଥିଲା, ତାକୁ ଛାଡ଼ିଦେଇ ଦୂର ଦୁରାନ୍ତ ଜଙ୍ଗଲ ଭିତରେ ବାଟବଣା ହୋଇ ବୁଲୁଛନ୍ତି ।

ଏହା ତ ମୁଁ ଆର୍ଯ୍ୟ ସମାଜୀଙ୍କ ସେବାରେ ବିନତୀ କରିଛି ଏବଂ ଖ୍ରୀଷ୍ଟସମାଜୀ ଯେଉଁମାନେ ପ୍ରବଳ ଉଦ୍ୟମ କରି ନିଜ ଧର୍ମକୁ ବିଶ୍ୱରେ ପ୍ରଚାର କରୁଛନ୍ତି, ସେମାନଙ୍କ ଅବସ୍ଥା ଆର୍ଯ୍ୟ ସମାଜୀଙ୍କ ଠାରୁ ଅଧିକ ଦୁର୍ଦ୍ଦଶାଜନକ । ଆର୍ଯ୍ୟ ସମାଜୀ ତ ଏହି ଯୁଗରେ ଏହାର ପ୍ରୟାସ କରୁଛନ୍ତି ଯେ, କେଉଁ ପ୍ରକାରେ ନିଜର ପୁରୁଣା ଧର୍ମମତ ଅନୁସାରେ ସୃଷ୍ଟଜ ପ୍ରାଣୀଙ୍କ ଉପାସନାରୁ ବାହାରି ଆସିବେ । କିନ୍ତୁ

ଅନ୍ୟ ପକ୍ଷେ ଖ୍ରୀଷ୍ଟସମାଜୀ ଏହି ପ୍ରୟାସରେ ଲାଗି ପଡ଼ିଛନ୍ତି ଯେ, ସୃଷ୍ଟିର ଉପାସନାରେ ନା କେବଳ ନିଜକୁ ବରଂ ସମଗ୍ର ସଂସାରକୁ ଅନ୍ତର୍ଭୁକ୍ତ କରିଦେବେ । କେବଳ ବଳପୂର୍ବକ ଓ ହୁକୁମ ଚଳାଇ ହଜରତ ଇସା ଅ.ସ.ଙ୍କୁ ଈଶ୍ୱର ହେବାର ଆଖ୍ୟା ଦିଆଯାଉଛି । ଯେତେବେଳେ କି ତାଙ୍କ ଦ୍ୱାରା କୌଣସି ଗୋଟିଏ ବି ଏପରି ବିଶେଷ ଶକ୍ତି ପ୍ରଦର୍ଶିତ ହୋଇନାହିଁ, ଯାହା ଅନ୍ୟାନ୍ୟ ଅବତାରଙ୍କ ମଧ୍ୟରେ ଦେଖିବାକୁ ମିଳୁ ନାହିଁ । ବରଂ ଅନ୍ୟ କେତେକ ନବୀ ତ ଅଲୌକିକ ଚମତ୍କାରୀତା ଦେଖାଇବାରେ ତାଙ୍କ ଠାରୁ ବଳି (ମହାନ) ଥିଲେ ଏବଂ ତାଙ୍କର ଦୁର୍ବଳତା ସାକ୍ଷୀ ଦେଉଛି ଯେ, ସେ ମାତ୍ର ଜଣେ ମାନବ ଥିଲେ । ସେ ନିଜ ବିଷୟରେ ଏପରି କୌଣସି ଦାବି କରି ନାହାନ୍ତି, ଯାହା ଫଳରେ ସେ ଈଶ୍ୱରତ୍ୱର ଦାବିଦାର ରୂପେ ପ୍ରମାଣିତ ହେବେ । ତାଙ୍କର ଦିବ୍ୟବଚନ ଓ ବାର୍ତ୍ତାଳାପରୁ ଯେପରିକି ତାଙ୍କୁ ଈଶ୍ୱର ବୋଲି ମଣାଯାଉଛି, ଏପରି ମଣିବା ଭୁଲ । ଏତାଦୃଶ ଭାବେ ଅଲ୍ଲାଃଙ୍କର କଥନ ଈଶ୍ୱର ପ୍ରେରିତ ଅବତାରମାନଙ୍କ ପକ୍ଷରେ ରୂପକ ତଥା ଆଳଙ୍କାରିକ ରୂପେ (ପ୍ରୟୋଗ) ହୋଇଥାଏ । ସେଥିରୁ ଈଶ୍ୱରତ୍ୱର ଅର୍ଥ ବାହାର କରିବା କୌଣସି ବୁଦ୍ଧିମାନର କାର୍ଯ୍ୟ ନୁହେଁ, ବରଂ ଏହା ସେମାନଙ୍କ କାମ ଯେଉଁମାନେ ବିନା କାରଣରେ ମାନବକୁ ଈଶ୍ୱର କରି ଗଢ଼ିବାରେ ରୁଚି ରଖିଛନ୍ତି ଏବଂ ମୁଁ ଈଶ୍ୱରଙ୍କ ନାମରେ ଶପଥ କରି କହିପାରେ ଯେ, ମୋ ପ୍ରତି ହୋଇଥିବା ଐଶୀବାଣୀ ଓ ଐଶୀ ପ୍ରକଟନମାନଙ୍କରେ ସେସବୁ ଠାରୁ ଅଧିକ ବଳିଷ୍ଠ କଥନ ରହିଛି । ତେଣୁ ଯଦି ସେହି ଦିବ୍ୟ କଥନମାନଙ୍କରୁ ଯୀଶୁ ମସିହ ଅ.ସ.ଙ୍କର ଈଶ୍ୱରତ୍ୱ ପ୍ରମାଣିତ ହେଉଅଛି, ତା'ହେଲେ ପୁଣି ମୋତେ ମଧ୍ୟ ନଊଯୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣାଗତ ହେଉଛି) ଅଧିକାର ଅଛି ଯେ, ଏହି ଦାବି ମୁଁ ବି କରି ବସିବି ।

ତେଣୁ ମନେରଖ ଯେ, ଈଶ୍ୱରତ୍ୱର ଦାବି ହଜରତ ଯୀଶୁ ମସିହ ଅ.ସ.ଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ଲାଂଛନା ଲଗାଯାଉଛି । ସେ କଦାଚିତ ଏପରି ଦାବି କରିନାହାନ୍ତି । ଯାହାକିଛି ସେ ନିଜ ବିଷୟରେ କହିଛନ୍ତି, ତାହା ସୁପାରିଶ ମୂଳକ ଶବ୍ଦାବଳୀ ଠାରୁ ବଳି ଅଧିକ କିଛି ନୁହେଁ । ସୁତରାଂ ଅବତାରମାନଙ୍କ ସୁପାରିଶ (କରିବା ପ୍ରସଙ୍ଗ ସଂକ୍ରାନ୍ତ)ରେ କିଏ ଅସ୍ୱୀକାର କରିବ ? ହଜରତ ମୁସା ଅ.ସ.ଙ୍କର ସୁପାରିଶ ଦ୍ୱାରା ଇସ୍ରାଇଲୀୟ ସନ୍ତାନମାନେ ଅନେକଥର ପ୍ରଜ୍ୱଳିତ ଶାସ୍ତିର ପ୍ରକୋପରୁ ମୁକ୍ତି ପାଇଗଲେ । ମୋର ସ୍ୱୟଂ ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ଅନୁଭବ ରହିଛି ଏବଂ

ମୋ ଜମାଅତର ଅଧିକାଂଶ ଭଦ୍ର ପୁରୁଷ ଭଲ ରୂପେ ଜାଣିଛନ୍ତି ଯେ, ମୋର ଅଲ୍ଲାହ୍‌ଙ୍କ ଛାମୁରେ ସୁପାରିଶ ଯୋଗୁଁ କେତେକ ବିପତ୍ତି ଓ ବ୍ୟାଧିରେ ପୀଡିତ ବ୍ୟକ୍ତି ନିଜର ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତି ପାଇଗଲେ, ଯାହାର ଖବର ସେମାନଙ୍କୁ ପୂର୍ବରୁ ଜଣାଇ ଦିଆଯାଇ ଥିଲା । ସୁତରାଂ ଯୀଶୁ ଅ.ସଙ୍କର ନିଜ ସମ୍ପ୍ରଦାୟର ମୁକ୍ତି ସକାଶେ କ୍ରୁଶବିଦ୍ଧ ହେବା ଏବଂ ତାଙ୍କ ଜାତିର ପାପ ତାଙ୍କ ଉପରେ ଲଦି ଦିଆଯିବା ଏକ ଏପରି ଅର୍ଥହୀନ ସିଦ୍ଧାନ୍ତ, ଯାହା ବୁଦ୍ଧି ଠାରୁ ହଜାରେ କୋଶ ଦୂରରେ । ଈଶ୍ୱରଙ୍କ ନ୍ୟାୟିକ ଗୁଣ ଠାରୁ ବହୁତ ଦୂରରେ ଯେ, କିଏ ପାପ କରିବ ଆଉ ଦଣ୍ଡ ଅନ୍ୟ କାହାକୁ ଦିଆଯିବ । କହିବାର ଅଭିପ୍ରାୟ ହେଉଛି ଯେ, ଏହି ସିଦ୍ଧାନ୍ତ ଯାବତୀୟ ଭୁଲର ସମାହାର । ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କୁ ପରିତ୍ୟାଗ କରିବା ଓ ସୃଷ୍ଟିର ପୂଜା କରିବା ବୁଦ୍ଧିମାନମାନଙ୍କର କାର୍ଯ୍ୟ ନୁହେଁ । ସୁତରାଂ ତିନିଗୋଟି ସ୍ଥାୟୀ ଓ ପୂର୍ଣ୍ଣ ସତ୍ତା (ଅର୍ଥାତ ପିତା, ପୁତ୍ର ଓ ପବିତ୍ର ଆତ୍ମା)ଙ୍କୁ ନେଇ ଏକକ ସତ୍ତାର ଆଖ୍ୟା ଦେବା ଯେଉଁମାନଙ୍କର ପ୍ରତାପ ଓ ଶକ୍ତି ସମାନ ରହିଥିବ ଏବଂ ସେହି ତିନିଙ୍କୁ ଯୋଡ଼ି ଦେଇ ଏକ ସମ୍ପୂର୍ଣ୍ଣ ଈଶ୍ୱରର ରୂପ ଦେବା– ଏହା ଏକ ଏପରି ଯୁକ୍ତି ଯାହା ଦୁନିଆରେ କେବଳ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ସହିତ ବିଶେଷ ରୂପେ ଜଡ଼ିତ ରହିଛି । ପୁଣି ବିଡ଼ମ୍ବନା ଏହିକି ଯେ, ଯେଉଁ ଉଦ୍ଦେଶ୍ୟରେ ଏହି ନୂତନ ଯୋଜନା କରାଯାଇଥିଲା ଅର୍ଥାତ ପାପରୁ ମୁକ୍ତି ପାଇବା ଏବଂ ସଂସାରର କୁତ୍ସିତ ଜୀବନରୁ ନିସ୍ତାର ଲାଭ କରିବା, ସେହି ଉଦ୍ଦେଶ୍ୟ ମଧ୍ୟ ହାସଲ ହେଲା ନାହିଁ । ବରଂ କଫାରା (ପ୍ରାୟଶ୍ଚିତ ମତବାଦ) ପୂର୍ବରୁ ଯୀଶୁଙ୍କ ସହଚରମାନଙ୍କର ଯେପରିକି ସ୍ୱଚ୍ଛ ଅବସ୍ଥା ଥିଲା ଏବଂ ସେମାନେ ଦୁନିଆ ଓ ଦୁନିଆର ଟଙ୍କା ପଇସାର କିଛି ବି ହେଲେ ଲାଳସା ରଖୁ ନଥିଲେ ତଥା ସଂସାରର ମଳିନତା ଭିତରେ ଛନ୍ଦି ହୋଇରହି ନଥିଲେ । ସେମାନଙ୍କର ପ୍ରୟାସ ସଂସାର ଅର୍ଜନ କରିବା ନଥିଲା । ଏହି ଧରଣର ମନୋବୃତ୍ତି ପରବର୍ତ୍ତୀ ସମୟରେ ଆସିଥିବା ଲୋକମାନେ ପ୍ରାୟଶ୍ଚିତ ମତବାଦର ପାଳନ କରିବା ପରେ ଆଉ କେଉଁଠି ରହିଲା ? ବିଶେଷତଃ ଏହି ଯୁଗରେ ଯେପରି ମାତ୍ରାରେ ପ୍ରାୟଶ୍ଚିତ ମତବାଦ ଓ ଖୁନେ ମସିହ୍ (ମସିହ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ଖ୍ରୀଷ୍ଟଧର୍ମୀଙ୍କୁ ପାପମୁକ୍ତ କରିଦେଇଛନ୍ତି) ଉପରେ ଜୋର ଦିଆଯାଉଛି । ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସାଂସାରିକ ମୋହମାୟା ଓ ତାହାର ଜଞ୍ଜାଳରେ ବଶୀଭୂତ ହେବା ସେତିକି ଅଧିକ ବଢି ଚାଲିଛି ଏବଂ ସେମାନଙ୍କ ମଧ୍ୟରେ ଅଧିକାଂଶ ଏକ ନିଶାଗ୍ରସ୍ତ ମଦ୍ୟପ ପରି ସାଂସାରିକ

କାର୍ଯ୍ୟରେ ଦିନରାତି ବୁଡ଼ି ରହିଛନ୍ତି । ତେଣୁ ଏହି ସ୍ଥାନରେ ଅନ୍ୟାନ୍ୟ ପାପସବୁ ଯାହାକି ୟୁରୋପରେ ବ୍ୟାପୀ ଚାଲିଛି ବିଶେଷ କରି ମଦ୍ୟପାନ ଓ ବ୍ୟଭିଚାର ବିଷୟରେ କିଛି କହିବାର ଆବଶ୍ୟକତା ନାହିଁ ।

ବର୍ତ୍ତମାନ ମୁଁ ସାଧାରଣ ଜନତାଙ୍କ ସେବାରେ ନିଜର ଦାବିର ପ୍ରମାଣ ସ୍ୱରୂପ କିଛି ବର୍ଣ୍ଣନା କରି ମୋର ଏହି ବକ୍ତବ୍ୟ ଶେଷ କରିବି । ହେ ପ୍ରିୟ ଶ୍ରୋତାଗଣ ! ସତ୍ୟକୁ ଗ୍ରହଣ କରିବା ପାଇଁ ଈଶ୍ୱର ଆପଣ ସୁଜନମାନଙ୍କର ବକ୍ଷକୁ ଉନ୍ମୁକ୍ତ କରିଦିଅନ୍ତୁ ଏବଂ ଆପଣମାନଙ୍କ ପ୍ରତି ସତ୍ୟକୁ ବୁଝିବା ସକାଶେ ଦିବ୍ୟବାଣୀ ପ୍ରକଟିତ କରନ୍ତୁ । ଏହି ବିଷୟ ଆପଣମାନଙ୍କୁ ଜଣାଥିବ ଯେ, ପ୍ରତ୍ୟେକ ନବୀ ଓ ରସୁଲ ତଥା ଈଶ୍ୱର ପ୍ରେରିତ ମହାପୁରୁଷ ଯିଏକି ଲୋକମାନଙ୍କ ସଂସ୍କାର ପାଇଁ ଆସିଥାନ୍ତି । ଯଦିଚ ତାହାଙ୍କର ଆଜ୍ଞା ପାଳନ କରିବା ପାଇଁ ମନୁଷ୍ୟର ବୁଦ୍ଧି ବିବେକ ଅନୁସାରେ ସେତିକି ହିଁ ଯଥେଷ୍ଟ ହୋଇଥାଏ ଯେ ଯାହାକିଛି ସେ କହିଥାନ୍ତି, ସେହି ସତ୍ୟ ବାସ୍ତବରେ ସତ୍ୟ ହୋଇଥିବ ଏବଂ ସେଥିରେ କୌଣସି ପ୍ରକାରର ଧୋକା ଓ ପ୍ରବଞ୍ଚନାର କଥା ରହି ନଥିବ । କାରଣ ସଦ୍‌ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ସତ୍ୟକୁ ଗ୍ରହଣ କରିବା ସକାଶେ କୌଣସି ଅଲୌକିକ ଚମତ୍କାରିତା ଦେଖିବା ଆବଶ୍ୟକ ମନେ କରେ ନାହିଁ । କିନ୍ତୁ ଯେହେତୁ ମାନବ ସ୍ୱଭାବରେ ଏକ ସନ୍ଦେହାତ୍ମକ ପ୍ରବୃତ୍ତି ମଧ୍ୟ ରହିଛି ଯେ ଗୋଟିଏ ଘଟଣା ବାସ୍ତବରେ ଠିକ୍, ସତ୍ୟ ଏବଂ ଯଥାର୍ଥ ହୋଇଥାଏ । ତଥାପି ମଧ୍ୟ ମନୁଷ୍ୟ ମନରେ ଭୁଲ ଆଶଙ୍କା ଉଙ୍କିମାରି ଥାଏ ଯେ, (ଏଥିରେ) କହୁଥିବା ବ୍ୟକ୍ତିର କୌଣସି ବିଶେଷ ସ୍ୱାର୍ଥ ରହିନାହିଁ ତ ! କିମ୍ବା ସେ ଭ୍ରମରେ ପଡ଼ିଯାଇ ନାହିଁ କିମ୍ବା ସେ ପ୍ରତାରଣା କରୁ ନାହିଁ ତ ! ଆଉ କେବେ ତ ସେ ଜଣେ ସାଧାରଣ ବ୍ୟକ୍ତି ହୋଇଥିବା ଯୋଗୁଁ ତାହାର କଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ ଏବଂ ତାକୁ ହେୟ ଜ୍ଞାନ କରି ତାଚ୍ଛଲ୍ୟ ଓ ଉପହାସର ଶରବ୍ୟ କରାଯାଉଛି । ପୁଣି କେବେ ତାମସିକ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ କାମ ଉତ୍ତେଜନା ଏପରି କାୟା ବିସ୍ତାର କରେ ଯେ, ଯଦିଚ ଏହା ବୁଝା ପଡ଼ିଯାଏ ଯେ ଯାହାକିଛି କୁହାଯାଇଛି, ସେସବୁ ସତ୍ୟ । ତଥାପି ମନ ନିଜର ଅପବିତ୍ର ଆବେଗର ଏପରି ବଶବର୍ତ୍ତୀ ହୁଏ ଯେ ସେହି ମାର୍ଗରେ ଚାଲିପାରେ ନାହିଁ, ଯେଉଁ ମାର୍ଗରେ ସଦୁପଦେଶକାରୀ ଚଳାଇବାକୁ ଚାହୁଁଥାଏ । ଅଥବା ସ୍ୱଭାବଗତ ଦୁର୍ବଳତା ପାଦ ଉଠାଇବାରୁ ରୋକି ଦେଇଥାଏ । ଏଥି ସକାଶେ

ଐଶ୍ୱରିକ ଭେଦ ଆବଶ୍ୟକ କଲା ଯେ, ଯେଉଁ ଲୋକମାନେ ତାହାଙ୍କ ନିକଟରୁ ସ୍ୱତନ୍ତ୍ର ରୂପେ ଆସିଥାନ୍ତି, ସେମାନେ ନିଜ ସହିତ ଏପରି କିଛି ଐଶୀ ସମର୍ଥନର ଚିହ୍ନ ମଧ୍ୟ ବହନ କରିଥିବେ ଯାହା କେବେ କୃପାର ବାରିଧି ରୂପରେ ଏବଂ ଆଉ କେବେ ଶାସ୍ତିର କରାଳ ରୂପରେ ପ୍ରକାଶିତ ହେଉଥିବ । ସେହି ମହାପୁରୁଷଗଣ ସେହିସବୁ ଦୈବୀ ଚିହ୍ନ ଯୋଗୁଁ ଈଶ୍ୱରଙ୍କ ତରଫରୁ ବଶୀର୍ (ସୁସମାଚାରଦାତା) ଏବଂ ନଜୀର୍ (ସତର୍କକାରୀ) ବୋଲାନ୍ତି । ମାତ୍ର କରୁଣାର ଚିହ୍ନସବୁରୁ ସେହି ବିଶ୍ୱାସକାରୀମାନେ ଭାଗ ନିଅନ୍ତି, ଯେଉଁମାନେ ଈଶ୍ୱରଙ୍କ ଆଦେଶ ବିରୁଦ୍ଧରେ ଅହଙ୍କାର କରନ୍ତି ନାହିଁ । ସେମାନେ ଈଶ୍ୱର ପ୍ରେରିତମାନଙ୍କୁ ଅନାଦର ଓ ହୀନମାନ ଦୃଷ୍ଟିରେ ଦେଖନ୍ତି ନାହିଁ ଏବଂ ନିଜର ଐଶୀ ପ୍ରତିଭା ବଳରେ ସେମାନଙ୍କୁ ଚିହ୍ନି ନିଅନ୍ତି । ଧର୍ମନିଷ୍ଠତାର ପଥକୁ ଦୃଢତାର ସହିତ ଜାବୁଡ଼ି ଧରି ବହୁତ ଜିଦି କରନ୍ତି ନାହିଁ ଏବଂ ବସ୍ତୁବାଦର ଅହଙ୍କାର ଓ ମିଥ୍ୟା ଗରିମା ଯୋଗୁଁ ପଛକୁ ହଟିଯାଆନ୍ତି ନାହିଁ । ବରଂ ଯେତେବେଳେ ଦେଖନ୍ତି ଅବତାରଙ୍କ ଅନୁସୃତ ପନ୍ଥା ଅନୁଯାୟୀ ଜଣେ ବ୍ୟକ୍ତି ନିଜ ସମୟରେ ଛିଡ଼ା ହୋଇ ଈଶ୍ୱରଙ୍କ ଆଡ଼କୁ ଡ଼ାକରା ଦେଉଛି ଯାହାର ବଚନ ଏପରି ହୋଇଥାଏ ଯେ, ସେମାନଙ୍କ ସ୍ୱଭାବରେ ତାହାକୁ ସ୍ୱୀକାର କରିବା ପାଇଁ ଗୋଟିଏ ମାର୍ଗ ଉନ୍ମୁକ୍ତ ରହିଛି । ତାଙ୍କ ଠାରେ ଐଶୀ ସମର୍ଥନ, ଈଶ୍ୱର ଭୟ ଓ ବିଶ୍ୱସ୍ତତାର ଲକ୍ଷଣ ଦେଖା ଯାଇଥାଏ । ଅବତାରମାନଙ୍କ ଉଚ୍ଚ ସ୍ତରୀୟ ଐଶୀ ପରାକାଷ୍ଠା ଅନୁସାରେ ତାହାର କଥା ଓ କାର୍ଯ୍ୟଶୈଳୀ ଉପରେ କୌଣସି ଆପତ୍ତି ଉଠି ନଥାଏ । ତେଣୁ (ଏହାକୁ ଅବଲୋକନ କରି) ଏପରି ମନୁଷ୍ୟକୁ ଗ୍ରହଣ କରି ନେଇଥାନ୍ତି । ବରଂ କେତେକ ସତ୍‌ପୁରୁଷ ଏପରି ବି ଅଛନ୍ତି ଯେ ଚେହେରାକୁ ଦେଖିବା ମାତ୍ରେ ଚିହ୍ନି ନିଅନ୍ତି ଯେ, ଏହା କଦାପି ଜଣେ ମିଥ୍ୟାବାଦୀ ଓ ଭଣ୍ଡ ପ୍ରତାରକର ଚେହେରା ନୁହେଁ । ସୁତରାଂ ଏପରି ବ୍ୟକ୍ତିମାନଙ୍କ ସକାଶେ କରୁଣାର ଚିହ୍ନ ପ୍ରକଟିତ ହୋଇଥାଏ ଏବଂ ଏହା ଲଗାତାର ଏକ ସତ୍ୟନିଷ୍ଠ ବ୍ୟକ୍ତିଙ୍କ ସଂଗତି ଦ୍ୱାରା ବିଶ୍ୱାସର ଶକ୍ତି ପ୍ରାପ୍ତ କରି ତଥା ପବିତ୍ର ପରିବର୍ତ୍ତନକୁ ଅବଲୋକନ କରି ନିତ୍ୟ ନୂତନ ଐଶୀ ନିଦର୍ଶନମାନଙ୍କୁ ଦେଖୁଥାନ୍ତି । ଅତଃ ସମସ୍ତ ବାସ୍ତବିକତା ତଥା ତତ୍ତ୍ୱଜ୍ଞାନ ଓ ସମସ୍ତ ସାହାଯ୍ୟ ସମର୍ଥନ ଏବଂ ସକଳ ପ୍ରକାରର ଅଦୃଶ୍ୟ ରହସ୍ୟର ଭେଦ ସେମାନଙ୍କ ସପକ୍ଷରେ ନିଦର୍ଶନ ରୂପେ ପ୍ରକଟ ହୋଇଥାଏ । ଏବଂ ସେମାନେ ନିଜର ବିଚକ୍ଷଣ ବୁଦ୍ଧି ବଳରେ ପରମେଶ୍ୱରଙ୍କର ସୂକ୍ଷ୍ମାତି ସୂକ୍ଷ୍ମ ସମର୍ଥନକୁ ସେହି ପ୍ରେରିତଗଣଙ୍କ ସପକ୍ଷରେ ଅନୁଭବ କରି କ୍ଷୁଦ୍ରାତି କ୍ଷୁଦ୍ର

ଦୈବୀ ନିଦର୍ଶନ ସଂକ୍ରାନ୍ତରେ ସୂଚନା ପାଇଯାଆନ୍ତି । କିନ୍ତୁ ସେମାନଙ୍କ ପ୍ରତିପକ୍ଷରେ ସେହି ଲୋକମାନେ ମଧ୍ୟ ଅଛନ୍ତି, ଯେଉଁମାନଙ୍କ ଭାଗ୍ୟରେ କରୁଣାର ନିଦର୍ଶନରୁ ଭାଗ ନେବା ଲେଖା ଯାଇନାହିଁ । ଯେପରିକି ନୂହ୍‌ଙ୍କ ଜାତିକୁ ଜଳରେ ବୁଡାଇ ମାରି ଦିଆଯିବାର ଅଲୌକିକ ଘଟଣା ବ୍ୟତୀତ ଅନ୍ୟ କୌଣସି ପ୍ରକାରର ଚମତ୍କାରିତାରୁ (ସେମାନେ) ଭାଗ ନେଇ ନଥିଲେ । ସେହିପରି ଲୁତ୍‌ଙ୍କ ଜାତି ଏହି ଅଲୌକିକ ଘଟଣା ବ୍ୟତୀତ ଅନ୍ୟ ଚମତ୍କାରିତାରୁ କୌଣସି ଲାଭ ଉଠାଇଲେ ନାହିଁ, ଯେପରିକି ସେମାନଙ୍କ ଉପରେ ବ୍ୟାପକ ବ୍ୟଭିଚାରର କୁପରିଣତି ସ୍ୱରୂପ ସେମାନଙ୍କର ଧରଣୀକୁ ଓଲଟ ପାଲଟ କରି ଦିଆଗଲା ଏବଂ ସେମାନଙ୍କ ଉପରେ ଭୟଙ୍କର ଶିଳା ବୃଷ୍ଟି କରାଗଲା । ସେହି ପ୍ରକାରେ ଈଶ୍ୱର ମୋତେ ଚଳିତ ଯୁଗର ଯୁଗପ୍ରବର୍ତ୍ତକ ରୂପେ ପଠାଇଛନ୍ତି । ମୁଁ ଦେଖୁଛି ଯେ, ଏହି ଯୁଗର ଅଧିକାଂଶ ଲୋକଙ୍କ ସ୍ୱଭାବ ନୂହ୍‌ଙ୍କ ଜାତି ସହିତ ମେଳ ଖାଉଛି । ଅନେକ ବର୍ଷ ବିତି ଗଲାଣି ଯେବେକି ମୋ ସକାଶେ ଆକାଶରେ ଦୁଇଟି ଐଶୀ ଚିହ୍ନ ପ୍ରକାଶିତ ହୋଇଥିଲା, ଯାହା ଅବତାରତ୍ୱ ପରିବାରଙ୍କ କଥନ ବର୍ଣ୍ଣନା ମଧ୍ୟରୁ ଏକ ଭବିଷ୍ୟତ ବାଣୀ ଥିଲା ଏବଂ ତାହା ଏହିକି ଯେ, ଯେତେବେଳ ଅନ୍ତିମ ଯୁଗର ଇମାମ୍ ମେହଦୀ ସଂସାରରେ ପ୍ରକଟ ହେବେ ସେତେବେଳେ ତାହାଙ୍କ ପାଇଁ ଦୁଇଟି ଆକାଶୀୟ ଚିହ୍ନ ଦେଖାଦେବ ଯାହାକି ଆଗରୁ କେବେ କାହା ପାଇଁ ମଧ୍ୟ ପ୍ରକାଶିତ ହୋଇ ନଥିବ । ଅର୍ଥାତ ଆକାଶରେ ରମଜାନ୍ ମାସରେ ଚନ୍ଦ୍ର ଗ୍ରହଣ ଲାଗିବ ଏବଂ ତାହା ଗ୍ରହଣ ଲାଗୁଥିବା ତିଥି ମଧ୍ୟରୁ ପ୍ରଥମ ରାତିରେ ସଂଘଟିତ ହେବ । ସେହି ଦିନମାନଙ୍କରେ ରମଜାନ ମାସରେ ହିଁ ସୂର୍ଯ୍ୟ ପରାଗ ମଧ୍ୟ ହେବ ଏବଂ ସେହି ଗ୍ରହଣ ସୂର୍ଯ୍ୟକୁ ଗ୍ରହଣ ଲାଗୁଥିବା ନିର୍ଦ୍ଦିଷ୍ଟ ଗ୍ରହଣ ଦିବସ ମଧ୍ୟରୁ ମଝି ଦିନରେ ଘଟିବ । ଏହି ଭବିଷ୍ୟତ ବାଣୀ ସୁନ୍ନି ଓ ସିୟାମାନଙ୍କର ସର୍ବମାନ୍ୟ ସିଦ୍ଧାନ୍ତ ଥିଲା ଏବଂ ଲେଖା ଥିଲା ଯେ, ସଂସାର ସୃଷ୍ଟି ହେଲା କାଳରୁ କେବେ ହେଲେ ଏହା ଲୋକଲୋଚନକୁ ଆସି ନାହିଁ ଯେ, ସେହି ଦାବିଦାର ଇମାମ୍ ଉପସ୍ଥିତ ଥିବ ଓ ତାଙ୍କ ଯୁଗରେ ହିଁ ଏହି ଦୁଇଟିଯାକ ଅଲୌକିକ ଓ ଐତିହାସିକ ଘଟଣା ସେହି ପୂର୍ବ ନିର୍ଦ୍ଧାରିତ ତିଥିମାନଙ୍କରେ ସଂଘଟିତ ହେବ । କିନ୍ତୁ କଳି ଯୁଗର ପ୍ରବର୍ତ୍ତକ ଇମାମ୍‌ଙ୍କ କାଳରେ ହିଁ ଏହା ଘଟିବ ଓ ତାଙ୍କରି ସକାଶେ ଏହା ବିଶେଷ ନିଦର୍ଶନ ଉଦ୍ଦିଷ୍ଟ । ଏହି ଭବିଷ୍ୟତ ବାଣୀ ସେହି ଶାସ୍ତ୍ରମାନଙ୍କରେ ଲିପିବଦ୍ଧ ହୋଇ ରହିଥିଲା, ଯାହାକି ଆଜି ଠାରୁ ଏକ ହଜାର ବର୍ଷ ପୂର୍ବେ ଜଗତରେ ପ୍ରକାଶିତ

ହୋଇସାରିଛି । ମାତ୍ର ଯେତେବେଳେ ଏହି ଭବିଷ୍ୟତବାଣୀ ମୋର ଇମାମ୍ ହେବାର ଦାବି କରିବା ସମୟରେ ପ୍ରକଟିତ ହେଲା, ସେତେବେଳେ କେହିହେଲେ ତାହାକୁ ଗ୍ରହଣ କଲେ ନାହିଁ । ଏବଂ ଜଣେ ହେଲେ ବ୍ୟକ୍ତି ମଧ୍ୟ ଏହି ମହାନ ଭବିଷ୍ୟତ ବାଣୀକୁ ଦେଖି ମୋର ଦୀକ୍ଷା ନେଲେ ନାହିଁ, ବରଂ ମୋତେ ଗାଳିଗୁଲଜ କରିବା ଓ ଟାହିଟାପରା କରିବାରେ ବେଶ ଆଗକୁ ବଢିଗଲେ । ମୋର ନାମ ଦଜ୍ଜାଲ୍ (ପ୍ରବଞ୍ଚକ), କାଫିର୍ (ଅବିଶ୍ୱାସକାରୀ) ତଥା କଜ୍ଜାବ୍ (ମିଥ୍ୟାବାଦୀ) ଇତ୍ୟାଦି ରଖିଲେ । ଏହା ଏଥିପାଇଁ ହେଲା ଯେ ଏହି ଭବିଷ୍ୟତବାଣୀ ଦୈବୀ ଶାସ୍ତି ସ୍ୱରୂପ ନଥିଲା, ବରଂ ଐଶୀ କୃପା ବାରିଧି ଯଥାସମୟ ପୂର୍ବରୁ ଏକ ନିଦର୍ଶନ (ସଙ୍କେତ) ଦେଇଥିଲା । କିନ୍ତୁ ଲୋକମାନେ ଏହି ଐଶୀ ଚିହ୍ନରୁ ନିମିତ ମାତ୍ର ଉପକୃତ ହେଲେ ନାହିଁ ଏବଂ ସେମାନଙ୍କ ହୃଦୟରେ କିଛି ବି ହେଲେ ମୋ ପ୍ରତି ଧ୍ୟାନ ଆକର୍ଷିତ ହେଲା ନାହିଁ । ସତେ ଯେପରି ତାହା ନିଦର୍ଶନ ହିଁ ନଥିଲା, ବରଂ ଏକ ବୃଥା ଭବିଷ୍ୟତ ବାଣୀ ଥିଲା, ଯାହାକି (ମୋ ପାଇଁ) କରାଯାଇ ଥିଲା । ତଦୁପରାନ୍ତେ ଯେତେବେଳେ ଅମାନ୍ୟକାରୀମାନଙ୍କ ଦୌରାତ୍ମ୍ୟ ସୀମା ଲଙ୍ଘିଗଲା, ସେତେବେଳେ ଈଶ୍ୱର ଏକ ପ୍ରକୋପିତ ଶାସ୍ତିର ଚିହ୍ନ ପୃଥିବୀ ପୃଷ୍ଠରେ ଦେଖାଇଲେ । ଯେପରିକି ପ୍ରାରମ୍ଭରେ ଅବତାରମାନଙ୍କ ପୁସ୍ତକରେ ଲେଖାଥିଲା ଏବଂ ସେହି ଶାସ୍ତିର ଚିହ୍ନ ହେଉଛି ପ୍ଲେଗ ମହାମାରୀ, ଯାହା କିଛି ବର୍ଷ ହେଲା ଦେଶକୁ ଗ୍ରାସ କରିବାରେ ଲାଗିଛି ତଥା କୌଣସି ମାନବୀୟ କୌଶଳ ଓ ଯୋଜନା ତାହା ଆଗରେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏହି ପ୍ଲେଗର ସୂଚନା ପବିତ୍ର କୁରଆନରେ ସ୍ପଷ୍ଟ ଉକ୍ତିରେ ଉଲ୍ଲେଖ ରହିଛି । ଯେପରିକି ଅଲ୍ଲାଃତାଲା କହିଛନ୍ତି;

وَإِن مِّن قَرْيَةٍ إِلَّا نَحْنُ مُهْلِكُوهَا قَبْلَ يَوْمِ الْقِيٰمَةِ أَوْ مُعَذِّبُوهَا عَذَابًا شَدِيدًا

ଓ୍ୱଇମ୍ମିନ୍ କରିୟତିନ୍ ଇଲ୍ଲା ନହ୍‌ନୁ ମୁହଲିକୁହା କବ୍‌ଲା ୟୋମିଲ୍ କିୟାମତି ଔ ମୁଅଜ୍‌ଜିବୁହା ଅଜାବନ୍ ଶଦୀଦା (ବନି ଇସ୍ରାଇଲ 17: 59) ଅର୍ଥାତ ପ୍ରଳୟ ଦିବସର କିଛି ଦିନ ପୂର୍ବରୁ ବହୁତ ଭୟଙ୍କର ମଡ଼କ (ପ୍ଲେଗ ମହାମାରୀ) ପଡ଼ିବ ଏବଂ ଏହାର ପ୍ରଭାବରେ ଅନେକ ଗ୍ରାମ ସମ୍ପୂର୍ଣ୍ଣ ରୂପେ ନିପାତ ହୋଇଯିବ ତଥା କିଛି ଲୋକ ଉଣା ଅଧିକ ଶାସ୍ତି ଭୋଗ କଲା ପରେ ବଞ୍ଚି ରହିବେ । ସେହିପରି ଅନ୍ୟ ଏକ ଆୟତ୍‌ରେ ଈଶ୍ୱର କହିଛନ୍ତି ଯାହାର ଅନୁବାଦ ଏହିପରି "ଯେବେ କୟାମତ୍

ନିକଟତର ହେବ, ଆମ୍ଭେ ଭୂମି ମଧ୍ୟରୁ ଏକ କୀଟ ବାହାର କରିବୁ, ଯାହା ଲୋକମାନଙ୍କୁ ଦଂଶନ କରିବ। କାରଣ ସେମାନେ ଆମ୍ଭ ନିଦର୍ଶନକୁ ସ୍ୱୀକାର କଲେ ନାହିଁ। ଏହି ଦୁଇଟିଯାକ ଆୟତ୍ ପବିତ୍ର କୁରଆନରେ ଉଲ୍ଲେଖ ରହିଛି, ଯାହା ସ୍ପଷ୍ଟ ରୂପେ ପ୍ଲେଗ ସମ୍ବନ୍ଧୀୟ ଭବିଷ୍ୟତ ବାଣୀ। କାରଣ ପ୍ଲେଗ ମଧ୍ୟ ଏକ କୀଟ, ଯଦିଚ ପୂର୍ବରୁ ଚିକିତ୍ସକମାନଙ୍କୁ ଏହି କୀଟ ବିଷୟରେ ଜଣା ନଥିଲା। କିନ୍ତୁ ଈଶ୍ୱର ଯେକି ସର୍ବଜ୍ଞ, ସେ ଜାଣିଥିଲେ ଯେ, ପ୍ଲେଗର ଅସଲ ମୂଳ ସେହି କୀଟ ଯାହା ଭୂମି ମଧ୍ୟରୁ ବାହାରେ। ସେଥିପାଇଁ ତାହାର ନାମ ସେ (ପ୍ରଭୁ) ଦା'ବତୁଲ୍ ଅର୍ଜ ରଖିଲେ ଅର୍ଥାତ ଭୂମିର କୀଟ। ଅତଃ ଯେତେବେଳେ ଶାସ୍ତିର ଲକ୍ଷଣ ଦେଖାଦେଲା ଏବଂ ପଞ୍ଜାବ ପ୍ରଦେଶରେ ହଜାର ହଜାର ଲୋକଙ୍କର ଜୀବନ ଚାଲିଗଲା ତଥା ଏହି ଦେଶରେ ଏକ ଭୟଙ୍କର ଭୂମିକମ୍ପ ଆସିଲା, ତା'ପରେ କେତେକ ଲୋକଙ୍କର ଚେତା ପଶିଲା। ଏବଂ କିଛି ସମୟ ମଧ୍ୟରେ ପାଖାପାଖି ଦୁଇ ଲକ୍ଷ ଲୋକ ମୋ ଠାରୁ ଦୀକ୍ଷା ଗ୍ରହଣ କଲେ ଓ ଏବେ ବି ଜୋରସୋରରେ ବୈଅତ୍ (ଦୀକ୍ଷା) ଗ୍ରହଣ ଚାଲିଛି। ଯେହେତୁ ପ୍ଲେଗ ରୋଗ ନିଜର ଆକ୍ରମଣ ବନ୍ଦ କରିନାହିଁ ଏବଂ ଯଦ୍ୟପି ତାହା ଦୈବୀ ଚିହ୍ନ ରୂପରେ ଆସିଛି, ସେଥିପାଇଁ ଯେପର୍ଯ୍ୟନ୍ତ ଅଧିକାଂଶ ଲୋକ ନିଜ ମଧ୍ୟରେ କେତେକ ପରିବର୍ତ୍ତନ ସୃଷ୍ଟି କରିବେ ନାହିଁ, ସେପର୍ଯ୍ୟନ୍ତ ଆଶା ନାହିଁ ଯେ, ଏହି ରୋଗ ଏହି ଦେଶରୁ ଦୂର ହୋଇପାରିବ। କାରଣ ଏହି ଧରଣୀ ସହିତ ନୂହ୍ (ଅବତାର)ଙ୍କ ଧରଣୀର ଯଥେଷ୍ଟ ସାଦୃଶ୍ୟ ରହିଛି। ଯେପରିକି ଆକାଶର ନିଦର୍ଶନକୁ ଦେଖି ତ କେହି ବିଶ୍ୱାସ ସ୍ଥାପନ କଲେ ନାହିଁ, ଅଥଚ ଦୈବୀ ଦଣ୍ଡକୁ ଦେଖି ହଜାର ହଜାର ସଂଖ୍ୟାରେ (ଲୋକେ ମୋର) ଦୀକ୍ଷାରେ ଅନ୍ତର୍ଭୁକ୍ତ ହେଲେ। ପୂର୍ବବର୍ତ୍ତୀ ଅବତାରଗଣ ମଧ୍ୟ ଏହି ପ୍ଲେଗର ଚିହ୍ନକୁ ବର୍ଣ୍ଣନା କରିଛନ୍ତି। ଇଞ୍ଜିଲ୍ (ବାଇବେଲ୍) ରେ ମଧ୍ୟ ପ୍ରତିଶ୍ରୁତ ମସିହଙ୍କ ସମୟରେ ମଡ଼କ ପଡ଼ିବା ବିଷୟରେ ବର୍ଣ୍ଣିତ ଅଛି ତଥା ଯୁଦ୍ଧ ଓ ରକ୍ତପାତ ହେବା କଥାର ମଧ୍ୟ ଉଲ୍ଲେଖ ଅଛି, ଯାହା ଏବେ ଘଟୁଅଛି।

ସୁତରାଂ ହେ ମୁସଲମାନମାନେ! ଅନୁତାପ କର, ତୁମେମାନେ ଦେଖୁଛ ଯେ, ପ୍ରତିବର୍ଷ ତୁମମାନଙ୍କ ପ୍ରିୟଜନଙ୍କୁ ଏହି ପ୍ଲେଗ ମହାମାରୀ ତୁମ ଠାରୁ ଛଡ଼ାଇ ନେଇଯାଉଛି। ପ୍ରଭୁଙ୍କ ଆଗରେ ନିଜର ମୁଣ୍ଡ ନୁଆଁଇ ଦିଅ ଯଦ୍ଦ୍ୱାରା କି ସେ ବି ତୁମମାନଙ୍କ ପ୍ରତି ଢଳିବେ ଏବଂ ଏବେ ଜଣାନାହିଁ ଯେ, କେତେ କାଳ ପ୍ଲେଗର

ବିଭୀଷିକା ଅବ୍ୟାହତ ରହିବ ଓ ଆଗକୁ କ'ଣ ଘଟିବାର ଅଛି । ମୋର ଦାବି ସମ୍ବନ୍ଧରେ ଯଦି ସନ୍ଦେହ ହେଉଛି ତଥା ସତ୍ୟତାର ଅନ୍ୱେଷଣ ମଧ୍ୟ କରୁଛ, ତେବେ ଏହି ସନ୍ଦେହ ଦୂରୀଭୂତ ହେବା ଅତି ସହଜ । କାରଣ ପ୍ରତ୍ୟେକ ଅବତାରଙ୍କ ସତ୍ୟତା ତିନୋଟି ଉପାୟରେ ଜଣା ପଡ଼ିଥାଏ ।

**ପ୍ରଥମତଃ-** ବୁଦ୍ଧି ପ୍ରୟୋଗ ଦ୍ୱାରା ଅର୍ଥାତ ଦେଖିବାକୁ ହେବ ଯେ, ଯେଉଁ ସମୟରେ ସେହି ଅବତାର କିମ୍ବା ବାର୍ତ୍ତାବହ ଆସିଛନ୍ତି, ନିଜର ସଦ୍‌ବୁଦ୍ଧି ଏହା ସାକ୍ଷୀ ଦେଉଛି କି ନାହିଁ ଯେ, ବର୍ତ୍ତମାନ ସମୟରେ ତାଙ୍କ ଆଗମନର ଆବଶ୍ୟକତା ଥିଲା କି ନାହିଁ । ଏବଂ ମନୁଷ୍ୟର ସାମ୍ପ୍ରତିକ ପରିସ୍ଥିତି ଏହା ଆବଶ୍ୟକ କରୁଥିଲା କି ନାହିଁ ଯେ, ଏପରି ସମୟରେ କୌଣସି ସଂସ୍କାରକ ଜନ୍ମଗ୍ରହଣ କରନ୍ତୁ ?

**ଦ୍ୱିତୀୟତଃ-** ପୂର୍ବବର୍ତ୍ତୀ ଅବତାରମାନଙ୍କ ଭବିଷ୍ୟତ ବାଣୀ ଅର୍ଥାତ ଏହା ଦେଖିବାକୁ ହେବ ଯେ, ପୂର୍ବରୁ କୌଣସି ଅବତାର ତାଙ୍କ ସପକ୍ଷରେ କିମ୍ବା ତାଙ୍କ ଯୁଗରେ କାହାର ଆବିର୍ଭାବ ହେବା ସଂକ୍ରାନ୍ତରେ ଭବିଷ୍ୟତ ବାଣୀ କରିଛନ୍ତି କି ନାହିଁ ?

**ତୃତୀୟତଃ-** ଐଶୀ ସହାୟତା ଓ ଆକାଶୀୟ ସମର୍ଥନ ଅର୍ଥାତ ଦେଖିବାର ଅଛି ଯେ, ତାଙ୍କ ସମର୍ଥନରେ କୌଣସି ଆକାଶୀୟ ସହାୟତା ରହିଛି କି ନାହିଁ ।

ଉପରୋକ୍ତ ତିନୋଟିଯାକ ଲକ୍ଷଣ ଅଲ୍ଲାଃଙ୍କ ସତ୍ୟାବାଦୀ ପ୍ରେରିତ ଅବାତାରଙ୍କ ଚିହ୍ନିବା ସକାଶେ ଚିରକାଳରୁ ନିର୍ଦ୍ଧାରିତ କରାଯାଇଛି । ଏବେ ହେ ବନ୍ଧୁଗଣ ! ଈଶ୍ୱର ତୁମମାନଙ୍କ ଉପରେ କୃପା କରି ଏହି ତିନୋଟିଯାକ ଲକ୍ଷଣ ମୋର ସତ୍ୟତା ପ୍ରତିପାଦିତ କରିବା ସକାଶେ ଗୋଟିଏ ସ୍ଥାନରେ ଠୁଳ କରି ଦେଇଛନ୍ତି । ସମ୍ପ୍ରତି ତୁମମାନଙ୍କର ଇଚ୍ଛା, ଏହାକୁ (ତୁମେ) ଗ୍ରହଣ କର ବା ନକର । ଯଦି ବୁଦ୍ଧି ଦ୍ୱାରା ଦୃଷ୍ଟି ପକାଅ, ତା'ହେଲେ ବିବେକ ପଣିଆ ଗୁହାରି କରୁଛି ଓ ରୋଦନ କରୁଛି ଯେ, ମୁସଲମାନଙ୍କୁ ବର୍ତ୍ତମାନ ସମୟରେ ଜଣେ ଆକାଶୀୟ ସୁଧାରକଙ୍କର ଆବଶ୍ୟକତା ରହିଛି । କାରଣ ସେମାନଙ୍କ ଆଭ୍ୟନ୍ତରୀଣ ଓ ବାହ୍ୟ ଅବସ୍ଥା ଉଭୟ ଅତି ଶୋଚନୀୟ ଏବଂ ମୁସଲମାନମାନେ ଯେପରିକି ଏକ ଗର୍ତ୍ତ ମୁହାଣରେ ଛିଡା ହୋଇଛନ୍ତି କିମ୍ବା ଏକ ବନ୍ୟା ଘେର ଭିତରେ ଫସି ଯାଇଛନ୍ତି । ଯଦି ପୂର୍ବର ଭବିଷ୍ୟତ ବାଣୀଗୁଡ଼ିକର ସନ୍ଧାନ କରିବ, ତା'ହେଲେ ଦାନିୟାଲ୍ ନବୀ ମଧ୍ୟ

ମୋ ସମ୍ବନ୍ଧରେ ଓ ମୋର ଏହି ଯୁଗ ସମ୍ବନ୍ଧରେ ଭବିଷ୍ୟତ ବାଣୀ କରିଛନ୍ତି ଏବଂ ହଜରତ ମୁହମ୍ମଦ[ସ.ଅ] ମଧ୍ୟ କହିଛନ୍ତି ଯେ, ଏହି ସମ୍ପ୍ରଦାୟରେ ମସିହ ମଉଦ୍ ଜନ୍ମ ଲାଭ କରିବ । ଯଦି କାହାରିକୁ ଏକଥା ଜଣାନାହିଁ, ତା'ହେଲେ ସହି ବୁଖାରି ଓ ସହି ମୁସଲିମ୍ ହଦିସ୍ ଗ୍ରନ୍ଥକୁ ଦେଖିନିଅ । ତତ୍‌ସହିତ ଶତାବ୍ଦୀର ପ୍ରାରମ୍ଭରେ ମୁଜଦ୍ଦିଦ୍ (ସଂସ୍କାରକ) ମାନଙ୍କ ଆଗମନ ସମ୍ବନ୍ଧରେ ରହିଥିବା ଭବିଷ୍ୟତ ବାଣୀ ମଧ୍ୟ ପଢିନିଅ । ଯଦି ମୋ ସମ୍ବନ୍ଧରେ ଐଶ୍ୱରିକ ସହାୟତାର ସନ୍ଧାନ କରିବାକୁ ଚାହୁଁଛ, ତା'ହେଲେ ମନେରଖ ଯେ ଏବେ ସୁଦ୍ଧା ହଜାର ହଜାର ନିଦର୍ଶନ ପ୍ରକଟିତ ହୋଇସାରିଛି ।

ଉପରୋକ୍ତ ପ୍ରସଙ୍ଗ ବ୍ୟତୀତ ସେହି ଦୈବୀ ନିଦର୍ଶନମାନ ମଧ୍ୟ ରହିଛି, ଯାହା ଆଜି ଠାରୁ ୨୪ ବର୍ଷ ପୂର୍ବରୁ 'ବରାହିନେ ଅହମଦୀୟା' (ପୁସ୍ତକ)ରେ ଉଲ୍ଲେଖ କରାଗଲା ଏବଂ ତାହା ସେ ସମୟରେ ଲେଖା ଯାଇଥିଲା, ଯେବେକି ଜଣେ ହେଲେ ବ୍ୟକ୍ତି ମଧ୍ୟ ମୋ ଠାରୁ ଦୀକ୍ଷା ଗ୍ରହଣ କରି ନଥିଲା ଏବଂ ନା କେହି ମୋ ନିକଟକୁ ଯାତ୍ରା କରି ଆସୁଥିଲା । ତେବେ ସେହି ନିଦର୍ଶନ ହେଉଛି ଯେ ଅଲ୍ଲାଃତାଲା କହୁଛନ୍ତି;

ୟାତିକା ମିନ୍‌କୁଲ୍ଲି ଫଜ୍‌ଜିନ୍ ଅମୀକ୍ ୟାତୂନା ମିନ୍‌କୁଲ୍ଲି ଫଜ୍‌ଜିନ୍ ଅମୀକ୍

ଅର୍ଥାତ "ସେହି ସମୟ ଆସୁଛି ଯେ, ଆର୍ଥିକ ସହାୟତା ଚତୁର୍ଦ୍ଦିଗରୁ ତୁମ ପାଖରେ (ଆସି) ପହଞ୍ଚିବ ଏବଂ ହଜାର ହଜାର ସଂଖ୍ୟାରେ ଲୋକ ତୁମ ନିକଟକୁ ଆସିବେ ।" ପୁନଶ୍ଚ କହିଛନ୍ତି; ଓ୍ୱଲା ତୁସୈଷ୍ୱିର୍ ଲି ଖଲ୍‌କିଲ୍ଲାହୀ ଓ୍ୱଲା ତୁସ୍‌ଅମୁ ମିନନ୍ନାସ୍ ଅର୍ଥାତ "ଏତେ ସଂଖ୍ୟାରେ ଲୋକମାନେ ଆସିବେ ଯେ ତୁମେ ସେମାନଙ୍କ ଆଧିକ୍ୟକୁ ଦେଖି ଆଚମ୍ବିତ ହୋଇଯିବ । କିନ୍ତୁ ତୁମେ ସେମାନଙ୍କ ସହିତ ବିତୃଷ୍ଣା ଭାବ ପ୍ରକଟ କରିବ ନାହିଁ ଏବଂ ନା ସେମାନଙ୍କୁ ସାକ୍ଷାତ କରିବାରେ ତୁମକୁ ଥକି ପଡିବା ଉଚିତ୍ ।"

ସୁତରାଂ ହେ ପ୍ରିୟଜନ ! ଯଦିଚ ଆପଣମାନଙ୍କୁ ଏହି ଖବର ଜଣା ନାହିଁ ଯେ, କାଦିୟାନରେ ମୋ ନିକଟକୁ କେତେ ଲୋକ ଆସିଛନ୍ତି ଏବଂ କେତେ ସ୍ୱଷ୍ଟ ରୂପେ ସେହି ଭବିଷ୍ୟତ ବାଣୀ ପୂରଣ ହେଲା, କିନ୍ତୁ ଏହି ସହରରେ ଆପଣମାନେ ଦେଖିଥିବେ ଯେ, ମୋର ଏଠାକୁ ଆସିବା ଦ୍ୱାରା ମୋତେ ଦେଖିବା ପାଇଁ ଏହି ସହରର ବାସିନ୍ଦା ହିଁ ରେଳ ଷ୍ଟେସନରେ ରୁଣ୍ଡ ହୋଇ ଯାଇଥିଲେ ଏବଂ ଏହି

ସହରରେ ଶହ ଶହ ପୁରୁଷ ଓ ମହିଳାମାନେ ମୋର ଦୀକ୍ଷା ଗ୍ରହଣ କଲେ । ମୁଁ ସେହି ବ୍ୟକ୍ତି, ଯିଏକି 'ବରାହିନେ ଅହମଦୀୟା' ରଚନା କାଳର ପ୍ରାୟ ସାତ ଆଠ ବର୍ଷ ପୂର୍ବେ ଏହି ସହରରେ ପାଖାପାଖି ସାତ ବର୍ଷ ରହି ସାରିଛି ଏବଂ ସେହି ସମୟରେ କାହାର ମୋ ସହିତ ସମ୍ପର୍କ ନଥିଲା, ନା କେହି ମୋ ବିଷୟରେ ଅବଗତ ଥିଲେ । ସୁତରାଂ ବର୍ତ୍ତମାନ ଟିକିଏ ଚିନ୍ତା କର ଓ ଅନୁଧ୍ୟାନ କର ଯେ, ମୋର ସ୍ୱରଚିତ ପୁସ୍ତକ 'ବରାହିନେ ଅହମଦୀୟା'ରେ ମୋର ଏହି ଖ୍ୟାତି ଓ ଲୋକମାନଙ୍କର ମୋ ପ୍ରତି ଆକର୍ଷଣର ୨୪ ବର୍ଷ ପୂର୍ବରୁ ମୋ ସମ୍ବନ୍ଧରେ ଏପରି ସମୟରେ ଭବିଷ୍ୟତ ବାଣୀ କରାଯାଇ ଥିଲା, ଯେବେକି ମୁଁ ଲୋକମାନଙ୍କ ଦୃଷ୍ଟିରେ କୌଣସି ହିସାବରେ ଗଣା ନଥିଲି । ପ୍ରାୟ 'ବରାହିନେ ଅହମଦୀୟା'ର ରଚନା କାଳରେ ଏହି ସହରରେ ପାଖାପାଖି ସାତବର୍ଷ ବିତାଇ ସାରିଛି । ତଥାପି ଆପଣମାନଙ୍କ ମଧ୍ୟରେ ବହୁତ କମ୍ ଲୋକ ଥିବେ, ଯେଉଁମାନେ ମୋ ସହିତ ପରିଚିତ ଥିବେ । କାରଣ ମୁଁ ସେତେବେଳେ ଏକ ଅଜ୍ଞାତ ବ୍ୟକ୍ତି ଥିଲି ତଥା "ଅହଦୁମ୍ ମିନନ୍ନାସ୍" ଅତି ମାମୁଲି ଓ ସାଧାରଣ ଥିଲି ଏବଂ ଲୋକମାନଙ୍କ ଦୃଷ୍ଟିରେ ମୋର କୌଣସି ମାନସମ୍ମାନ ନଥିଲା । ମାତ୍ର ସେହି ଯୁଗ ମୋ ସକାଶେ ବହୁତ ଉତ୍ତମ ଥିଲା ଯେ, ମୁଁ ଏକାନ୍ତ ବାସରେ ରହୁଥିଲି ଏବଂ ସଂସାରର ଭିଡ଼ ମଧ୍ୟରେ ଏକାକୀ ଥିଲି । ସହରରେ ଏପରି ରହୁଥିଲି, ଯେପରିକି ଜଣେ ବ୍ୟକ୍ତି ଜଙ୍ଗଲରେ ରହିଥାଏ । ମୋତେ ଏହି ଭୂମି (ସହର) ସହିତ ଏପରି ପ୍ରେମ ରହିଛି, ଯେପରି କାଦିୟାନ ସହିତ । କାରଣ ମୁଁ ନିଜ ଜୀବନର ପ୍ରାରମ୍ଭିକ କାଳର ଏକ ଅଂଶ ଏଠାରେ ଅତିବାହିତ କରିସାରିଛି ଏବଂ ଏହି ସହରର ଗଳି କନ୍ଦିରେ ବହୁତ ବୁଲି ସାରିଛି । ମୋର ତତ୍କାଳୀନ ବନ୍ଧୁ ତଥା ଶୁଭଚିନ୍ତକ ଏହି ସହରର ବୟୋଜ୍ୟେଷ୍ଠ ଅର୍ଥାତ ହକିମ ହିସାମୁଦ୍ଦିନ୍ ସାହେବ ଯାହାଙ୍କୁ ସେ ସମୟରେ ମଧ୍ୟ ମୋ ସହିତ ଅତ୍ୟଧିକ ପ୍ରେମ ରହିଥିଲା । ସେ ସାକ୍ଷୀ ଦେଇପାରନ୍ତି ଯେ, ତାହା କିପରି ଯୁଗ ଥିଲା ଏବଂ କିପରି ଅଜ୍ଞାତର ଗହ୍ୱର ମଧ୍ୟରେ ମୋର ଅସ୍ତିତ୍ୱ ଥିଲା । ବର୍ତ୍ତମାନ ମୁଁ ଆପଣମାନଙ୍କୁ ପଚାରୁଛି ଯେ, ଏପରି ଯୁଗରେ ଏଭଳି ମହାନ ଭବିଷ୍ୟତ ବାଣୀ କରିବା ଯାହାକି ଅନ୍ତତଃ ମୋ ଭଳି ଜଣେ ଅନାମଧେୟ ବ୍ୟକ୍ତି ପକ୍ଷେ (ଅଭ୍ୟୁଦୟ ହେବ) ଯେ, ଲକ୍ଷ ଲକ୍ଷ ଲୋକ ମୋର ଅନୁଗାମୀ ହେବେ ଓ ମୋର ଶିଷତ୍ୱ ଗ୍ରହଣ କରିବେ ଏବଂ ସୈନ୍ୟସାମନ୍ତଙ୍କ ପରି ଦଳ ଦଳ ଶ୍ରଦ୍ଧାଳୁ ମୋର ଦୀକ୍ଷା ନେବେ । ଶତ୍ରୁମାନଙ୍କର ପ୍ରବଳ ବିରୁଦ୍ଧାଚରଣ

ସତ୍ତ୍ୱେ ସେମାନଙ୍କର ମୋ ଆଡ଼କୁ ଆଗମନ କରିବାରେ କୌଣସି ଫରକ ପଡ଼ିବ ନାହିଁ । ବରଂ ଲୋକମାନଙ୍କ ବହୁଳତା ଏପରି ଅଧିକ ହେବ ଯେ, ସେହି ଲୋକମାନେ ପ୍ରାୟ (ମୋତେ କ୍ଲାନ୍ତ ଅବିଶ୍ରାନ୍ତ) କରି ଥକାଇ ଦେବେ ତେବେ କ'ଣ ଏହା ମନୁଷ୍ୟର ଅକ୍ତିଆରରେ ଅଛି ? ଏବଂ କ'ଣ ଏପରି ଭବିଷ୍ୟତ ବାଣୀ କୌଣସି ଭଣ୍ଡ ପ୍ରତାରକ କରିପାରେ ଯେ, ଚବିଶ ବର୍ଷ ପୂର୍ବେ ଏକାନ୍ତ ଓ ଅସହାୟ ଯୁଗରେ ମୋର ଏହି ଉତ୍‌ଥାନ ଓ ଲୋକମାନଙ୍କର ମୋ ନିକଟକୁ ଆସିବାର ସୂଚନା ଦେବ ? ପୁସ୍ତକ 'ବରାହିନେ ଅହମଦୀୟା' ଯହିଁରେ ଏହି ଭବିଷ୍ୟତ ବାଣୀ ରହିଛି, କୌଣସି ଅଜଣା ପୁସ୍ତକ ନୁହେଁ । ବରଂ ତାହା ଏହି ଦେଶରେ ମୁସଲମାନ, ଖ୍ରୀଷ୍ଟିୟାନ ଓ ଆର୍ଯ୍ୟ ସମାଜୀଙ୍କ ପାଖରେ ରହିଛି ଏବଂ (ତାହା) ପ୍ରଶାସନ ନିକଟରେ ମଧ୍ୟ ବିଦ୍ୟମାନ । ଯଦି କୌଣସି ବ୍ୟକ୍ତି ଏହି ମହାନ ନିଦର୍ଶନ ପ୍ରତି ସନ୍ଦେହ (ପ୍ରକଟ) କରେ, ତା'କୁ ସଂସାରରେ ଏହାର ଦୃଷ୍ଟାନ୍ତ ଦେଖାଇବା ଉଚିତ୍ । ଏତଦ୍ ବ୍ୟତୀତ ବହୁଳ ଭାବେ ନିଦର୍ଶନ ରହିଛି, ଯେଉଁ ବିଷୟରେ ଏହି ଦେଶବାସୀ ସୂଚିତ ଅଛନ୍ତି ।

କେତେକ ନିର୍ବୋଧ (ଲୋକ) ଯେଉଁମାନଙ୍କ ପକ୍ଷେ ସତ୍ୟକୁ ଗ୍ରହଣ କରିବା ହିଁ ସ୍ୱୀକାର୍ଯ୍ୟ ନୁହେଁ, ସେମାନେ ପ୍ରମାଣସିଦ୍ଧ ଦୈବୀ ଚିହ୍ନମାନଙ୍କରୁ କିଛି ବି ହେଲେ ଲାଭ ଉଠାନ୍ତି ନାହିଁ ଏବଂ ଅଭଦ୍ର ସମାଲୋଚନା କରିବା ଦ୍ୱାରା ଖସିଯିବାର ବାହାନା ଖୋଜନ୍ତି । ଆଉ ଗୋଟିଏ କି ଦୁଇଟି ଭବିଷ୍ୟତ ବାଣୀ ଉପରେ ଅଭିଯୋଗ କରି ଅବଶିଷ୍ଟ ହଜାର ହଜାର ଭବିଷ୍ୟତ ବାଣୀ ତଥା ସ୍ୱଷ୍ଟ ନିଦର୍ଶନମାନଙ୍କ ଉପରେ ଧୂଳି ପକାଇ ଦିଅନ୍ତି । ଘୋର ପରିତାପର ବିଷୟ ଯେ, ସେମାନେ ମିଥ୍ୟା କହିବା ବେଳେ କାଣିଚାଏ ହେଲେ ବି ଈଶ୍ୱରଙ୍କୁ ଭୟ କରନ୍ତି ନାହିଁ ଏବଂ ପ୍ରତ୍ୟାଖ୍ୟାନ କରିବା ସମୟରେ ପରକାଳରେ (ହିସାବ ଦେବା) କଥାକୁ ମନେ ପକାନ୍ତି ନାହିଁ । ମୁଁ ଏହା ଆବଶ୍ୟକ ମଣୁ ନାହିଁ ଯେ, ସେମାନଙ୍କ ମିଥ୍ୟାରୋପର ସବିସ୍ତାର ବର୍ଣ୍ଣନା କରି ସେମାନଙ୍କର ସମସ୍ତ ଦୁରାବସ୍ଥା ଶୁଣାଇବି । ଯଦି ସେମାନଙ୍କ ଠାରେ ଧର୍ମନିଷ୍ଠତା ଥା'ନ୍ତା, ଯଦି ସେମାନେ କାଣିଚାଏ ହେଲେ ଈଶ୍ୱରଙ୍କୁ ଭୟ କରୁ ଥାଆନ୍ତେ, ତେବେ ଈଶ୍ୱରଙ୍କ ଚିହ୍ନକୁ ମିଥ୍ୟା ବୋଲି କହିବାରେ ତତ୍ପରତା (ପ୍ରଦର୍ଶନ) କରି ନଥାନ୍ତେ । ଆଉ ଯଦି ଏହା ମାନି ବି ନିଆଯାଏ ଯେ, କୌଣସି ଚିହ୍ନ ବିଷୟରେ ସେମାନେ ବୁଝିବାକୁ ଅକ୍ଷମ ଥିଲେ, ତା'ହେଲେ ମାନବିକତା ଦୃଷ୍ଟିରୁ ନମ୍ରତା ପୂର୍ବକ ତାହାର

ବାସ୍ତବିକତା ମୋ ଠାରୁ ପଚାରି ବୁଝି ନିଅନ୍ତେ । ସେମାନଙ୍କର ଏକ ବଡ଼ ଅଭିଯୋଗ ହେଉଛି ଯେ, ଆଥମ୍ (ଖ୍ରୀଷ୍ଟଧର୍ମ ପାଦ୍ରୀ) ସମୟ ସୀମା ଭିତରେ ମୃତ୍ୟୁବରଣ କଲା ନାହିଁ । ଏବଂ ଅହମଦ୍ ବେଗ୍ ଯଦିଓ ଭବିଷ୍ୟତ ବାଣୀ ଅନୁଯାୟୀ ମରିଗଲା, କିନ୍ତୁ ଏହି ଭବିଷ୍ୟତ ବାଣୀରେ ସଂଶ୍ଲିଷ୍ଟ ତାହାର ଜ୍ୱାଇଁ ମଲା ନାହିଁ । ଏହା ସେହି ଲୋକମାନଙ୍କ ଧର୍ମନିଷ୍ଠତା ଯେ, ହଜାର ହଜାର ପ୍ରମାଣସିଦ୍ଧ ନିଦର୍ଶନମାନଙ୍କ ବିଷୟରେ ତ ଆଲୋଚନା କରନ୍ତି ନାହିଁ । ଅଥଚ ଗୋଟିଏ କି ଦୁଇଟି ଭବିଷ୍ୟତ ବାଣୀ ଯାହା ସେମାନେ ବୁଝିପାରି ନାହାନ୍ତି ବାରମ୍ବାର ତାହାର ଆଲୋଚନା କରୁଛନ୍ତି । ଏପରିକି ପ୍ରତ୍ୟେକ ଜନ ସମାବେଶରେ ହଟ୍ଟଗୋଳ ସୃଷ୍ଟି କରୁଛନ୍ତି । ଯଦି ଈଶ୍ୱରଙ୍କ ଡ଼ର ମନରେ ଥାଆନ୍ତା, ତେବେ ପ୍ରମାଣସିଦ୍ଧ ଦୈବୀ ଚିହ୍ନ ଓ ଭବିଷ୍ୟତ ବାଣୀରୁ ସେମାନେ ଲାଭ ଉଠାଇ ଥା'ନ୍ତେ । ଏହି ଆଚରଣ ସତ୍‌ପଥଗାମୀ ମନୁଷ୍ୟର ନୁହେଁ ଯେ, ସୁସ୍ପଷ୍ଟ (ଦୈବୀ) ଚମତ୍କାରୀତାରୁ ମୁହଁ ଫେରାଇନେବ ଏବଂ ଯଦି କୌଣସି ସୂକ୍ଷ୍ମ ବିଷୟ ହୋଇଥିବ, ତେବେ ତାହା ଉପରେ ଆପତ୍ତି ବାଢ଼ି ଦେବ । ଏପରି ହେଲେ ତ ସମସ୍ତ ଅବତାରଙ୍କ ଉପରେ ଆରୋପ ଲଗାଇବାର ଦ୍ୱାର ଖୋଲିଯିବ ଏବଂ ପରିଶେଷରେ ଏପରି ସ୍ୱଭାବର ଲୋକମାନଙ୍କୁ ସେ ସବୁଥିରୁ ହାତ ଧୋଇବାକୁ ପଡିବ । ଉଦାହରଣ ସ୍ୱରୂପ, ହଜରତ ଯୀଶୁ ମସିହ [ଅ.ସ]ଙ୍କର ଅସାଧାରଣ ଓ ଚମତ୍କାରୀ ହେବାରେ କ'ଣ ବା ପ୍ରମାଣ ଅଛି ? କିନ୍ତୁ ଜଣେ ଦୁଷ୍ଟ ସ୍ୱଭାବୀ ବିରୋଧୀ କହିପାରେ ଯେ, ତାଙ୍କର କେତେକ ଭବିଷ୍ୟତ ବାଣୀ ମିଥ୍ୟା ସାବ୍ୟସ୍ତ ହେଲା, ଅର୍ଥାତ ପୂରଣ ହେଲା ନାହିଁ ଯେପରିକି ଏପର୍ଯ୍ୟନ୍ତ ଇହୁଦିମାନେ କହୁଛନ୍ତି ଯେ, ଯୀଶୁ ମସିହ୍‌ଙ୍କର କୌଣସି ଭବିଷ୍ୟତ ବାଣୀ ମଧ୍ୟ ପୂରଣ ହୋଇନାହିଁ । ସେ କହିଥିଲେ ଯେ, ମୋର ବାର ଜଣ ଅନୁଚର ବୈକୁଣ୍ଠରେ ବାର ଗୋଟି ସିଂହାସନରେ ବିରାଜମାନ ହେବେ । ମାତ୍ର ସେହି ବାର ଜଣ ମଧ୍ୟରୁ ଏଗାର ଜଣ ଅନୁଚର ରହିଗଲେ ଏବଂ ଗୋଟିଏ ଶିଷ୍ୟ ବିପଥଗାମୀ ହୋଇଗଲା । ସେହିପରି ସେ କହିଥିଲେ ଯେ, ସେହି ଯୁଗର ଲୋକମାନେ ସେପର୍ଯ୍ୟନ୍ତ ମରିବେ ନାହିଁ, ଯେପର୍ଯ୍ୟନ୍ତ ମୁଁ ପ୍ରତ୍ୟାବର୍ତ୍ତନ କରିବି ନାହିଁ । ଅଥଚ ସେହି ଯୁଗ କ'ଣ ଅଠର ଶତାବ୍ଦୀ ଯାକର ଲୋକମାନେ ଯାଇ କବର ଭିତରେ ପଡି ରହିଲେଣି ଏବଂ ସେ ଏପର୍ଯ୍ୟନ୍ତ ସୁଦ୍ଧା ଆସିଲେ ନାହିଁ । ସେଥିଯୋଗୁଁ ସେହି ଯୁଗରେ ତାଙ୍କର ସେହି

ଭବିଷ୍ୟତ ବାଣୀ ମିଥ୍ୟାସିଦ୍ଧ ହୋଇଗଲା । ପୁଣି ସେ କହିଥିଲେ ଯେ, ମୁଁ ଇହୁଦିମାନଙ୍କ ରାଜା, କିନ୍ତୁ କୌଣସି ରାଜତ୍ୱ ତାଙ୍କୁ ମିଳିଲା ନାହିଁ । ଏହିପରି ଆହୁରି ଅନେକ ଅଭିଯୋଗ ରହିଛି । ଏତାଦୃଶ ଭାବରେ ଚଳିତ ଯୁଗରେ କେତେକ କୁତ୍ସିତ ପ୍ରବୃତ୍ତି ଲୋକ ହଜରତ ମୁହମ୍ମଦ ସ.ଅଙ୍କର କେତେକ ଭବିଷ୍ୟତ ବାଣୀ ପ୍ରତି ଆପତ୍ତି କରି ସମୁଦାୟ ଭବିଷ୍ୟତ ବାଣୀକୁ ଅସ୍ୱୀକାର କରୁଛନ୍ତି ଓ ଆଉ କେତେକ ହୁଦେବିୟା ଘଟଣାକୁ ଉପସ୍ଥାପନ କରୁଛନ୍ତି । ଏବେ ଯଦି ଏପରି ଅଭିଯୋଗଗୁଡ଼ିକ ଗ୍ରହଣୀୟ ଯୋଗ୍ୟ ହୁଏ, ତା'ହେଲେ ମୋତେ ସେହି ଲୋକମାନଙ୍କ ଉପରେ କାହିଁକି ବା ଦୁଃଖ ଲାଗିବ ? ମାତ୍ର ଏହାର ଭୟ ଅଛି ଯେ, ଏହି ପନ୍ଥାକୁ ଆପଣାଇ ଇସଲାମକୁ ହିଁ ବିଦାୟ କହି ନଦିଅନ୍ତୁ । ଯେପରିକି ସକଳ ଅବତାରଙ୍କ ଭବିଷ୍ୟତ ବାଣୀଗୁଡ଼ିକ ମଧ୍ୟରେ ସେହିପରି ମୋର ଭବିଷ୍ୟତ ବାଣୀଗୁଡ଼ିକ ମଧ୍ୟରେ କେତେକ ନିଜସ୍ୱ (ଭାବାର୍ଥ) ପ୍ରକାଶ କରିବାର ଦଖଲ ରହିଥାଏ, ଯେପରିକି ମୁହମ୍ମଦ ସ.ଅଙ୍କର ହୁଦେବିୟା ଯାତ୍ରାରେ ମଧ୍ୟ ନିଜସ୍ୱ ଦଖଲ ଥିଲା । ସେଥିପାଇଁ ତ ହୁଜୁରସ.ଅ (ହୁଦେବିୟା ଅଭିମୁଖେ) ଯାତ୍ରା କରିଥିଲେ, ମାତ୍ର ସେହି ଭାବାର୍ଥ ସଠିକ ସାବ୍ୟସ୍ତ ହୋଇ ନଥିଲା । ଅବତାରଙ୍କ ଗରିମା ଓ ପ୍ରତାପ ତଥା ପ୍ରତିଷ୍ଠା ଉପରେ ଏପରି (ପଦକ୍ଷେପ) ଦ୍ୱାରା କୌଣସି ଫରକ ପଡି ନଥାଏ ଯେ, କେବେ ସେ (ଦେଖିଥିବା ଦିବ୍ୟସ୍ୱପ୍ନର) ଭାବାର୍ଥ ପ୍ରକାଶ କରିବାରେ ତ୍ରୁଟିବିଚ୍ୟୁତ ମଧ୍ୟ ହୋଇଥାଏ । ଯଦି କୁହ ଯେ, ଏହା ଦ୍ୱାରା ଶାନ୍ତି ଉଠି ଯାଇଥାଏ ଓ ସାମାଜିକ ନିରାପତ୍ତା ବାଧାପ୍ରାପ୍ତ ହୋଇଥାଏ, ତା'ହେଲେ ଏହାର ଉତ୍ତର ହେଉଛି ଯେ, ବ୍ୟାପକତାର ଦିଗ ଏହି ଶାନ୍ତି ଓ ନିରାପତ୍ତାକୁ ସୁରକ୍ଷିତ ରଖିଥାଏ । କେତେବେଳେ ଅବତାରଙ୍କ ପ୍ରତି ଦୈବୀବାଣୀ ଏକକ ସମ୍ବାଦ ସଦୃଶ ହୋଇଥାଏ ଏବଂ ତତ୍‌ସହିତ ଅସ୍ୱଷ୍ଟ ମଧ୍ୟ ହୋଇଥାଏ । ଆଉ କେବେ ସେହି ଆକାଶୀୟ ବାଣୀ ଗୋଟିଏ ପ୍ରସଙ୍ଗରେ ବ୍ୟାପକ ଭାବେ ଓ ଅଧିକ ସ୍ୱଷ୍ଟ ରୂପେ (ଅବତୀର୍ଣ୍ଣ) ହୋଇଥାଏ । ସୁତରାଂ ଯଦି ଅସ୍ୱଷ୍ଟ ଦୈବୀବାଣୀରେ ନିଜସ୍ୱ ଅର୍ଥ କାଢିବାରେ କୌଣସି ଭୁଲ ବି ହୋଇଯାଏ, ତା'ହେଲେ ସ୍ୱଷ୍ଟ ନିର୍ଦ୍ଦେଶାବଳୀ ସମ୍ବଳିତ ବାଣୀକୁ ତାହା ଦ୍ୱାରା କୌଣସି ଧକ୍କା (ହାନୀ) ପହଞ୍ଚେ ନାହିଁ । ତେଣୁ ମୁଁ ଏହା ଅସ୍ୱୀକାର କରିପାରିବି ନାହିଁ ଯେ, ମୋର ଦୈବୀବାଣୀ ମଧ୍ୟ ଏକକ ସମ୍ବାଦ ସଦୃଶ ହୋଇଥିବ ତଥା ଅସ୍ୱଷ୍ଟ ହୋଇଥିବ ଏବଂ ତାହାକୁ ବୁଝିବାରେ ପ୍ରୟାସଗତ ତ୍ରୁଟି ସାଧିତ ହୋଇଥିବ । ଏହି ବିଷୟରେ ସମସ୍ତ ଅବତାରଙ୍କର ସହଭାଗୀତା

ରହିଛି । ଲା ନତୁଲ୍ଲାହି ଅଲଲ୍ କାଜିବୀନ୍ (ମିଥ୍ୟାବାଦୀଙ୍କ ଉପରେ ଅଲ୍ଲାଃଙ୍କର ଅଭିଶାପ ପଡୁ) ଏବଂ ତତ୍‌ସହିତ ଏହା ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ, ସତର୍କ କରିବା ଭବିଷ୍ୟତ ବାଣୀମାନଙ୍କରେ ଈଶ୍ୱର ଏଥିପାଇଁ ବାଧ୍ୟ ନୁହନ୍ତି ଯେ, ସେଗୁଡ଼ିକୁ ନିଶ୍ଚିତ ରୂପେ ପ୍ରକାଶ କରିବେ । ୟୁନୁସ ନବୀଙ୍କର ଭବିଷ୍ୟତ ବାଣୀ ଏହାର ପ୍ରତ୍ୟକ୍ଷ ସାକ୍ଷୀ । ଏହା ଉପରେ ସକଳ ଅବତାରଗଣ ଏକମତ ଯେ, ଈଶ୍ୱରଙ୍କ ନିୟମ ଯାହା ଶାସ୍ତି ବିଧାନ ରୂପରେ ରହିଥାଏ, ତାହା ଦାନ ଦକ୍ଷିଣା ଓ ପ୍ରାର୍ଥନା ବଳରେ ଟଳି ଯାଇପାରେ । ସୁତରାଂ ଯଦି ଦଣ୍ଡ ବିଧାନର ଭବିଷ୍ୟତ ବାଣୀ ଟଳିପାରିବ ନାହିଁ, ତେବେ ଦାନ ଦକ୍ଷିଣା ଓ ପ୍ରାର୍ଥନା କରିବା ନିରର୍ଥକ ସାବ୍ୟସ୍ତ ହେବ ।

ବର୍ତ୍ତମାନ ମୁଁ ଏହି ଭାଷଣକୁ ଶେଷ କରୁଛି ଏବଂ ପରମେଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରୁଛି, ଯିଏକି ଅସୁସ୍ଥତା ଓ ଶାରୀରିକ ଦୁର୍ବଳତା ସତ୍ତ୍ୱେ ଏହାକୁ ଲେଖିବା ପାଇଁ ମୋତେ ସାମର୍ଥ୍ୟ ପ୍ରଦାନ କଲେ ଏବଂ ଆମ୍ଭେ ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରୁଅଛୁ ଯେ, ଏହି ଭାଷଣକୁ ସଂଖ୍ୟାଧିକ (ଜନତା)ଙ୍କ ସକାଶେ ସତ୍‌ପଥର କାରଣ କରିଦିଅନ୍ତୁ । ଯେପରିକି ଏହି ସମାବେଶରେ ପ୍ରକାଶ୍ୟ ଭାବେ ଲୋକଙ୍କ ଭିଡ଼ ଦୃଷ୍ଟିଗୋଚର ହେଉଛି, ଏହିପରି ଭାବେ ସମସ୍ତ ହୃଦୟରେ ସତ୍‌ପଥ ପ୍ରତି ପରସ୍ପର ମଧ୍ୟରେ ସମ୍ପର୍କ ଓ ପ୍ରେମାନୁରାଗ ଉତ୍ପନ୍ନ କରିଦିଅନ୍ତୁ ଓ ପ୍ରତ୍ୟେକ ଦିଗରେ ସତ୍‌ପଥର ବାୟୁ ପ୍ରବାହିତ କରିଦିଅନ୍ତୁ । ଆକାଶୀୟ ଆଲୋକ ବିନା ଚକ୍ଷୁ କିଛି ବି ଦେଖିପାରି ନଥାଏ । ଅତଃ ଈଶ୍ୱର ଆକାଶରୁ ଆଧ୍ୟାତ୍ମିକ ଆଲୋକ ଅବତୀର୍ଣ୍ଣ କରନ୍ତୁ ଯଦ୍ୱାରା ଚକ୍ଷୁ ଦେଖିପାରିବ ଏବଂ ଅଦୃଶ୍ୟରୁ ବାୟୁ ଚାଳନା କରନ୍ତୁ ଯଦ୍ୱାରା କର୍ଣ୍ଣ ଶୁଣିପାରିବ । କିଏ ସେହି ବ୍ୟକ୍ତି, ଯିଏ ଆମ୍ଭ ନିକଟକୁ ଆସିପାରିବ, ମାତ୍ର ସେହି (ବ୍ୟକ୍ତି) ଯାହାକୁ ପ୍ରଭୁ ଆମ ଆଡ଼କୁ ଆକର୍ଷିତ କରିବେ । ସେ ଅନେକଙ୍କୁ ଆକର୍ଷିତ କରୁଛନ୍ତି ଓ (ଆସନ୍ତାରେ ମଧ୍ୟ) ଆକର୍ଷିତ କରିବେ ଏବଂ ଅନେକ ତାଲା ଭାଙ୍ଗିଦେବେ । ଆମ ଦାବିର ମୂଳାଧାର ହେଉଛି ଯୀଶୁ [ଅ.ସ]ଙ୍କ ମୃତ୍ୟୁ । ଏହି (ଧାରଣା)ର ମୂଳରେ ପ୍ରଭୁ ସ୍ୱୟଂ ନିଜ ହସ୍ତରେ ଜଳ ସିଞ୍ଚନ କରୁଛନ୍ତି ଓ ରସୁଲ୍ (ବାର୍ତ୍ତାବହ) ତାହାର ସୁରକ୍ଷା କରୁଛନ୍ତି । ଈଶ୍ୱର ନିଜ କଥନ ଦ୍ୱାରା ଓ ତାଙ୍କ ରସୁଲ୍ ନିଜ କାର୍ଯ୍ୟ ଦ୍ୱାରା ଅର୍ଥାତ ପ୍ରତ୍ୟକ୍ଷଦର୍ଶୀ ଭାବରେ ସାକ୍ଷ୍ୟ ଦେଇଛନ୍ତି ଯେ, ହଜରତ ଯୀଶୁ ମସିହ[ଅ.ସ] ମୃତ୍ୟୁବରଣ କରି ସାରିଛନ୍ତି । ଏବଂ ହଜରତ ମୁହମ୍ମଦ[ସ.ଅ] ମେରାଜ୍ (ସ୍ୱର୍ଗ ଭ୍ରମଣ

କରିବା ଯାତ୍ରା) ରାତିରେ ଯୀଶୁ ମସିହ ଅ.ସଙ୍କୁ ମୃତକ ଆତ୍ମାମାନଙ୍କ ମଧ୍ୟରେ ଦେଖି ନେଇଛନ୍ତି । କିନ୍ତୁ ବିଡ଼ମ୍ବନା ଏହିକି ଯେ, ଏହା ସତ୍ତ୍ୱେ ବି ଲୋକମାନେ ତାଙ୍କୁ ଜୀବିତ ରହିଥିବାର ମନେ କରୁଛନ୍ତି ଏବଂ ତାଙ୍କୁ ଏପରି ବିଶେଷ ଗୁରୁତ୍ୱ ଦେଉଛନ୍ତି ଯାହା ଅନ୍ୟ କୌଣସି ଅବତାରଙ୍କୁ ଦିଆଯାଇ ନାହିଁ । ଏହି ତଥ୍ୟ ଯୋଗୁଁ ଯୀଶୁ ମସିହ ଅ.ସଙ୍କ ଈଶ୍ୱରତ୍ୱକୁ ଖ୍ରୀଷ୍ଟିୟାନମାନଙ୍କ ବିଚାରରେ ଅଧିକ ଶକ୍ତି ମିଳୁଅଛି ଏବଂ ଅନେକ ଦୁର୍ବଳ ମାନସିକତା ସମ୍ପନ୍ନ ଲୋକ ଏପରି ଆସ୍ଥା ଦ୍ୱାରା ଠୋକର ଖାଇଥାନ୍ତି । ଆମ୍ଭେ ଏହାର ସାକ୍ଷୀ ଯେ, ଐଶ୍ୱର୍ଯ୍ୟମୟ ପ୍ରଭୁ ଆମ୍ଭଙ୍କୁ ସୂଚନା ଦେଇଛନ୍ତି ଯେ, ହଜରତ ଇସାଅ.ସ ମୃତ୍ୟୁବରଣ କରି ସାରିଛନ୍ତି । ଏବେ ତାଙ୍କୁ ଜୀବିତ କରିବା ଦ୍ୱାରା ଧର୍ମର ନାଶ ହେବ ଏବଂ ଏହି ଧାରଣାରେ ଲାଗି ରହିବା ଅର୍ଥ ନିଷ୍ଫଳ ପାଉଁଶକୁ ସାଉଁଟି ଧରିବା ସଦୃଶ । ଇସଲାମର ପ୍ରଥମ ଇଜ୍‌ମା (ସର୍ବସମ୍ମତ)ରେ ଏହି ଘୋଷଣା ସମ୍ମିଳିତ ଥିଲା ଯେ, କୌଣସି ଅବତାର ପୂର୍ବବର୍ତ୍ତୀ ଅବତାରମାନଙ୍କ ମଧ୍ୟରୁ ଜୀବିତ ନାହାନ୍ତି । ଯେପରିକି କୁରଆନର ଆୟତ୍:

مَا مُحَمَّدٌ اِلَّا رَسُوْلٌ قَدْ خَلَتْ مِنْ قَبْلِهِ الرُّسُلُ

ମାମୁହମ୍ମଦୁନ୍ ଇଲ୍ଲାରସୁଲ୍ କଦ୍‌ଖଲତ୍ ମିନ୍ କବ୍‌ଲିହିର୍ ରୁସୁଲ୍ (ଆଲେ ଇମ୍ରାନ 3:145) ଅର୍ଥାତ "କେବଳ ମୁହମ୍ମଦ ହିଁ ନୁହନ୍ତି, ଏହାଙ୍କ ପୂର୍ବରୁ ଯେତେ ବି ନବୀ ଆସିଥିଲେ, ସେ ସମସ୍ତେ ମୃତ୍ୟୁଲାଭ ପୂର୍ବକ ଇହଧାମ ତ୍ୟାଗ କର ଚାଲି ଯାଇଛନ୍ତି"ରୁ ଏହା ପ୍ରମାଣିତ ହୋଇଛି । ପରମେଶ୍ୱର ଅବୁବକର ର.ଅଙ୍କୁ ଏହାର ଅଜସ୍ର ପ୍ରତିଫଳ ପ୍ରଦାନ କରନ୍ତୁ ଯିଏକି ଏହି ସର୍ବସମ୍ମତିର ସୂତ୍ରଧାର ହୋଇଥିଲେ ଏବଂ ମଞ୍ଚ ଉପରେ ଚଢ଼ି ଏହି ଆୟତକୁ ପାଠ କରି ଶୁଣାଇଥିଲେ ।

ପରିଶେଷରେ ଆମ୍ଭେ ଏହି ଇଂରେଜ ସରକାରଙ୍କର ନିର୍ମଳ ହୃଦୟରୁ ଧନ୍ୟବାଦ ଜଣାଉଛୁ, ଯେକି ନିଜର ପ୍ରଶସ୍ତ ହୃଦୟରେ ଆମମାନଙ୍କୁ ଧାର୍ମିକ ସ୍ୱତନ୍ତ୍ରତା ପ୍ରଦାନ କରିଛନ୍ତି । ଏହି ସ୍ୱାଧୀନତା ଯୋଗାଇଥିବା ଯୋଗୁଁ ଆମେ ଅତ୍ୟନ୍ତ ଜରୁରୀ ଧର୍ମଜ୍ଞାନ ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛୁ । ଏହା ସେପରି କୌଣସି ସାଧାରଣ ଉପକାର ନୁହେଁ, ଯେଉଁଥି ପାଇଁ ଆମେ ମାମୁଲି ଢଙ୍ଗରେ ଏହି ସରକାରଙ୍କୁ ଧନ୍ୟବାଦ ଜଣାଉଛୁ । ବରଂ ହୃଦୟର ଗହ୍ୱରରୁ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ଯଦି ଏହି ବ୍ରିଟିଶ ପ୍ରଶାସନ ଆମକୁ ଲକ୍ଷାଧିକ ମୂଲ୍ୟର ଭୂସମ୍ପତ୍ତି (ଜମିଜମା)

ଦେଇଥାନ୍ତା କିନ୍ତୁ ଏପରି (ଧାର୍ମିକ) ସ୍ୱାଧୀନତା ଦେଇ ନଥାନ୍ତା, ତା'ହେଲେ ଆମେ ସତ୍ୟ କହୁଅଛୁ ଯେ, ସେହି ଅଚଳାଚଳ ସମ୍ପତ୍ତି ତାହାର ସମାନ ହୋଇ ନଥାନ୍ତା । କାରଣ ସଂସାରର ଧନ ଦୌଲତ ତ ଲୋପ ହୋଇଯିବ ମାତ୍ର ଏହା ସେହି ଧନ ଯାହାର ବିନାଶ ନାହିଁ । ଆମ୍ଭେ ନିଜର ଜମାଅତକୁ ଉପଦେଶ ଦେଉଅଛୁ ଯେ, ଏହି କୃପାଳୁ ସରକାରଙ୍କର ସ୍ୱଚ୍ଛ ମନରୁ କୃତଜ୍ଞ ହୋଇ ରହନ୍ତୁ । କାରଣ ଯେଉଁ ବ୍ୟକ୍ତି ମନୁଷ୍ୟ ପ୍ରତି କୃତଜ୍ଞତା ବ୍ୟକ୍ତ କରେ ନାହିଁ, ସେ ଈଶ୍ୱରଙ୍କ ପ୍ରତି ମଧ୍ୟ (କୃତଜ୍ଞତା ଜ୍ଞାପନ) କରେ ନାହିଁ । ସେ ହିଁ ହେଉଛି ପୁଣ୍ୟବାନ, ଯେପରି ପ୍ରଭୁଙ୍କ ସମୀପରେ କୃତଜ୍ଞତା ଜ୍ଞାପନ କରେ, ସେ ସେହି ମନୁଷ୍ୟକୁ ମଧ୍ୟ ଧନ୍ୟବାଦ ଦିଏ ଯାହା ମାଧ୍ୟମରେ ସେହି ବାସ୍ତବ ପୁରସ୍କାରଦାତା (ପ୍ରଭୁଙ୍କର) କୌଣସି ପୁରସ୍କାର ତାହାକୁ ପ୍ରାପ୍ତ ହୋଇଛି ।

ୱସ୍ ସଲାମୁ ଅଲା ମନିତ୍ତବା ଅଲ୍‌ହୁଦା

(ସତ୍‌ପଥ ଅନୁସରଣକାରୀଙ୍କ ପ୍ରତି ଶାନ୍ତି ଅବତୀର୍ଣ୍ଣ ହେଉ)

ସଶ୍ରଦ୍ଧା ଲେଖକ : ମିର୍ଜା ଗୁଲାମ ଅହମଦ କାଦିୟାନୀ

୧ ନଭେମ୍ବର ୧୯୦୪ ମସିହା, ଦିବାଙ୍କ : ମଙ୍ଗଳବାର

ସିଆଲକୋଟ୍

## ପାର୍ସୀ ପଦ୍ୟର ଓଡ଼ିଆ ଅନୁବାଦ

ହୁକମ୍ ଅସ୍ତ ଜେ ଆସମାଁ ବିଜମିଁ ମୀ ରସା ନମଶ୍

ଗର୍ ବିଶ ନଓମ୍ ନା ଗୌଏମଶ୍ ଆଁରା କୁଜ ବରମ୍

ମୁଁ ସ୍ୱର୍ଗୀୟ ଆଦେଶକୁ ପୃଥିବୀବାସୀଙ୍କ ନିକଟରେ ପହଞ୍ଚାଇ ଦେଲି ।

ଯଦି ମୁଁ ତାହା ଶୁଣିବା ପରେ ଲୋକମାନଙ୍କୁ ଅବଗତ ନକରାଏ ତେବେ ଆଉ କେଉଁଠି ବା ଏହା ବଖାଣିବି ?

ମାମୁରମ୍ ଓ ମରା ଚେ ଦରିଁକାର ଅଖ୍ତୀୟାର

ରୋ ଇଁ ସୁଖନ୍ ବିଗୁ ବଖୁଦାଓ୍ୱନ୍ଦ ଆମରମ୍

ମୁଁ ତ ନିର୍ଦ୍ଦେଶିତ, ମୋର ଏହି କାର୍ଯ୍ୟରେ (ନିଜସ୍ୱ) ଅକ୍ତିଆର ବା କ'ଣ ଅଛି ?

ଯାଅ ! ଯାଇ ଏକଥା ମୋତେ ପ୍ରେରଣ କରିଥିବା ଈଶ୍ୱରଙ୍କୁ ପଚାର ।

ଅୟେ ହସରତ୍ ଇଁ ଗିରୋଃ ଅଜିୟାଆଁ ମରା ନଦୀଦ୍

ଓ୍ୱକ୍ତି ବଃ ବିନଦମ୍ କେ ଅଜିଁ ଖାକ୍ ବିଗୁଜ୍‌ରମ୍

ଦୁଃଖଦ ଯେ, ମୋ ସମ୍ପ୍ରଦାୟର (ଲୋକମାନେ) ମୋତେ ଚିହ୍ନି ପାରିଲେ ନାହିଁ ।

ସେମାନେ ମୋତେ ସେତେବେଳେ ଜାଣିବେ (ଚିହ୍ନିବେ) ଯେବେ ମୁଁ ଏହି ଜଗତରୁ ଚାଲିଯିବି ।

ହର୍ ଶବ୍ ହଜାର୍ ଗମ୍ ବମନ୍ ଆୟଦ୍ ଜଦରଦେ କୌମ୍

ୟା ରବ୍ ନିଜାତ୍ ବଖଶ୍ ଅଜିଁ ରୋଜେ ପୁର୍ ଶର୍ମ

ପ୍ରତ୍ୟେକ ରଜନୀରେ ନିଜ ଜାତିର ପ୍ରଦତ୍ତ କଷଣ ଯୋଗୁଁ ମୋତେ ସହସ୍ର ଦୁଃଖ ମିଳୁଅଛି ।

ହେ ପ୍ରଭୁ ! ମୋତେ ଏହି କୋଳାହଳ ଓ ବିଷଦ ପୂର୍ଣ୍ଣ ଯୁଗ କବଳରୁ ରକ୍ଷା କର ।

ବାଦଅଜ୍ ରହମ୍ ହର୍ ଆଞ୍ଚେ ପସନ୍ଦନଦ୍ ହେଚ୍ ନିସ୍ତ

ବଦ୍ କିସମତ ଆଁକେ ଦର୍ ନଜରଶ୍ ହେଚ୍ ମୋହତରମ୍

ଆମ୍ଭ ମାର୍ଗ ବ୍ୟତିରେକେ ସେମାନେ ଯେଉଁ ମାର୍ଗ ମଧ୍ୟ ପସନ୍ଦ କରିବେ, ସେଥିରୁ (ତାଙ୍କୁ) କୌଣସି ସୁଫଳ ଲାଭ ହେବ ନାହିଁ ।

ହତଭାଗା ସେହି ବ୍ୟକ୍ତି ଯେ ନିକମା (ଲୋକକୁ) ଆଦର ସମ୍ମାନ କରେ ।

ବା'ଦ ଅଜ୍ ଖୁଦା ବଇଶ୍‌କେ ମୁହମ୍ମଦ୍ ମୁଖ୍‌ମରମ୍

ଗର୍ କୁଫର୍ ଇଁ ବଓ୍ୱଦ୍ ବଖୁଦା ସଖତ୍ କାଫରମ୍

ମୁଁ ହଜରତ ମୁହମ୍ମଦ ସ.ଅଙ୍କ ପ୍ରେମରେ ପରିପୂର୍ଣ୍ଣ

ଯଦି ଏହାକୁ ଅବଜ୍ଞା କହିବ, ତେବେ ପ୍ରଭୁଙ୍କ ରାଣ ମୁଁ ସବୁଠାରୁ ବଡ଼ ଅବଜ୍ଞାକାରୀ ।

ଯାନମ୍ ଗୁଦାଖତ୍ ଅଜ୍ ଗମେଁ ଇମାନତ୍ ଅୟେ ଅଜୀଜ୍

ଓ୍ୱଇଁ ତୁର୍ଫା ତର୍ କେ ମନ୍ ବ ଗୁମାଁନେ ତୁ କାଫିରମ୍

ହେ ପ୍ରିୟଜନ ! ତୁମ ବିଶ୍ୱାସ (ନ ଆଣିବା) ଦୁଃଖରେ ମୋ ପ୍ରାଣ ବିଲୀନ ହୋଇଗଲା ।

ତଥାପି ତୁମ ଦୃଷ୍ଟିରେ ମୁଁ (ଜଣେ) ଧର୍ମଦ୍ରୋହୀ ।

ୟା ରବ୍ ବଆବେ ଚଶ୍‌ମେ ମନ୍ ଇଁ କସ୍‌ଲେ ଶାଁବିଶୁ

କି ଇମ୍ରୋଜ୍ ତର୍ ଶଦ୍‌ଅସ୍ତ୍ ଅଜିଁ ଦରଦ୍ ବିସ୍ତରମ୍

ହେ ପ୍ରଭୁ ! ମୋର ଲୁହରେ ତାଙ୍କ (ସମସ୍ତ) ଆଳସ୍ୟକୁ ଧୋଇଦିଅ

କାରଣ ଏହି ବ୍ୟଥାରେ ଆଜି ମୋ ବିଛଣା ଭିଜି ଯାଇଛି ।

ଯାନମ୍ ଫିଦା ଶଓ୍ୱଦ୍ ବରାହେ ଦୀନେ ମୁସ୍ତଫା

ଇଁ ଅସ୍ତ୍ କାମେ ଦିଲ୍ ଅଗର୍ ଆୟଦ୍ ମୁୟସରମ୍

ମୋ ପ୍ରାଣ ମୁହମ୍ମଦ ସ.ଅଙ୍କ ଧର୍ମ ପଥରେ ଉତ୍ସର୍ଗ ହୋଇଯାଉ

ଏହା ହିଁ ମୋ ହୃଦୟର ଅଭିଳାଷ, ଏହି ଅବସର ମୋତେ ମିଳିଯାନ୍ତା କି !